# ଅନୁସ୍ୱାର

The Anuswaar
Monthly e-Magazine
Vol - 1/Issue-III/October-2025

ମାସିକ ଇ-ପତ୍ରିକା
ଅକ୍ଟୋବର -୨୦୨୫

## ପୂଜା ବିଶେଷାଙ୍କ



ସମ୍ପାଦନା : ସରୋଜ କୁମାର ଶତପଥୀ

Publisher :
Newtra Creations, Bhubaneswar
Contact Us : +91 9937128547 / Email : anuswaar.emagazine@gmail.com / Website : www.anuswaar.com

# ଅନୁସ୍ୱାର

## ମାସିକ ଇ-ପତ୍ରିକା

ପ୍ରଥମ ବର୍ଷ, ଦ୍ୱିତୀୟ ସଂଖ୍ୟା, ଅକ୍ଟୋବର ୨୦୨୫

ସମ୍ପାଦନା: ସରୋଜ କୁମାର ଶତପଥୀ

ପ୍ରକାଶକ: ନ୍ୟୁଟ୍ରା କ୍ରିଏସନ୍ସ
ପ୍ଲଟ୍ ନଂ-୫, ଜୟଦେବ ନଗର,
ଭୁବନେଶ୍ୱର-୭୫୧୦୦୨

ଯୋଗାଯୋଗ:
ମୋ: +୯୧ ୯୯୩୭୧୨୮୫୪୭

Vol. - I, Issue-II,October 2025
Editing :Saroj Kumar Satpathy
Publisher: Newtra Creations,Plot no-5, Jayadev Nagar,Bhubaneswar - 751002
Mob :+91 9937128547/e-mail : editor.anuswaar@gmail.com/
website : www.anuswaar.com/ www.newtracreations.com


# ଶାରଦୀୟ ଶୁଭେଚ୍ଛା



ଶାରଦୀୟ ଦୁର୍ଗାପୂଜାର ଏହି ପବିତ୍ର ଅବସରରେ, 'ଅନୁସ୍ୱାର' ମାସିକ ଡିଜିଟାଲ ପତ୍ରିକାର ସମସ୍ତ ପ୍ରିୟ ପାଠକ ଓ ସ୍ରଷ୍ଟାମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ! ଦେବୀଙ୍କ ଆଗମନ ଆମ ଭିତରେ ଥିବା ସମସ୍ତ ସୃଜନଶୀଳ ଶକ୍ତିକୁ ଜାଗ୍ରତ କରି ଆପଣମାନଙ୍କ ଲେଖନୀରେ ନୂତନ ଜୀବନୀ ଶକ୍ତି ସଞ୍ଚାର କରୁ ଏବଂ ଅଧିକ ଉତ୍ସାହର ସହିତ ସାହିତ୍ୟ ସୃଷ୍ଟି ଓ ପଠନ ଅଭ୍ୟାସରେ ମନୋନିବେଶ କରିବାକୁ ଉତ୍ସାହିତ କରି ଓଡିଆ ସାହିତ୍ୟ ତଥା ବାଣୀଭଣ୍ଡାରକୁ ସମୃଦ୍ଧ କରିବାରେ ଆପଣମାନଙ୍କ ସୃଜନଶୀଳତା ସର୍ବଦା ସହାୟ ହେଉ । ଶାରଦୀୟ ପୂଜା ଅବକାଶରେ ଅଧିକ ପଢ଼ନ୍ତୁ, ଅଧିକ ଲେଖନ୍ତୁ ଓ ଶବ୍ଦର ଶକ୍ତିକୁ ଆହୁରି ସମୃଦ୍ଧ କରନ୍ତୁ । 'ଅନୁସ୍ୱାର' ମାସିକ ଡିଜିଟାଲ ପତ୍ରିକା ର ପ୍ରୟାସ ଏହି ମାର୍ଗରେ ଆପଣଙ୍କର ସାଥୀ ହେଉ !

ସମ୍ପାଦକ - ଅନୁସ୍ୱାର

# ଶ୍ରଦ୍ଧାଞ୍ଜଳି



## ୰ଶ୍ରୀମତୀ ମନିକା ମହାପାତ୍ର

ତିରୋଧାନ : ୨୩.୦୯.୨୦୨୫

କାରୁବାକୀ ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସମ୍ପାଦିକା ତଥା ସୁସାହିତ୍ୟିକା ଓ କବୀ ଶ୍ରୀମତୀ ମନିକା ମହାପାତ୍ରଙ୍କ ବିୟୋଗରେ 'ଅନୁସ୍ୱାର'ମାସିକ ଡିଜିଟାଲ୍ ପତ୍ରିକା ତରଫରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ ।

ଅନୁସ୍ୱାର
ମାସିକ ଇ-ପତ୍ରିକା

# ଶ୍ରଦ୍ଧାଞ୍ଜଳି



## ୰ଡାକ୍ତର ବିଷ୍ଣୁ ଚରଣ ମିଶ୍ର

ତିରୋଧାନ : ୨୫.୦୯.୨୦୨୫

ବରିଷ୍ଠ ସାହିତ୍ୟିକ,ଲେଖକ, ସଂଗଠକ ତଥା ସର୍ବଭାରତୀୟ ବ୍ରାହ୍ମଣ ମହାସଂଘର ପ୍ରାକ୍ତନ ସଭାପତି ପଣ୍ଡିତ ଡାକ୍ତର ବିଷ୍ଣୁଚରଣ ମିଶ୍ରଙ୍କ ବିୟୋଗରେ 'ଅନୁସ୍ୱାର'ମାସିକ ଡିଜିଟାଲ୍ ପତ୍ରିକା ତରଫରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ ।

# ଆମ ପୃଷ୍ଠପୋଷକ


ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡଙ୍ଗୀ


ବସନ୍ତ କୁମାର ଦାସ


ପ୍ରଫେସର ଅଭୟ ବେହେରା


ଅପରାଜିତା


ପ୍ରତିମା ମିଶ୍ର


ମନୋରମା ପଣ୍ଡା


ବିନୋଦିନୀ ଗଉଡ଼


ଶରତ କୁମାରୀ ମିଶ୍ର


ଗୀତା ପଟ୍ଟନାୟକ


ପ୍ରତିଠୀ ମହାନ୍ତି


ମୌସୁମୀ ମିଶ୍ର


ପ୍ରଫେସର ବୀଣାପାଣି ତ୍ରିପାଠୀ


ଅନୁସୟା ବାରିକ


କମଳିନୀ ଦେବୀ


ରାଧାରାଣୀ ପଟ୍ଟନାୟକ


ଶୁଭଶ୍ରୀ ସିଂ


ଶୋଭାମୟୀ ପଣ୍ଡା


ମଧୁସ୍ମିତା ମହାପାତ୍ର


ଅନୀତା ମିଶ୍ର


ସୁବ୍ରତା ମିଶ୍ର


ନିହାରୀକା ରାୟ ବରାଳ


ଭୁବନେଶ୍ୱର ବିଶି


ଅଜୟ କୁମାର ସେଠୀ


ସଚ୍ଚିଦାନନ୍ଦ ବସ୍ତିଆ


ଶମ୍ଭୁନାଥ ରାଉଳ


ବୀରେଶ୍ୱର ମହାନ୍ତି


ଅସୀମା ରାୟ ଖୁଣ୍ଟିଆ


ରୀତା ମିଶ୍ର


ଆଶାଲତା ପାଣ୍ଡବ


ଦମୟନ୍ତୀ ଷଡ଼ଙ୍ଗୀ


ବୀଣାପାଣି ସାହୁ

# ନିବେଦନ

ପ୍ରିୟ ସୃଜନଶୀଳ ସ୍ରଷ୍ଟାଙ୍କୁ ବିନମ୍ର ପ୍ରଣାମ।

ଜାଣି ଖୁସି ହେବେ ଆମ ପ୍ରିୟ ମାସିକ ଡିଜିଟାଲ ସାହିତ୍ୟ ପତ୍ରିକା 'ଅନୁସ୍ୱାର'ର ଶୁଭ ଲୋକାର୍ପଣ ଗତ ୨୨.୦୫.୨୦୨୫ ତାରିଖରେ ବରେଣ୍ୟ ଅତିଥିମାନଙ୍କ କରକମଳରେ ପ୍ରିୟ ପାଠକ/ପାଠିକା ତଥା ଆପଣମାନଙ୍କ(ଲେଖକ/ଲେଖିକା) ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଛି ଏବଂ ଗତ ୧୯.୦୮.୨୦୨୫ ତାରିଖରେ ପତ୍ରିକାର ୱେବ୍ ସାଇଟ୍ www.anuswaar.com ମଧ୍ୟ ଲୋକାର୍ପିତ ହୋଇଛି। ଏହାର ଏକମାତ୍ର ଉଦ୍ଦେଶ୍ୟ ହେଲା ଆମେ ଏଭଳି ଏକ ପ୍ଲାଟ୍‌ଫର୍ମ ସୃଷ୍ଟି କରିବା, ଯେଉଁଥିରେ ଓଡ଼ିଆ ସାହିତ୍ୟକୁ ଭଲପାଉଥିବା ସମସ୍ତ ସୃଜନଶୀଳ ସ୍ରଷ୍ଟା ଓ ପାଠକଙ୍କର ସମନ୍ୱୟରେ ଓଡ଼ିଆ ସାହିତ୍ୟର ବିଶ୍ୱ ସ୍ତରରେ ପ୍ରଚାର ଓ ପ୍ରସାର ସହଜ ହୋଇପାରିବ। ଏହି ପରିପ୍ରେକ୍ଷୀରେ 'ଅନୁସ୍ୱାର', ଆପଣମାନଙ୍କ ବଳିଷ୍ଠ ଲେଖନୀ ଚାଳନା, ଦେଇଥିବା ଅନୁଦାନ ରାଶି ଓ ପ୍ରକାଶକ ସଂସ୍ଥା 'ନ୍ୟୁଟ୍ରା କ୍ରିଏସନ୍ସ'ର ସହଭାଗିତା ତଥା ନିରନ୍ତର ପ୍ରୟାସ ଯୋଗୁଁ ତିରିଶି ହଜାରରୁ ଉର୍ଦ୍ଧ୍ୱ ନିୟମିତ ପାଠକ ହାସଲ କରିପାରିଛି। ବର୍ତ୍ତମାନ ସୁଦ୍ଧା ଏକୋଇଶି ଲକ୍ଷରୁ ଉର୍ଦ୍ଧ୍ୱ ଆମ ପୋର୍ଟାଲର views ରହିଛି । ଦିନକୁ ଦିନ 'ଇ-ମ୍ୟାଗାଜିନ୍'ର ଚାହିଦା ବିଶ୍ୱସ୍ତରରେ ବଢ଼ିବାରେ ଲାଗିଛି। ନିଜର user friendly interface ଯୋଗୁ ଏହା ସମଗ୍ର ବିଶ୍ୱରେ ଥିବା ପ୍ରବାସୀ ଓଡ଼ିଆମାନଙ୍କ ପାଇଁ ବେଶ୍ ଉପଯୋଗୀ ହୋଇପାରୁଛି। ଆମ ପତ୍ରିକା ପାଇଁ କରାଯାଇଥିବା ପୋର୍ଟାଲ ଡିଜାଇନ ଭାରତବର୍ଷରେ ପ୍ରଥମ ଓ କେବଳ ଆମ ପାଖରେ ହିଁ ଅଛି। ଆଜି ଯାଏ ଅନ୍ୟ କୌଣସି ସାହିତ୍ୟ ସଂସଦ କିମ୍ବା ପ୍ରକାଶନୀ ସଂସ୍ଥା ଏଭଳି ବ୍ୟୟ ବହୁଳ ପୋର୍ଟାଲ ତିଆରି କରିନାହାନ୍ତି। କହିବା ବାହୁଲ୍ୟ ଯେ, ଆଜିର ଏଇ ଡିଜିଟାଲ୍ ଯୁଗରେ 'ଇ-ମ୍ୟାଗାଜିନ୍' ପ୍ରତ୍ୟେକଟି ସାହିତ୍ୟପ୍ରେମୀଙ୍କ ପାଖରେ ପହଞ୍ଚିବା ସହିତ ନୂତନ ଯୁବ ପିଢ଼ିର ଲେଖକ/ଲେଖିକାମାନଙ୍କୁ ଓଡ଼ିଆ ସାହିତ୍ୟ ପ୍ରତି ଆକୃଷ୍ଟ କରିବା ତଥା ବିଶ୍ୱ ଦରବାରରେ ସେମାନଙ୍କ ଲେଖାଗୁଡ଼ିକୁ ପହଞ୍ଚାଇବାର ଦାୟିତ୍ୱ ବହନ କରି ନିଜର ନିରନ୍ତର ପ୍ରୟାସ ଜାରି ରଖିଛି।

ଆସନ୍ତୁ, ଆମେ ସମସ୍ତେ 'ଇ-ମ୍ୟାଗାଜିନ୍'ର ଏହି ଯାତ୍ରାରେ ସାମିଲ୍ ହୋଇ 'ଅନୁସ୍ୱାର' ମାସିକ ଇ-ମ୍ୟାଗାଜିନ ବା ଡିଜିଟାଲ ମ୍ୟାଗାଜିନ ମାଧ୍ୟମରେ ଓଡ଼ିଆ ଭାଷା-ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଯଥା ସମ୍ଭବ ପ୍ରୟାସ କରିବା।



**ବିନୀତ,**
**ସମ୍ପାଦକ 'ଅନୁସ୍ୱାର'**

## ସମ୍ପାଦକୀୟ...



# ଓଡ଼ିଆ ଭାଷାକୁ ନଷ୍ଟ କରୁଛି ହିନ୍ଦୀ ଭାଷା

ବର୍ତ୍ତମାନ ସମସ୍ତ ଓଡ଼ିଆଙ୍କ ଭିତରେ ଏକ ଅନ୍ତର୍ନିହିତ ଭାଷାର ବିପଦ ମାଡ଼ିବସିଛି । ଯାହା ଚୁପ୍‌ଚାପ୍ ଆମ ଭାଷା, ଆମ ସାହିତ୍ୟ, ଆମ ଐତିହ୍ୟ ଓ ଆମ ସଂସ୍କୃତିକ ଅସ୍ମିତାକୁ ଧିରେଧିରେ ଗ୍ରାସ କରିବାକୁ ବସିଛି ।

ଭାଷା କେବଳ ଯୋଗାଯୋଗର ମାଧ୍ୟମ ନୁହେଁ । ଏହା ଏକ ଜନଜାତି ବା ଜନସମୁଦାୟର ସ୍ୱାଭିମାନ, ସଂସ୍କୃତି, ଐତିହ୍ୟ ଓ ଅସ୍ମିତାର ପ୍ରତୀକ । ଏହା ଜନସାଧାରଣଙ୍କର ସାମୁହିକ ଓ ସମ୍ପ୍ରଦାୟିକ ଭାବନା, ସଂସ୍କୃତି ଓ ଉନ୍ନତିର ମୂଳ ଉତ୍ସ କହିଲେ ଅତ୍ୟୁକ୍ତି ହେବନାହିଁ । ଏହାର ଏକ ବୃହତ୍ ଐତିହ୍ୟ ଓ ଲାଳିତ୍ୟ ରହିଛି । କିନ୍ତୁ ଦୁଃଖର ବିଷୟ ଯେ, ଓଡ଼ିଆ ଭାଷା ଜାତୀୟ ଭାଷା ହିନ୍ଦୀର ପ୍ରଭାବରେ ଘୋର ମାତ୍ରାରେ ପ୍ରଭାବିତ ହୋଇ ଅବକ୍ଷୟର ପଥରେ ପହଞ୍ଚିଛି ।

ବିଶେଷତଃ ସ୍କୁଲ ଶିକ୍ଷା ବ୍ୟବସ୍ଥା ଓ ଯୁବ ପିଢ଼ିଙ୍କ ମଧ୍ୟରେ ହିନ୍ଦୀ ଭାଷାର ଆସକ୍ତି ଅତ୍ୟଧିକ ମାତ୍ରାରେ ଦେଖିବାକୁ ମିଳୁଛି । ଯାହା ଓଡ଼ିଆ ଭାଷା ପାଇଁ ଏକ ଶ୍ରେଣୀଗତ ଅସୁବିଧା ସୃଷ୍ଟି କରୁଛି । ଯଦି ଜନମାନସର ଏହି ପ୍ରବୃତ୍ତିକୁ ବର୍ତ୍ତମାନ ରୋକା ନ ଯାଏ ତେବେ ଆଗାମୀ ପିଢ଼ି ପାଇଁ ଓଡ଼ିଆ ଏକ ପାଠ୍ୟ ପୁସ୍ତକର ଭାଷା ହୋଇ ରହିଯିବ । ହିନ୍ଦୀ ଭାଷାର ପ୍ରାଦୁର୍ଭାବ ଏତେ ମାତ୍ରାରେ ବଢ଼ି ଚାଲିଛି ଯେ, ଓଡ଼ିଶାର ଅନେକ ସ୍କୁଲ ଓ ଶିକ୍ଷା ପ୍ରତିଷ୍ଠାନରେ ଓଡ଼ିଆକୁ ଦ୍ୱିତୀୟ ବା ତୃତୀୟ ସ୍ଥାନରେ ରଖି ହିନ୍ଦୀ ଭାଷାକୁ ପ୍ରଥମ ଭାଷାର ଗୁରୁତ୍ୱ ଦିଆ ଯାଉଛି ।

ଆଧୁନିକତାର ବଶବର୍ତ୍ତୀ ହୋଇ ଲୋକେ ଓଡ଼ିଆ କହିବାକୁ ବା ଓଡ଼ିଆ ଭାଷା ବ୍ୟବହାର କରିବାକୁ ପ୍ରାୟତଃ କୁଣ୍ଠା ପ୍ରକାଶ କରୁଛନ୍ତି । ଘରେ ଥିବା ଛୋଟ ଛୋଟ ପିଲାମାନଙ୍କ ସହିତ ଅଭିଭାବକମାନେ ଓଡ଼ିଆ ବଦଳରେ ହିନ୍ଦୀ ଭାଷାରେ କଥାବାର୍ତ୍ତା କରି ନିଜର ଅଧୁନିକ ଚଳଣିର ପରିଚୟ ଦେଉଛନ୍ତି । କିନ୍ତୁ ତାହା ଯେ ଆମର ମାତୃଭାଷା ପ୍ରତି କେତେବଡ଼ ବିପଦ ସୃଷ୍ଟି କରୁଛି ସେଥିପ୍ରତି କାହାର ନଜର ନାହିଁ ।

ତେଣୁ ଓଡ଼ିଆ ଭାଷାର ଅଗ୍ରଗତି ପାଇଁ ଏକ ସଚେତନତା ଆନ୍ଦୋଳନର ଆବଶ୍ୟକତା ରହିଛି । ସ୍କୁଲ, କଲେଜ ଓ ସାମାଜିକ ମଞ୍ଚଗୁଡ଼ିକରେ ଓଡ଼ିଆ ଭାଷା ପ୍ରତି ନିଷ୍ଠା ପ୍ରତିଷ୍ଠା ହେବା ନିହାତି ଆବଶ୍ୟକ । ଯଦି ଏପରି କରାଯାଏ ତେବେ ସମସ୍ତ ଓଡ଼ିଆ ଜନତା ନିଜ ଭାଷା ପ୍ରତି ଗର୍ବ ଅନୁଭବ କରିବେ । ତେଣୁ ଭବିଷ୍ୟତ ଓଡ଼ିଆ ଭାଷାର ସୁରକ୍ଷା ନିମନ୍ତେ ଏକ ମଜବୁତ୍ ଉଦ୍ୟମ ଆବଶ୍ୟକ । ଏହା କେବଳ ଆମମାନଙ୍କର ଭାବନାରେ ସୀମିତ ନ ରହି ଆମର ଜୀବନଚର୍ଯ୍ୟାରେ ସାମିଲ ହେଲେ ହିଁ ଓଡ଼ିଆ ଭାଷାର ଶ୍ରୀବୃଦ୍ଧି ଘଟିବା ସହ ତା'ର ସୁରକ୍ଷା ପ୍ରତି ଆମମାନଙ୍କର ସାମୁହିକ ଦାୟିତ୍ୱବୋଧ ମଧ୍ୟ ବଢ଼ିବ ଏବଂ ଆଗମୀ ପିଢ଼ି ଆମ ପ୍ରିୟ ଓଡ଼ିଆ ଭାଷା ପ୍ରତି ଆକୃଷ୍ଟ ହେବେ ।

ତେଣୁ ଆସନ୍ତୁ ଆମେ ସମସ୍ତେ ଆମ ଓଡ଼ିଆ ଭାଷାକୁ ନୂତନ ପିଢ଼ି କିପରି ପ୍ରାଥମିକତା ଭିତ୍ତିରେ ବ୍ୟବହାର କରିବେ ସେଥିପ୍ରତି ଉଦ୍ୟମ କରିବା ।

**ସରୋଜ କୁମାର ଶତପଥୀ**
**ସମ୍ପାଦକ**

# ମୁଖଶାଳା


| କ.ନଂ. | ବିଷୟ | ଲେଖ କ/ଲେଖି କା | ପୃଷ୍ଠା |
|---|---|---|---|
| ୦୧. | ଓଡ଼ିଆ ଭାଷାକୁ ନଷ୍ଟ କରୁଛି ହିନ୍ଦୀ ଭାଷା | ସରୋଜ କୁମାର ଶତପଥୀ | ୦୧ |


## ଗଦ୍ୟ ବିଭାଗ


| | | | |
|---|---|---|---|
| ୦୨. | ସ୍କାଇଲାବ୍ ଓ ଭରତିଆ ପକ୍ଷୀ | ପ୍ରଫେସର ମଣୀନ୍ଦ୍ର କୁମାର ମେହେର | ୦୬ |
| ୦୩. | ମୋ ସ୍ମୃତି ଫରୁଆରେ ଶମ୍ଭୁ: ଏକ ଆତ୍ମିକ ଅନୁଶୀଳନ | ଶ୍ରୀଧର ମୁଦୁଲି | ୧୧ |
| ୦୪. | ରତ୍ନ ସିଁହାସନରେ ସପ୍ତଧା ବିଗ୍ରହ | ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ | ୧୪ |
| ୦୫. | ପଥପ୍ରାନ୍ତ ନାଟକ -୧ | ବିରଞ୍ଚି ମିଶ୍ର | ୧୫ |
| ୦୬. | ଅଫେରା ରାସ୍ତାରୁ ଲେଉଟାଣି | ଛନ୍ଦା ମିଶ୍ର | ୧୭ |
| ୦୭. | କଥାରେ କଥାରେ-୧୪ | ମନୋରମା ମିଶ୍ର | ୧୮ |
| ୦୮. | ଅଦୃଶ୍ୟ ଆଶୀର୍ବାଦ | ବିନୋଦିନୀ ଗଉଡ଼ | ୧୯ |
| ୦୯. | ପାପ ଆଉ ପୁଣ୍ୟ | ସୁନନ୍ଦା ମହାନ୍ତି | ୨୨ |
| ୧୦. | ଅଲୋଡ଼ା ଅତିଥି | ପ୍ରମୋଦ କୁମାର ମହାପାତ୍ର | ୨୩ |
| ୧୧. | ସୋନାଲିର ସ୍ୱପ୍ନ | ଶ୍ରୀମତୀ ଗୋପା ଦାସ | ୨୫ |
| ୧୨. | ପ୍ରଜ୍ଞାପୁରୁଷ ଗୋକୁଳାନନ୍ଦ | ମାନଗୋବିନ୍ଦ ବାରିକ | ୨୭ |
| ୧୩. | ପରୀକ୍ଷାର ମାପକାଠି | ରଶ୍ମି ସାମଲ | ୨୯ |


## ପଦ୍ୟ ବିଭାଗ


| | | | |
|---|---|---|---|
| ୧୪. | ଆବାହନ | ଶ୍ରୀମତୀ ଶୈଳାଧିରାଜତନୟା ଶତପଥୀ | ୩୨ |
| ୧୫. | ବିଜୟା ଦଶମୀ | ପ୍ରତିମା ମିଶ୍ର | ୩୩ |
| ୧୬. | ଦୁର୍ଗେ ଜଗତଜନନୀ | ଡ.ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ | ୩୪ |
| ୧୭. | ନାଇଁନ ଭାଷାର୍ ଦୋଷ୍(କୋଶଲୀ କବିତା) | ପ୍ରଫୁଲ୍ଲ କୁମାର ତ୍ରିପାଠୀ | ୩୫ |
| ୧୮. | ନାଗରମଣି | ପ୍ରଫେସର ଅଭୟ ବେହେରା | ୩୬ |
| ୧୯. | ଦିନେ | ପ୍ର. ବୀଣାପାଣି ତ୍ରିପାଠୀ | ୩୭ |
| ୨୦. | ଅନ୍ତଃସ୍ୱର | ସରୋଜ କୁମାର ଶତପଥୀ | ୩୮ |
| ୨୧. | ବସିଛି ଏକା ହୋଇ | ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ | ୩୯ |
| ୨୨. | ଅନୁଭବ | ଯୋଗେଶ ଚନ୍ଦ୍ର ମିଶ୍ର | ୪୦ |
| ୨୩. | ରଙ୍ଗ ପୀରତି - ୧୪ | ବିଦ୍ୟାଧର ଗୁରୁ | ୪୧ |
| ୨୪. | କୃଷ୍ଣଚୂଡ଼ାର ହସ | ବସନ୍ତ କୁମାର ଦାସ | ୪୨ |
| ୨୫. | ଚାନ୍ଦିନୀ ଚନ୍ଦ୍ରକିଶୋରୀ | ସଚି ବେହେରା | ୪୩ |
| ୨୬. | ଆଶାର ସୂର୍ଯ୍ୟୋଦୟ | ଅପରାଜିତା | ୪୪ |
| ୨୭. | ମା'ଦୁର୍ଗାଙ୍କ ଶୋକ | କମଳିନୀ ଦେବୀ | ୪୫ |
| ୨୮. | ଝରା ଶେଫାଳୀ ମୁଁ | ଶରତ କୁମାରୀ ମିଶ୍ର | ୪୬ |
| ୨୯. | କୁଆଁରୀ ଜହ୍ନ | ସରୋଜଲକ୍ଷ୍ମୀ ମହାନ୍ତି | ୪୭ |
| ୩୦. | ଉର୍ମିଳା | ଶିବପ୍ରିୟା ମିଶ୍ର | ୪୮ |
| ୩୧. | ଝରା ଶେଫାଳି | ମଧୁସ୍ମିତା ମହାପାତ୍ର | ୪୯ |

# ମୁଖଶାଳା


| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୩୨. | ବିବଶ | ସୁବ୍ରତା ମିଶ୍ର | ୫୦ |
| ୩୩. | କାରଣ ହୁଏନା ଭାବି | ଚମକ ଚାନ୍ଦିନୀ ଦାଶ | ୫୧ |
| ୩୪. | ଜୀବନ ପାତ୍ର | ଅନ୍ନଦା ମିଶ୍ର | ୫୨ |
| ୩୫. | କ୍ଷୀଣ ଦୀପଶିଖା | ଡକ୍ଟର ପ୍ରବୀଣା ପରିଡ଼ା | ୫୩ |
| ୩୬. | ମା | ବୀରେଶ୍ୱର ମହାନ୍ତି | ୫୪ |
| ୩୭. | ଦଶ'ରା | ନୀଳମଣି ଚାନ୍ଦ | ୫୫ |
| ୩୮. | ବେଦୀ | ନୀଳ ମାଧବ କର | ୫୬ |
| ୩୯. | ଅପହରଣ | ଶମ୍ଭୁନାଥ ରାଉଳ | ୫୭ |
| ୪୦. | ମାତ ଦୁର୍ଗେ | ଯଜ୍ଞଦତ୍ତ ସାମନ୍ତରାୟ | ୫୮ |
| ୪୧. | ଭୁବନେଶ୍ୱର ଆସିଲେ ଆସିବ | ଜ୍ୟୋତିପ୍ରକାଶ ଗଡ଼ତ୍ୟା | ୫୯ |
| ୪୨. | ଅପେକ୍ଷମାଣ | ପ୍ରଦ୍ୟୁମ୍ନ ପଟ୍ଟନାୟକ | ୬୦ |
| ୪୩. | ଶାରଦୀୟ ପ୍ରତ୍ୟୁଷର ପ୍ରତିଲିପି | ମାନଗୋବିନ୍ଦ ବାରିକ | ୬୧ |
| ୪୪. | ନବରାତ୍ରୀର ନବଦୁର୍ଗା | ଶ୍ରୀମତୀ ବାସନ୍ତୀ ବାରିକ | ୬୨ |
| ୪୫. | କ୍ଷୁବ୍ଧ | ଅଞ୍ଜଳି ଆଚାର୍ଯ୍ୟ | ୬୩ |
| ୪୬. | କାତ୍ୟାୟିନୀ | ପ୍ରଫେସର ପ୍ରତିମା ଷଡ଼ଙ୍ଗୀ | ୬୪ |
| ୪୭. | ଡଅପୋଇ | ହରପ୍ରିୟା ପଣ୍ଡା | ୬୫ |
| ୪୮. | ସମୟ ସାଥିରେ | ଆଶାଲତା ପାଣ୍ଡବ | ୬୬ |
| ୪୯. | ଜୟ ଗୁରୁଦେବ | ଶୋଭାମୟୀ ପଣ୍ଡା | ୬୭ |
| ୫୦. | ଦଶହରା | ରାଧାରାଣୀ ପଟ୍ଟନାୟକ | ୬୮ |
| ୫୧. | ପଲ୍ଲୀକବି ମନୋହର ମେହେର | ପ୍ରତିମା ପାତ୍ର | ୬୯ |
| ୫୨. | ଦୂର ସମ୍ପର୍କୀୟ | ଅସୀମା ରାୟ ଖୁଣ୍ଟିଆ | ୭୦ |
| ୫୩. | ଫେରାଇବା ଓ ଫେରି ପାଇବାର ହିସାବ | ନୀନା ବଳିୟାର ସିଂ | ୭୧ |
| ୫୪. | କରୁଣାମୟୀ | ଅନୀତା ମିଶ୍ର | ୭୨ |
| ୫୫. | ନୀଳାଚଳ ମୋତେ ନେ ରେ କାଳିଆ | ଶ୍ରୀମତୀ ରୀତା ମିଶ୍ର | ୭୩ |
| ୫୬. | ସ୍ମୃତି ଫଗୁଆ | ଶୁଭଶ୍ରୀ ସିଂ | ୭୪ |
| ୫୭. | ଜୀବନ ଅମୃତ ବିନ୍ଦୁ | ଅନୁସନ୍ଧ୍ୟା ବାରିକ | ୭୫ |
| ୫୮. | ମାଆ ତୁମେ ଆସିବ ବୋଲି | ହେମଲତା ଜେନା | ୭୬ |
| ୫୯. | ସ୍ୱପ୍ନର ରଙ୍ଗ | ଅପରାଜିତା ତ୍ରିପାଠୀ | ୭୭ |
| ୬୦. | ବତୁରା ସ୍ୱପ୍ନ | ସୌଦାମିନୀ ବେହେରା | ୭୮ |
| ୬୧. | ମୁକୁତାବରଣୀ | ସ୍ୱର୍ଣ୍ଣଲତା ମହାପାତ୍ର | ୭୯ |
| ୬୨. | ଅନୁଭୂତିରେ ମା' ତାରିଣୀ | ପ୍ରତିତୀ ମହାନ୍ତି | ୮୦ |
| ୬୩. | ଶୁଭ ଦୁର୍ଗାଷ୍ଟମୀ | ପୁଷ୍ପାଞ୍ଜଳି ପଣ୍ଡା | ୮୧ |
| ୬୪. | ଆକୁଳିତ ମନ | ମନୋରମା ପଣ୍ଡା | ୮୨ |
| ୬୫. | ମହାଶିକ୍ତ ଆଜି ମାଟି ଓ ଆକାଶ | ରଶ୍ମିରେଖା ବେହେରା | ୮୩ |
| ୬୬. | ଜୀବନ ସାଥି ଅପେକ୍ଷାରେ | ଯଶୋବନ୍ତୀ ସା | ୮୪ |
| ୬୭. | ତୁମେ | ଗଗନ ବିହାରୀ ନାୟକ | ୮୫ |
| ୬୮. | ଯୁଦ୍ଧ | ପ୍ରିୟଦର୍ଶିନୀ ନାୟକ | ୮୬ |
| ୬୯. | ଅନ୍ୟମନସ୍କ-୪ | ମୌସୁମୀ ମିଶ୍ର | ୮୭ |
| ୭୦. | ହେ ବୟସ ! | ସୁଶ୍ରୀ ପଲ୍ଲବିତା ସାହୁ | ୮୮ |
| ୭୧. | ମୋ ଝିଅ ଚିଠି ଲେଖିଛି | ଜ୍ୟୋତିଶ୍ରୀ ଦାସ | ୮୯ |
| ୭୨. | ମୋକ୍ଷ ପଦ | ଭୁବନେଶ୍ୱର ବିଶି | ୯୦ |

# ମୁଖଶାଳା


| କ.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୭୩. | ବିଶ୍ୱାସ | ଗୀତାଞ୍ଜଳି ପାତ୍ର | ୯୧ |
| ୭୪. | ମୋ ମାଆ | ଦମୟନ୍ତୀ ଷଡ଼ଙ୍ଗୀ | ୯୨ |
| ୭୫. | ତୁମେ ଓ ସେ | ସ୍ନିଗ୍ଧା ଜି. ମହାପାତ୍ର | ୯୩ |
| ୭୬. | ମୃତ୍ୟୁ ସହ ଲଢ଼େଇ (ମୂଳଲେଖା - ଅଟଳବିହାରୀ ବାଜପେୟୀ) | ବୀଣାପାଣି ସାହୁ | ୯୪ |
| ୭୭. | ତଥାସ୍ତୁ | ହୃଦୟତା ମିଶ୍ର | ୯୫ |
| ୭୮. | ସଖୀ | ମମତାବାଳା ହୋତା | ୯୬ |
| ୭୯. | ଖୋଳପା ଭିତରେ ଭାବ | ପ୍ରମୋଦ କୁମାର ରାଉଳ | ୯୭ |
| ୮୦. | ମାଆଲୋ ତୁ ଆସୁଛୁ ବୋଲି | ସଚ୍ଚିଦାନନ୍ଦ ବସ୍ତିଆ | ୯୮ |
| ୮୧. | ତୁମେ ମୋ ସରଳତା | ତାରାପ୍ରସାଦ ଜେନା | ୯୯ |
| ୮୨. | ଶୂନ୍ୟ ମନ୍ଦିର | ସୁଜିତ୍ କୁମାର ଜେନା | ୧୦୦ |
| ୮୩. | ଆଜିର ଦୁନିଆ | ଅଞ୍ଜଳୀ ପରମଗୁରୁ | ୧୦୧ |
| ୮୪. | ମାଆ ନାମେ ଆସ ଗଛଟେ ପୋତିବା | ଅଜୟ କୁମାର ସେଠୀ | ୧୦୨ |
| ୮୫. | ଅନ୍ୟମନସ୍କ | ଅଭିପ୍ସା ପ୍ରିୟଦର୍ଶିନୀ | ୧୦୩ |
| ୮୬. | ଦଶହରା | ସଙ୍ଘମିତ୍ରା ମହାପାତ୍ର | ୧୦୪ |
| ୮୭. | ଚନ୍ଦ୍ରା ବେହେରାଣୀ | ଅଜୟ କୁମାର ମହାନ୍ତି | ୧୦୫ |
| ୮୮. | ଶାଶ୍ୱତର ସ୍ୱର | ସାବିତ୍ରୀ ଦାସ | ୧୦୬ |
| ୮୯. | ପ୍ରକାଶିତ ଖବର ଓ ପତ୍ରିକାର ୱେବ୍ ସାଇଟ୍ ଓ 'ପ୍ରୀତିମଗ୍ନା' ପୁସ୍ତକ ଲୋକାର୍ପଣ ସମୟର କିଛି ସ୍ମୃତି | | ୧୦୭ |




# ଗଦ୍ୟ ବିଭାଗ



# ସ୍କାଇଲାବ୍ ଓ ଭରତିଆ ପକ୍ଷୀ



ପ୍ରଫେସର ମଣୀନ୍ଦ୍ର କୁମାର ମେହେର



ସାନବୁବୁଙ୍କ ଆକସ୍ମିକ ଆବିର୍ଭାବରେ ଆମେ ସାରା ପରିବାର ଯେତିକି ଆନନ୍ଦ ମଗ୍ନ ହୋଇଉଠିଲୁ ସେତିକି ମଧ୍ୟ ହେଲୁ ବିସ୍ମିତ । ସେ ସମୟରେ ଯଦିଓ ନଥିଲା ଟେଲିଫୋନ୍ ସଂଯୋଗ ଚିଠିପତ୍ର ମାଧ୍ୟମରେ ବି କୌଣସି ସୂଚନା ପାଇନଥିଲୁ । ତେବେ ସାନବୁବୁ ଅର୍ଥାତ୍ ମୋର ସାନ ପିଉସୀ ତାଙ୍କ ପୁଅଝିଅ ମୋର ଅତିପ୍ରିୟ ଭାଇଭଉଣୀଙ୍କୁ ନେଇ ଯେତେବେଳେ ପହଞ୍ଚିଯାଆନ୍ତି ବରପାଲି ସେତେବେଳେ ବର୍ଷା ଋତୁର ଖଜୁର ବନ୍ଧ ପରି ଉଚ୍ଛୁଳି ଉଠେ ମୋର ହୃଦୟ । ନିଜ ଅନୁଭବକୁ ପ୍ରକାଶ କରିବା ପାଇଁ ମୁଁ କ'ଣ କେବେହେଲେ ହୋଇଛି ସକ୍ଷମ? ମୋର ମାଆ ମୋ ଅନ୍ତରର କଥାକୁ ପ୍ରଦାନ କରନ୍ତି ଉପଯୁକ୍ତ ଭାଷାର ଆନ୍ତରିକ ଆଭରଣ । ମାଆ କହନ୍ତି ପିଉସୀଙ୍କ ଉଦ୍ଦେଶ୍ୟରେ- "ସାନନନୀ, ତୁମେ ଆସିଲେ ବାବୁର ଦେହରେ ପୋଷେ ରକ୍ତ କଅଁଳି ଉଠେ । ଅର୍ଥାତ୍ ସାନ ପିଉସୀଙ୍କ ଆଗମନ ମୋ ଭିତରେ ସଞ୍ଚାର କରେ ନୂତନ ରକ୍ତଧାର । ସାନବୁବୁ ବି ଏହା ବୁଝିପାରନ୍ତି ଯଥାର୍ଥ ଭାବରେ । ସେଦିନ ଅଚାନକ ଆଗମନ ମୋତେ କିପରି ବିହ୍ୱଳ କରିଦେଇଥିବ, ତାହା ବୁଝାଇ କହିବାର ଆବଶ୍ୟକତା ନାହିଁ ।

ତେବେ ମନରେ ଭରିଗଲା ଅପ୍ରମିତ ଉଦବେଗ । କାରଣ ସାନପିଉସୀ ଆସୁଆସୁ ଆମ ବାରଣ୍ଡାରେ ପଡିଥିବା ଖଟଟି ଉପରେ ବସି ଏକପ୍ରକାର ଢଳିପଡ଼ିଲେ । ଆଉ ଛାଡିଲେ ଏକ ଦୀର୍ଘ ନିଶ୍ୱାସ । ତଥାପି ସେ ହୋଇଯାଉଥାନ୍ତି ଧଇଁସଇଁ । ପ୍ରଥମେ ଆମେ ଭାବିଲୁ ସୋନପୁରରୁ ବସରେ ଆସିଥିବା ଯୋଗୁ ବୋଧହୁଏ ସେ ହୋଇପଡିଛନ୍ତି କ୍ଲାନ୍ତ ଓ ଅବସନ୍ନ । ସାଙ୍ଗରେ ତାଙ୍କର ଆସିଥାନ୍ତି ମନୋରଞ୍ଜନ ଦାଦା, ମଞ୍ଜୁଳାନାନୀ, ସାନ ଭଉଣୀ ମଞ୍ଜରୀ ଓ ସାନଭାଇ ମୃତ୍ୟୁଞ୍ଜୟ । ମୃତ୍ୟୁଞ୍ଜୟକୁ ଆମେ ସମସ୍ତେ ଡାକୁ ବାବୁ ବା ଭାଇ ବୋଲି । ଘରର ସମସ୍ତେ ସାନବୁବୁଙ୍କ ଶୋଇଥିବା ଖଟ ଚାରିପଟେ ଘେରିଯାଇ ପଚାରୁଥିଲେ ନାନା ପ୍ରଶ୍ନ । ବଡମାମା, ମଝିଆ ମାମା, ମଝିଆ ବୁବୁ ସମସ୍ତେ ବସିରହିଲେ ତାଙ୍କ ପାଖରେ । ପ୍ରଥମେ ଲେମ୍ବୁ ସରବତ ଗୋଟିଏ ଗ୍ଲାସ୍ ତାଙ୍କୁ ଦେବାରୁ ସେ ତାହାର

ଅର୍ଦ୍ଧାଂଶ ମାତ୍ର ଗ୍ରହଣ କରିପାରିଲେ । ପୁନଶ୍ଚ ନିୟନ୍ତ୍ରଣ ହରାଇ ଢଳି ପଡିଲେ ପୂର୍ବପରି ଏବଂ ସେହି ଆଗଭଳି ଧଇଁସଇଁ ହୋଇଉଠୁଥାନ୍ତି । ମୁଁ ସମ୍ବଲପୁରୀ ବସ୍ତ୍ରାଳୟକୁ ଯାଇ ଚାକିରୀ କରୁଥିବା ମୋର ବଡବାପା ଓ ବାପାଙ୍କୁ ଦେଲି ଖବର । ସେମାନେ କାଳ ବିଳମ୍ବ ନକରି ପହଞ୍ଚିଗଲେ ଘରକୁ । ଆମେ ସମସ୍ତେ ଏକଥା ଜାଣୁ ଯେ ସାନବୁବୁଙ୍କ ଶାରୀରିକ ଅସୁସ୍ଥତା ଲାଗିରହିଥାଏ ସର୍ବଦା । ଏହା ସହିତ ତାଙ୍କର ମାନସିକ ଅସୁସ୍ଥତା ମଧ୍ୟ ହୋଇଥାଏ ଚିନ୍ତାର କାରଣ । ଅଧିକ ଅସୁସ୍ଥ ଅନୁଭବ କଲେ ପିଉସା ତାଙ୍କୁ ଆଣି ଛାଡିଦିଅନ୍ତି ଆମଘରେ । କିଛିଦିନ ସୁସ୍ଥହେବା ପର୍ଯ୍ୟନ୍ତ ରହି ପୁଣି ପୁଅଝିଅଙ୍କ ସହ ପ୍ରତ୍ୟାବର୍ତ୍ତନ କରନ୍ତି ସେ ଘରକୁ ।

ସାନବୁବୁଙ୍କ ଠାରୁ ଆରମ୍ଭ କରି ପ୍ରତିଟି ଭାଇଭଉଣୀଙ୍କ ସହିତ ମୋର ଆତ୍ମିକ ସଂଯୋଗ କି ଗଭୀର ତାହା ଆଜିବି କଳନା କରିବାରେ ମୁଁ ଅକ୍ଷମ । ସାନବୁବୁ ଆସିବା ଦ୍ୱାରା ଗୋଟିଏ ଦୃଷ୍ଟିରୁ ଉଲ୍ଲାସ ଅନୁଭବ କରୁଥିବା ବେଳେ ତାଙ୍କର ଏପରି ଦୟନୀୟ ଅବସ୍ଥା ଦେଖି ମୁଁ ବି ହୋଇଯାଇଥାଏଁ ଚିନ୍ତାମଗ୍ନ । ଭାଇଭଉଣୀଙ୍କ ମୁହଁରେ ମଧ୍ୟ ଫୁଟିଉଠୁଥାଏ ଉଦବିଗ୍ନତା । ସାନବୁବୁ ଧୀରେଧୀରେ ଯେତେବେଳେ ସ୍ୱାଭାବିକ ଅବସ୍ଥାକୁ ଆସିଲେ, ସେତେବେଳେ ମନୋରଞ୍ଜନ ଦାଦାଙ୍କୁ ଦେଖି ହସିଦେଲେ ମାଧବୀ ଫୁଲଟି ପାଖୁଡା ମେଲିଦେବା ପରି । ମନୋରଞ୍ଜନ ଦାଦାଙ୍କ ଗାମ୍ଭୀର୍ଯ୍ୟ ମଧ୍ୟ ଗୋଟିଏ ମୁହୂର୍ତ୍ତରେ ହୋଇଗଲା ଭୂତଳଶାୟୀ । ହସିହସି ସେ ତାଙ୍କ ମାଆଙ୍କୁ କହିଲେ - "ଏଥର ହେଲାତ ମାଆ? ଭଲ ଲଗିଲାତ ତୁମକୁ?" ସାନବୁବୁ ବି ହସୁଥାନ୍ତି । ବାପା, ବଡବାପା ଘଟଣା ସମ୍ପର୍କରେ ଜାଣିବା ପାଇଁ ଯେତେବେଳେ ପ୍ରକାଶ କଲେ ନିଜର ଉତ୍କଣ୍ଠା, ତାଙ୍କର ପ୍ରିୟ ଭଣଜା ମନୋରଞ୍ଜନ ଦାଦା ବିସ୍ତୃତ ଭାବରେ ବର୍ଣ୍ଣନା କଲେ ସେମାନଙ୍କ ଅଚାନକ ଆଗମନର ରହସ୍ୟ ।

ସମ୍ଭବତଃ ଏ ଘଟଣା ହେଉଛି ୧୯୭୯ ମସିହାର । ସେତେବେଳେ ବୋଧହୁଏ ମୋର ମାଟ୍ରିକ୍ ରେଜଲ୍ଟ ବାହାରିସାରିଥାଏ । ମୁଁ ପରୀକ୍ଷାରେ କୃତକାର୍ଯ୍ୟ ନହେବାର ନିଶ୍ଚିତତା ରହିଥିଲେ ମଧ୍ୟ କିପରି ଯେ ପାସ୍ କରିଯାଇଥିଲି ସେଥିରେ ସମସ୍ତେ ହୋଇଥିଲେ ଆଚମ୍ବିତ । ତେବେ ଏବେବି ମୁଁ ଉପଲବ୍ଧି କରେ ଯେ ମୋର ଯୋଗ୍ୟତା ପାଇଁ ନୁହେଁ, ଜେଜେଙ୍କ ଠାରୁ ଆରମ୍ଭ କରି ସ୍ନେହଶୀଳ ସାନବୁବୁ ଓ ଭାଇଭଉଣୀଙ୍କ ସଦିଚ୍ଛା ବଳରେ ଲଙ୍ଘନ କରିପାରିଥିଲି ପାର୍ବତ୍ୟାଞ୍ଚଳ ପଙ୍ଗୁଟିଏ ଗିରିଲଙ୍ଘନ କରିବା ପରି ।

ମନୋରଞ୍ଜନ ଦାଦା ସମଗ୍ର ଘଟଣାଟିକୁ ବଡ ନାଟକୀୟ ଶୈଳୀରେ ଉପସ୍ଥାପନ କରୁଥାନ୍ତି । ସେହିକଳାରେ ସେ ଥିଲେ ଏକାନ୍ତ ପ୍ରବୀଣ । ଯେଉଁମାନେ ଏହି ୧୯୭୯ ମସିହାବେଳକୁ ସଚେତନ ଅବସ୍ଥାପ୍ରାପ୍ତ ହୋଇଥିବେ କେବଳ ସେମାନଙ୍କର ମନେଥିବ ଯେ ସ୍କାଇଲାବ ପୃଥିବୀ ବକ୍ଷରେ କେଉଁଠି ଖସିବ ତାକୁନେଇ ଚତୁର୍ଦ୍ଦିଗରେ କିପରି ଆତଙ୍କ ସୃଷ୍ଟି ହୋଇଥିଲା । ଖବରକାଗଜରେ ତାର ବିସ୍ତୃତ ବିବରଣୀ ପ୍ରକାଶ ପାଉଥାଏ । ସୂଚନା ଯୋଗ୍ୟ ଯେ ଆମେରିକା ଗବେଷଣା ସଂସ୍ଥା ନାସା ତରଫରୁ ସର୍ବପ୍ରଥମ ସ୍ପେଶ ଷ୍ଟେସନ ପ୍ରତିଷ୍ଠା କରିବା ପାଇଁ ୧୯୭୩ ମସିହାରେ

ପ୍ରେରିତ ହୋଇଥିଲା ସେହି ସ୍କାଇଲାବ । ତାହାଥିଲା ସଂଖ୍ୟାରେ ପୁଣି ତିନୋଟି। କିଛିକିଛି ସମୟର ଅର୍ଥାତ୍ ମାସର ବ୍ୟବଧାନ ରଖି ତାହା ପ୍ରେରିତ ହେଉଥାଏ ମହାକାଶ ବକ୍ଷକୁ । ତାର ଓଜନ ଥିଲା ୧୭୦ ହଜର ପାଉଣ୍ଡ । ଏହା ନାସାଦ୍ୱାରା ପ୍ରେରଣ କରାଯିବାର କାରଣ ଥିଲା ଯେ ମହାକାଶରେ ମଣିଷ ବଞ୍ଚିରହିପାରିବା ସମ୍ଭବ କି ନୁହେଁ, ତାହା ପରୀକ୍ଷା କରିବା ।

ସେତିକିରେ ଯଦି ପ୍ରସଙ୍ଗଟି ରହିଯାଇଥାନ୍ତା ତା'ହେଲେ ନଥିଲା କୌଣସି ସମସ୍ୟା । କିନ୍ତୁ ତା' ମଧ୍ୟରୁ ଏକ ସ୍କାଇଲାବ ପୃଥିବୀ ବକ୍ଷକୁ ଖାସି ଆସୁଥିବାର ସମ୍ବାଦ ଯେତେବେଳେ ପ୍ରସାରିତ ହେଲା, ସେତେବେଳେ ସର୍ବତ୍ର ଖେଳିଯାଇଥିଲା ଆତଙ୍କର ତରଙ୍ଗ । ସମ୍ବାଦପତ୍ର ମାନଙ୍କରେ ପ୍ରତିଦିନ ପ୍ରକାଶିତ ହେଉଥାଏ ଅପ୍ରତ୍ୟାଶିତ ଅନେକ ଘଟଣା ଓ ଦୁର୍ଘଟଣା । ମୋର ମନେପଡୁଛି କୌଣସି ଜଣେ ମହିଳା ସ୍କାଇଲାବ ତାଙ୍କ ଘର ଉପରେ ପଡିବ ବୋଲି ତିନି ମହଲାରୁ ଡେଇଁପଡି କରିଥିଲେ ଆତ୍ମହତ୍ୟା । ଏହି ପ୍ରକାର ଅନେକ ସମ୍ବାଦରେ ଥରିଉଠୁଥାଏ ଛାତି ତୁହାକୁ ତୁହା ।

ସାନବୁବୁଙ୍କ ବରପାଲି ଆସିବାର ରହସ୍ୟ ଯେ ତା' ସହିତ ସଂଯୁକ୍ତ, ଏକଥା ମୁଁ ଅବା ଭାବିପାରିଥାନ୍ତି କିପରି? ମନୋରଞ୍ଜନ ଦାଦା ପ୍ରକାଶ କରିଥିଲେ ସେହି ବାସ୍ତବ ପ୍ରସଙ୍ଗଟିକୁ । ସାନବୁବୁ ସ୍କାଇଲାବ ଖସିପଡିବାର ଚିନ୍ତାରେ ହୋଇଯାଉଥିଲେ ଭୟଭୀତ । ବହୁ ସମୟ ଧରି ସେ ଯାଆନ୍ତି ଲାଟ୍ରିନ ଆଉ ଗାଧୋଇବାକୁ । ତାଙ୍କର ଆଶଙ୍କା ଜାତହୁଏ ସେହି ସମୟରେ ଯଦି ଖସିପଡେ ସ୍କାଇଲାବ ତାଙ୍କ ଘର ଉପରେ? ତା ଆଗକୁ ଆଉ କିଛି ଭାବି ନପାରି ଆପାଦମସ୍ତକ ତାଙ୍କର ଥରିଉଠେ । ତାଙ୍କୁ କିପରି କ'ଣ କହି ବୁଝାଇହେବ ତାହା ସମସ୍ତଙ୍କ କଳ୍ପନାର ବାହରେ ଥିଲା । ଯିଏ ଯେତେ ପ୍ରକାର ବୁଝାଇଲେ ମଧ୍ୟ ତାଙ୍କ ମନ ଆଦୌ ବୁଝିଲା ନାହିଁ । ଶେଷ ସମାଧନ ହେଲା- ସେ ତାଙ୍କ ପିତୃମାତୃ ଗୃହକୁ ହିଁ ଆସିବେ । ଯଦିଓ ସେ ସମୟରେ ନଥିଲେ ତାଙ୍କ ପିତାମାତା, ତାଙ୍କରି ସ୍ନେହସ୍ରୋତ ପ୍ରବାହିତ ହେଉଥିଲା ଘରସାରା । ଶିଶୁଟିଏ ନିଜର ପ୍ରାଣରକ୍ଷା କରିବାପାଇଁ ଯେପରି ମାତୃକୋଳରେ ଆଶ୍ରୟ ନେଇଥାଏ, ସାନବୁବୁଙ୍କ କ୍ଷେତ୍ରରେ ତାହାହିଁ ଘଟିଲା । ଅନ୍ୟମାନଙ୍କ ପାଇଁ ଏହା ଏପରି ଏକ ସ୍ୱର୍ଶକାତର ବିଷୟ ହୋଇଥାଏ, ଯେଉଁଥିରେ ନା ହସିହେବ, ନା କାନ୍ଦିହେବ । ସାନବୁବୁଙ୍କ ଆଶଙ୍କାକୁ ଅମୂଳକ ବୋଲି କହିପାରିବାର ସାହସ କୌଣସି ବୈଜ୍ଞାନିକ ମଧ୍ୟ କରିପାରିନଥାନ୍ତେ । କାରଣ ସେହିମାନେ ହିଁ ତ ଦେଉଥିଲେ ଏହି ଆତଙ୍କର ସମ୍ବାଦ ଯେ ଧୀରେଧୀରେ ତାହା କିପରି ପୃଥିବୀ ମଧ୍ୟକୁ ଆକର୍ଷିତ ହୋଇଆସୁଛି । ସେ ସମୟର ପ୍ରଜାତନ୍ତ୍ର ଖବରକାଗଜରେ ବ୍ୟଙ୍ଗଚିତ୍ର ଓ ବ୍ୟଙ୍ଗାତ୍ମକ ପଦ୍ୟରେ ମଧ୍ୟ ଏହି ଗାମ୍ଭୀର୍ଯ୍ୟ ଫୁଟିଉଠିଥାଏ । ଲୋକ ହସୁଥାନ୍ତି - ଏହା ଯେତିକି ସତ୍ୟ, ସେହି ହାସ୍ୟରେଖା ଅନ୍ତରାଳରେ ଲୁଚିରହିଥାଏ ଯେଉଁ ଅଜଣା ଆତଙ୍କ, ତାହା ଅନେକଙ୍କୁ ରାତିରେ ଶୋଇବାକୁ ଦିଏନାହିଁ । ଶୋଇଥିବାବେଳେ ଯଦି ଖସିପଡେ ତାହା, ନିଜ ଘର ଉପରେ, ତା'ହେଲେ ଆଉ ଯେ କିଛି ଭବିଷ୍ୟତ କଥା ଜାଣିବାପାଇଁ ନଥିବ ନିଜର ଅସ୍ତିତ୍ୱ, ସେହି ଅସ୍ଥିରତାରେ ଲୋକେ ଥାଆନ୍ତି ଭୀତତ୍ରସ୍ତ । ସ୍କାଇଲାବ ବିଷୟକ ଯେତିକି ତଥ୍ୟ ଆଜି ଉପଲବ୍ଧ ସେ ସମ୍ପର୍କରେ ଆଲୋକପାତ

କରିବା ମୋ ଅଜ୍ଞତାର ହେବ ପରିଚାୟକ । ତେଣୁ ସେସବୁ ତଥ୍ୟ ପ୍ରଦାନ କରିବାକୁ ଯିବି କାହିଁକି? ଏବେ ଦେଖୁଛି ୨୦୨୧ ମସିହାରେ ଏକ କମେଡି ଡ୍ରାମାକୁ ନେଇ ତେଲଗୁ ଭାଷାରେ ନିର୍ମିତ ହୋଇଛି ଯେଉଁ ଚଳଚ୍ଚିତ୍ର ତା'ର ନାମ ହେଉଛି- ସ୍କାଇଲାବ୍ । ଆମେ ସାନବୁବୁଙ୍କ ଉପରେ ଦୃଷ୍ଟି କେନ୍ଦ୍ରୀଭୂତ କରିରଖିଥିଲୁ । ବରପାଲି ଘରକୁ ଆସିବା ପରେ କିଛି ସମୟ ବିଶ୍ରାମ ନେଇ ସେ ଯେତେବେଳେ ଆରମ୍ଭ କଲେ ଶବ୍ଦ ଉଚ୍ଚାରଣ ତାଙ୍କ ମୁହଁରେ ଅନେକ ଦିନପରେ ଫୁଟିଉଠିଲା ଦିବ୍ୟ ହାସ୍ୟରେଖା, ଯେମିତି କୁଆଡେ ଶହେ ବର୍ଷରେ ଥରେ ପ୍ରସ୍ଫୁଟିତ ହୁଏ ବ୍ରହ୍ମକମଳ ।

ଘରେ ମଧ୍ୟ ସମସ୍ତେ ହୋଇଯାଇଥାନ୍ତି ଚକିତ ଓ ସ୍ତମ୍ଭୀତ । ଏସବୁ ମଧ୍ୟରେ ମୋ ଆନନ୍ଦ ମୁଁ ବ୍ୟକ୍ତ କରିପାରୁନଥିଲି ସିନା, କିନ୍ତୁ ସ୍କାଇଲାବ ପ୍ରତି ଥିଲି କୃତଜ୍ଞ, ଯେହେତୁ ସାନବୁବୁଙ୍କ ଆଗମନ ପାଇଁ ସେ ବାଟ ଫିଟାଇ ଦେଇଥିଲା । ସେଦିନ ଠାରୁ ବୁବୁ ଥିଲେ ନିଃଶଙ୍କ, ନିର୍ଭୟ ଓ ମୁକ୍ତ ବିହଙ୍ଗମ ପରି ସ୍ୱାଧୀନ । ନିଜ ବଡଭାଇ ଭାଉଜମାନଙ୍କୁ ଦେଖିବା ପରେ, ବଡଭଉଣୀ ଆମ ମଝିଆ ବୁବୁଙ୍କୁ ଆଖିପୂରାଇ ଦେଖିସାରିବା ପରେ ତାଙ୍କ ଭୟାକ୍ରାନ୍ତ ହୃଦୟଟି ସ୍ଥିରହୋଇ ରହିଯାଇଥିଲା । ଯଦିଓ ନିଜ କଥା କହିବାକୁ ଲାଗୁଚି ସଂକୋଚ, ତଥାପି ମୁଁ ଜାଣିଥିଲି ଯେ ମତେ ମଧ୍ୟ ଦେଖିବାପରେ ସାନବୁବୁ ହୋଇଥିଲେ ଆଶ୍ୱସ୍ତ । ରହିଲେ ଅନେକ ଦିନ । ସ୍ୱାଭାବିକ ଭାବରେ ତାଙ୍କର ଜୀବନଯାତ୍ରା ରହେ ଅବ୍ୟାହତ । ଆମ ଘରଟି ପୂରି ଉଠୁଥିଲା ସ୍ନେହ ମମତାର ଝରଣାରେ ପରିପ୍ଲାବିତ ହୋଇ । ମୁଁ ମନୋରଞ୍ଜନ ଦାଦା, ମଞ୍ଜୁଳା ନାନୀ, ମଞ୍ଜରୀ ଓ ଛୁଆବାବୁଙ୍କ ସହିତ ନିମଜ୍ଜିତ ହୋଇଯାଇଥିଲି ଖେଳ କୌତୁକରେ, ମୋର ପଢ଼ାପଢ଼ି କଥା ଭୁଲିଯାଇ ।

ବିଚିତ୍ର ସମ୍ବାଦସବୁ ଶୁଣିବାକୁ ମିଳୁଥାଏ ସେ ସମୟରେ । ସ୍କାଇଲାବ କାଳେ ଖସିପଡିବ ନିଜ ଅଞ୍ଚଳରେ ବୋଲି, ବିଭିନ୍ନ ଗାଁ ଓ ସାହିମାନଙ୍କରେ ଅୟୋଜିତ ହେଉଥାଏ ସୁସ୍ୱାଦୁ ମାଂସାହାରର ସାମୂହିକ ଭୋଜିସଭା । ଏ ଜୀବନଟା ଚାଲିଗଲେ ଆଉ କଣ କୁକୁଡା ବା ଛେଳିମାଂସର ସ୍ୱାଦ ଅନୁଭବ କରିବା ସମ୍ଭବ? ଏହି ଆତଙ୍କରେ ମାଂସାହାର କରିବାର ସୁବର୍ଣ୍ଣ ସୁଯୋଗ ସୃଷ୍ଟି ହେଉଥାଏ ବିଭିନ୍ନ ସ୍ଥାନରେ । ଏବେ ଭାବୁଚି ମୁଁ ସ୍କାଇଲାବ ପୃଥିବୀ ପୃଷ୍ଠକୁ ଦେଖି ସେ ସମୟରେ ଭାବୁଥିବ ଯେ ତାକୁ ପୃଥିବୀବାସୀ ସ୍ୱାଗତ କରିବା ପାଇଁ ଆନନ୍ଦ ବିହ୍ୱଳ ଭାବରେ କରୁଛନ୍ତି ଏତେ ଆୟୋଜନ ଓ ଚିତ୍ତବିନୋଦନ ।

ସ୍କାଇଲାବ ଖସିନଥାନ୍ତା ବା କିପରି? ନିର୍ଦ୍ଦିଷ୍ଟ ସମୟରେ ତାହା ପୃଥିବୀର ବାୟୁମଣ୍ଡଳ ମଧ୍ୟରେ ପ୍ରବେଶ କଲା ଓ ଭାରତ ଓ ପଶ୍ଚିମ ଅଷ୍ଟ୍ରେଲିଆ ସାଗର ବକ୍ଷରେ ତାହା ବିଲୀନ ହୋଇଗଲା ୧୯୭୯ ମସିହା ଜୁଲାଇ ୧୧ ତାରିଖରେ । ତାହାର ପରବର୍ତ୍ତୀ ଘଟଣା ବା ପୂର୍ବବର୍ତ୍ତୀ ନାନା ବୈଜ୍ଞାନିକ ଚିନ୍ତନ ମୋତେ ଚିନ୍ତାଗ୍ରସ୍ତ କରିବାର କୌଣସି କାରଣ ନଥିଲା । ସ୍କାଇଲାବ ଖସିସାରିବା ପରେ ସାନବୁବୁ ସପରିବାର ଫେରିଯିବେ ସୋନପୁର ଏକଥା ଭାବି ଶୂନ୍ୟ ହୋଇଉଠୁଥିଲା ଅନ୍ତର ମୋର । ଯେଉଁଦିନ ତାଙ୍କ ପ୍ରତ୍ୟାବର୍ତ୍ତନ ନିର୍ଦ୍ଧାରଣ ହୋଇଥାଏ ତାହାର ପରବର୍ତ୍ତୀ ପଦକ୍ଷେପ ଥିଲା ମଞ୍ଜୁଳାନାନୀ, ମୁଁ ଓ ମଞ୍ଜରୀ ଆମ ଛାତ

ଉପରେ କୋଠରୀକୁ ଯାଇ ଭଗବାନଙ୍କୁ ପ୍ରାର୍ଥନା କରୁଥିଲୁ ସେଦିନ ଯେମିତି ସୋନପୁର ଯିବାପାଇଁ ଉଦ୍ଦିଷ୍ଟ ସରକାରୀ ବସ୍ ନଆସେ । ମହାଆଡମ୍ବରରେ ଘରୁ ସମସ୍ତ ଜିନିଷପତ୍ର ନେଇ ବସଷ୍ଟାଣ୍ଡକୁ ନିର୍ଦ୍ଧାରିତ ସମୟର ପ୍ରାୟ ଘଣ୍ଟାଏ ପୂର୍ବରୁ ଯାଇ ବସିରହୁ ଆମେ । ସାନବୁବୁ ଓ ମଝିଆ ବୁବୁଙ୍କ ମଧ୍ୟରେ ପାରସ୍ପରିକ ଭାବବିନିମୟ ତ କେବେ ସରେ ନାହିଁ । ତେଣୁ ତାହା ଅବ୍ୟାହତ ରହିଥାଏ ବସ ଆସିବା ପର୍ଯ୍ୟନ୍ତ । ଆମେ କିନ୍ତୁ ଭଗବାନଙ୍କ ନିକଟରେ ଯେଉଁ ପ୍ରାର୍ଥନା କରିଥିଲୁ ତାହା ବ୍ୟର୍ଥ ହୁଅନ୍ତା କିପରି? ସତକୁ ସତ ବସ ଆସିଲା ନାହିଁ । ଆସିବ ବୋଲି କାଳେ ବିଳମ୍ବରେ ଦୁଇ ବୁବୁଙ୍କ ବାର୍ତ୍ତାଳାପ ଅଧିକ ସଂପ୍ରସାରିତ ହେଉଥାଏ ଆହୁରି ପ୍ରାୟ ଘଣ୍ଟାଏ କାଳ । ଯେତେବେଳେ ନିଶ୍ଚିତ ହୁଏ ଯେ ବସ ଆଉ ଆସିବ ନାହିଁ ଆଜି ସବୁ ଜିନିଷପତ୍ର ଧରି ପୁଣି ପ୍ରତ୍ୟାବର୍ତ୍ତନ କରୁ ଘରକୁ । ଆମ ଛୁଆମାନଙ୍କର ଆନନ୍ଦ କହିଲେ ନସରେ । ବଡମାନେ ଯେ ସେହି ଆନନ୍ଦରୁ ଥିଲେ ବଞ୍ଚିତ, ଏହା ମଧ୍ୟ ସତ୍ୟ ନୁହେଁ । ଗାଡି ଆସିଲାନାହିଁ ବୋଲି ଯେତେ ଦୁଃଖ ପ୍ରକାଶ କଲେ ମଧ୍ୟ ଆଉ ଦିନେ ଦି ଦିନ ପୁଣି ସାନବୁବୁ ରହିଯିବେ ଆମଘରେ ସେଥିପାଇଁ ସମସ୍ତେ ଭିତରେ ଭିତରେ ଥାଆନ୍ତି ପୁଲକିତ ହୋଇ । ଆଉ କେତେଦିନ ଅବା ଭଗବାନ ଶୁଣିଥାନ୍ତେ ଆମ ପ୍ରାର୍ଥନା ? ଦିନେ ଯଥା ସମୟରେ ଆସି ଛିଡ଼ାହେଲା ସରକାରୀ ବସ୍ ଏବଂ ସାନବୁବୁ ସପରିବାର ଅପସୃତ ହୋଇଗଲେ ଆମଠାରୁ ଅନେକ ଦୂର ।

ଏ ବିଷୟରେ ସମାପ୍ତିରେଖା ଟାଣିବା ପୂର୍ବରୁ ଗହନ ଓ ଗଭୀର ସ୍ତରର ସତକଥାଟି ଲୁଚାଇରଖିବା ଆଦୌ ଶୋଭନୀୟ ହେବନାହିଁ । ତାହାହେଲା ସ୍କାଇଲାବ ତାଙ୍କ ଉପରେ କାଳେ ପଡିଯିବ ବୋଲି ସାନବୁବୁ ଯେମିତି ଥିଲେ ଆଶଙ୍କାଗ୍ରସ୍ତ, ମୁଁ ମଧ୍ୟ ଠିକ୍ ସେହିପରି ଭିତରେ ଭିତରେ ହୋଇଯାଉଥିଲି ସଂତ୍ରସ୍ତ । କେବଳ ଏତିକି ନୁହେଁ, ମୋ ଅନ୍ତରାତ୍ମା ଯେଉଁ ରହସ୍ୟର ଉଦଘାଟନ କରିଦେଲା ମୋ ମଧ୍ୟରେ ତାହା ହେଲା ସାନବୁବୁ ଆମଘରକୁ ଆସିବାରୁ ହିଁ ସ୍କାଇଲାବ ଆମ ଅଞ୍ଚଳ ବା ଆମ ଛାତଉପରେ ନପଡି ମହାସାଗର ବକ୍ଷକୁ ଭେଦ କରିଥିଲା । ସାନବୁବୁ ନିଜେ କେତେ ଆଶ୍ୱସ୍ତ ହୋଇଥିବେ ତାହା ସେ ଜାଣନ୍ତି । ମାତ୍ର ସାନବୁବୁଙ୍କ ଶୁଭାଗମନ ଦ୍ୱାରା ଅଶୁଭ ଅପଶକ୍ତି ଯେ ଅପସୃତ ହୋଇଯାଆନ୍ତି ଆମ ଚତୁଃପାର୍ଶ୍ୱରୁ, ଏ ବିଶ୍ୱାସ ଦୃଢୀଭୂତ ହୋଇ ରହିଛି ଏପର୍ଯ୍ୟନ୍ତ । ଅତୃପ୍ତି ଏତିକି, ସାନବୁବୁ ଏ ପୃଥିବୀରୁ ବିଦାୟ ନେବା ପୂର୍ବରୁ ଏହି ସତ୍ୟାନୁଭୂତି ଟିକକ ତାଙ୍କ ଆଗରେ ବ୍ୟକ୍ତ କରିପାରିଲି ନାହିଁ । ଏହା ସତ୍ତ୍ୱେ ସାନବୁବୁ ଯେ କ୍ଷୀଣକାୟ ଏକ ରକ୍ତମାଂସର ଶରୀରମାତ୍ର ଏକଥାରେ କଦାପି ଆସ୍ଥା ନଥାଏ ମୋର । ସ୍କାଇଲାବ ବିଭିନ୍ନ ନାମରେ ଏ ଜୀବନରେ ଆସିଛି ମୋ ଉଦ୍ଦେଶ୍ୟରେ ବାରମ୍ବାର । ସାନବୁବୁଙ୍କ ଅଶରୀରୀ ଆଲୋକ ରେଖା ସୁରକ୍ଷାବଳୟ ହୋଇ ମୋତେ ଘେରି ରହିଥିବାରୁ ସମସ୍ତ ସ୍କାଇଲାବ ଗଭୀର ସାମୁଦ୍ରିକ ରହସ୍ୟ ଭିତରେ ହୋଇଯାଇଛନ୍ତି ବିଲୀନ । ଆଉ ମୁଁ ଭରତିଆ ଶୁଭପକ୍ଷୀ ହୋଇ ସ୍ୱାଧୀନ ଭାବରେ ଉଡିବୁଲୁଛି ଆକାଶ-ଭୂତଳ ବ୍ୟାପୀ।

ଗଙ୍ଗାଧର-ଶାନ୍ତା-ସଦନ
କଳିଙ୍ଗ ବିହାର, ଭୁବନେଶ୍ୱର
ମୋ -୯୯୩୭୩୬୫୬୯୮

# ମୋ ସ୍ମୃତି ଫରୁଆରେ ଶମ୍ଭୁ: ଏକ ଆତ୍ମିକ ଅନୁଶୀଳନ

ଶ୍ରୀଧର ମୁଦୁଲି



ସୃଜନଶୀଳ ସାହିତ୍ୟର ଏକ ଆଙ୍ଗିକ ଆଭିମୁଖ୍ୟ ହେଉଛି କବିତା। କବିତା ଏକ ଇଚ୍ଛାଧୀନ ଉଚ୍ଚାରଣ ନୁହେଁ, ଏହା ଏକ ନୈସର୍ଗିକ ସ୍ୱତସ୍ଫୁର୍ତ୍ତ ସ୍ଫୁରଣ ଏକ ଐଶରିକ ଉଚାରଣ। ମା ବାଗ୍‌ଦେବୀଙ୍କର ଅନନ୍ୟ ବରଦାନ। ଆବେଗିକ ମୁହୂର୍ତ୍ତର ଅନ୍ତର୍ନିହିତ ଜୀବନ୍ତ ରୂପାନ୍ତରଣ। ଏତେ ଗୌରଚନ୍ଦ୍ରିକା ପୂର୍ବରୁ ମୂଳ ଉଦ୍ଦେଶ୍ୟକୁ ଆସିବା ମୋର ମୁଖ୍ୟ ଲକ୍ଷ।

ଶମ୍ଭୁ ମୋର ବାଲ୍ୟସାଥୀ । ଏକା ଗାଁରେ ଏକ ଅପରିବର୍ତ୍ତିତ ପରିବେଶରେ ଆମର ଜନ୍ମ। ଗାଁର ସବୁଜ ବଳୟ, ଝଟିମାଟି ଭରା ଲମ୍ବିତ ସରୁ ରାସ୍ତା, ଗ୍ରାମ୍ୟ ପୋଖରୀ, ବେଷ୍ଟିତ ଜଳାଶୟ, ଅଦୂରର ଦେବାଳୟ ଆମ ବାଲ୍ୟଜୀବନର ସହ ସାଥୀ । ହାତଗଣତି ସମୟ ବ୍ୟବଧାନରେ ଏକା ମାସରେ ଆମର ଜନ୍ମ। ଆମର ବାଲ୍ୟଶିକ୍ଷା ଆରମ୍ଭ ହୁଏ ଗାଁ ଚାଟଶାଳୀରୁ। ମନେ ଅଛି ମୋର ଗାଁ ଚାଟଶାଳୀ ଯାଇଥିଲି ଦିନେ ବାପାଙ୍କ ସଙ୍ଗେ। ତାପରେ ପ୍ରାଥମିକ ଶିକ୍ଷାର ଅୟମାରମ୍ଭ। ଘରର ଅନତି ଦୂରରେ ଅବସ୍ଥିତ ଶିକ୍ଷାୟତନରୁ ଆମ ଚରିତ୍ରର ବୀଜ ରୋପଣ ହୁଏ। ଶମ୍ଭୁଥିଲା ଏକ ଅମାୟିକ ଶାନ୍ତଶିଷ୍ଟ ଧୀରଭାଷୀ ସହପାଠୀ। ଇଚ୍ଛାକୃତ ଭାବେ ହେଉ ବା ଅନିଚ୍ଛାକୃତ ଭାବେ ହେଉ ଦୁଷ୍ଟ ବାଳକମାନଙ୍କ ଠାରୁ ଦୂରେଇ ରହିବା ଶମ୍ଭୁନାଥଙ୍କର ଥିଲା ଏକ ବିଶିଷ୍ଟ ଗୁଣ। ହୁଏତ ଶମ୍ଭୁନାଥଙ୍କ ଏହି ଗୁଣଟି ଆମ ଭିତରେ ପାରସ୍ପରିକ ମିତ୍ରତାକୁ ନିବିଡ଼ କରିଥିଲା ଏହି କୋମଳ ମତି ବୟସରୁ। 'ତୁଳସୀ ଦୁଇପତ୍ରରୁ ବାସିଲା' ପରି ଚପଳମତି ବୟସରେ ବ୍ୟକ୍ତି ଓ ବ୍ୟକ୍ତିତ୍ୱଙ୍କୁ ସଠିକ ଭାବରେ ଆକଳନ କରିବାକୁ ବୋଧତା ନଥିଲେ ମଧ୍ୟ ପରିଣତ ବୟସରେ ମୁଁ ସ୍ପଷ୍ଟ ଭାବରେ ଅନୁଭବ କରିପାରୁଛି।

ପ୍ରାଥମିକ ଓ ମଧ୍ୟ ଇଂରାଜୀରେ ଶିକ୍ଷା ସମାପ୍ତ ପରେ ଅନ୍ୟ ସାଥୀ ମାନଙ୍କ ସହିତ ଆମେ ମଧ୍ୟ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଶିକ୍ଷା ଆରମ୍ଭ କରିଥିଲୁ। ଏକ ଗ୍ରାମୀଣ ପ୍ରଚ୍ଛଦରେ ପ୍ରାକୃତିକ ପର୍ଯ୍ୟାବରଣ ସୀମିତ ହେଲେ ମଧ୍ୟ ବିଦ୍ୟାଳୟର ଆଧ୍ୟାତ୍ମିକ ଓ ନୈତିକ ବାତାବରଣ ଅତୀବ ଆକର୍ଷଣୀୟ। ଇଟାର ଚାରିକାନ୍ଥରେ ଲିଖିତ ନୀତିବାକ୍ୟ ଗୁଡିକ ଏବେ କର୍ଣ୍ଣପଟ୍ଟରେ ବିଧୂରିତ ହୁଏ। ଯଦିଓ ସାହିତ୍ୟ ପରିସର ନଥିଲା କହିଲେ ଚଳେ, ଏହି ନୀତିବାଣୀ ଗୁଡିକ ସାଥୀ ଶମ୍ଭୁ ନାଥଙ୍କ ମାନସପଟରେ ଏକ ସାହିତ୍ୟିକ ମୂଳଦୁଆ ସ୍ଥାପନ କରିଥିବ ବୋଲି ଆଜି ମୋର ମନେ ହେଉଛି। "ବାଲ୍ୟକାଳୁ ଧର୍ମଧନ ମୁଁ ସଞ୍ଚିବି, କ୍ଷୁଦ୍ରକୀଟ ଉଇ ଅଳ୍ପ ଅଳ୍ପ କରି ରଚଇ ବାଲ୍ମୀକି ଘର" ମୁଁ ସେହି ପରି ସଞ୍ଚିବି ଜୀବନେ ଧର୍ମଧନ ପ୍ରଭୃତି ଅମୃତବାଣୀ ଶମ୍ଭୁନାଥଙ୍କ ମନରେ କବିତାର ଧନ ସଞ୍ଚୟ କରୁଥିବ ବୋଲି ମୁଁ ନିଃସନ୍ଦେହ। ଏବଂ ପରବର୍ତ୍ତୀ ମୁହୂର୍ତ୍ତରେ ଏହା କବିଙ୍କର ଅମୂଲ୍ୟ ଧନରତ୍ନ ହୋଇ ଉଜ୍ଜ୍ୱଳ କବିତା ଗୁଚ୍ଛରେ ପ୍ରତିଭାତ। ସ୍ୱଳ୍ପ କେତେଦିନ ପରେ ଶମ୍ଭୁ ପରିସ୍ଥିତି କ୍ରମରେ ଅନ୍ୟତ୍ର ଚାଲି ଯାଇଥିଲେ ଉଚ୍ଚବିଦ୍ୟାଳୟର ଅବଶିଷ୍ଟ ଶିକ୍ଷା

ସମାପ୍ତି ପାଇଁ। ସମ୍ପର୍କର ସାମୟିକ ବିରତି। ପରିସ୍ଥିତିରେ ପଡି ପରସ୍ପର ଠାରୁ ଦୂରେଇ ଯାଇ ଥିଲେ ମଧ୍ୟ ମାନସିକ ସ୍ତରରେ ପରସ୍ପରର ନିକଟବର୍ତ୍ତୀ ଥିଲୁ ଯାହା ଜଣାପଡେ ଆକସ୍ମିକ ଭେଟାଭେଟିରୁ।

ସ୍କୁଲ ପରେ ମହାବିଦ୍ୟାଳୟ ଶିକ୍ଷା ଯେଉଁଠାରେ ସାହିତ୍ୟ ବିକାଶ ପାଇଁ ଅପୂର୍ବ ସୁଯୋଗ ଯାହାକି ଶମ୍ଭୁଙ୍କ ଜୀବନରେ ସମ୍ଭବ ହୋଇଛି ବୋଲି ତାଙ୍କର କବିତା ବହିର ଉପକ୍ରମଣିକାରୁ ଅବଗତ ହେଲି। ପରେ ଏକ ପ୍ରଲମ୍ବିତ ବିରାମ। ପରସ୍ପର ସାକ୍ଷାତ ହେବାବି ଦୂରହ ଥିଲା। ଯୋଗାଯୋଗର ସୁଯୋଗ ବି ସମ୍ଭବପର ନଥିଲା। ଶିକ୍ଷା ସମାପ୍ତି ପରେ କର୍ତ୍ତବ୍ୟ ଭାରରେ ଭାରାକ୍ରାନ୍ତ ହୋଇ ଯାଇଥିଲୁ ଉଭୟ। କର୍ତ୍ତବ୍ୟ ବୋଧରେ ଉଭୟ ଉଭୟଙ୍କ ଠାରୁ ବହୁଦିନ ଧରି ଦୂରେଇ ଯାଇଥିଲୁ। ସ୍ମୃତିର କଳାପ ଟା ଝାପସା ହୋଇ ଆସୁଥିବା ବେଳେ ସୁଯୋଗ କ୍ରମେ ଶମ୍ଭୁର ଫୋନ ନମ୍ବର ସଂଗ୍ରହ ହେତୁ ସମ୍ପର୍କ ପୁନଶ୍ଚ ପୁନର୍ଜୀବୀତ ହୋଇ ଉଠିଥିଲା। ସେତେବେଳକୁ ଅବଶ୍ୟ ଉଭୟ ବୟସର ଅପରାହ୍ନରେ ଆଗପଛ ହୋଇ ଚାକିରୀ ଜୀବନରୁ ଅବସର ପରେ।

ଏକ ବାସନ୍ତୀୟ ସଂଧ୍ୟା। ଶମ୍ଭୁଙ୍କ ଠାରୁ ଫୋନ୍ କଲ୍ ପାଇଲି ସହିଦ ନଗର ସ୍ଥିତ ବିଷ୍ଣୁ ମନ୍ଦିର ପରିସରରେ ଆୟୋଜିତ ଏକ ସାହିତ୍ୟ ସମାରୋହରେ ଯୋଗଦାନ ପାଇଁ । ଅତିକ୍ରାନ୍ତ ବୟସରେ ବହୁ ଘଟଣା,ଦୁର୍ଘଟଣାରେ ପେଷି ହୋଇ ଯାଇଥିଲେ ମଧ୍ୟ ପ୍ରିୟ ବନ୍ଧୁର ଅନୁରୋଧ କ୍ରମେ ବିଭିନ୍ନ ଶାରୀରିକ ଅସୁସ୍ଥତା ସତ୍ତ୍ୱେ ଏକ ସାହିତ୍ୟାନୁରାଗୀ ଶୁଭେଚ୍ଛୁ ଦର୍ଶକ ଭାବରେ ସେଦିନ ଉପସ୍ଥିତ ହୋଇଥିଲି ଉଦ୍ଦିଷ୍ଟ ସ୍ଥାନରେ। ନିରାଡମ୍ବର ସଂଧ୍ୟା, ମଞ୍ଚରେ ପ୍ରାଜ୍ଞ ମଣ୍ଡିତ ବାଗ୍ମୀବକ୍ତା ମାନଙ୍କର ଉପବେଶନ ମଞ୍ଚର ସମ୍ମୁଖ ଭାଗରେ ପ୍ରାକ୍ତନ ବଂଧୁ ଓ ସାହିତ୍ୟିକ ବନ୍ଧୁ ମାନଙ୍କର ସମାଗମ। ସଭାର ଉଦ୍ଦେଶ୍ୟ ଥିଲା ବଂଧୁ ଶମ୍ଭୁନାଥଙ୍କ ସଦ୍ୟ ପ୍ରକାଶିତ ଏକ କବିତା ଗ୍ରନ୍ଥ ମହାସମୁଦ୍ରର ଲୋକାର୍ପଣ ଉତ୍ସବ। କେବଳ ବିହ୍ୱଳିତ ନୁହେଁ ମୁଁ ବିମୋହିତ ହୋଇ ଯାଇଥିଲି ଶମ୍ଭୁନାଥଙ୍କର ଅନ୍ତରରେ ଲୁକାୟିତ ଥିବା କାବ୍ୟିକ ପ୍ରତିଭାର ଉନ୍ମୋଚନରେ। ସଭା ସାଙ୍ଗପାରେ ଶମ୍ଭୁନାଥଙ୍କ ଠାରୁ ମହାସମୁଦ୍ରର ଏକ ମୁଦ୍ରିତ କପି ପାଇଁ ଆଶାୟୀ ଥିଲେ ମଧ୍ୟ ଉପଲବ୍ଧ ଜନିତ ସୀମିତତା ଦୃଷ୍ଟିରୁ ତାହା ପାଇବା ବିଳମ୍ବ ହୋଇଥିଲେ ମଧ୍ୟ ମୁଁ ଭାବିଥିଲି "ଏ ମନ ଖୋଜୁଥାଏ ଯାହା କାଳେ ପ୍ରାପତେ ହୁଏ ତାହା"। ସାହିତ୍ୟିକ ଉତ୍କଣ୍ଠା ହେଉ ବା ବନ୍ଧୁତ୍ୱର ଆକର୍ଷଣ ହେଉ, ମୁଁ ବହିଟିକୁ ଅମୂଳଚୂଳ ପଢିବାରେ କୌଣସି ତ୍ରୁଟି ନକରି ନିଜର ମନ୍ତବ୍ୟ ଦେବାକୁ ଉଚିତ ମନେ କଲି। କାରଣ କୌଣସି ଅଭିମତ ନରଖିଲେ ହୁଏତ ପ୍ରିୟ ସାଥୀ କବି ଶମ୍ଭୁନାଥଙ୍କ ପ୍ରତି ଅନ୍ୟାୟ ହେବଭାବି।

'ମହାସମୁଦ୍ର' କବିଙ୍କ ଜୀବନାନୁଭୂତିର ଏକ ଆବେଗିକ ଇସ୍ତାହାର। କବିତାରେ ମିଥ୍ ଓ ରୂପକଳ୍ପର ପ୍ରାବଲ୍ୟ ନାହିଁ ଦୂର୍ବୋଧତାର ପ୍ରହେଳିକା ନାହିଁ କେବଳ ଅଛି ବାସ୍ତବତାର ରୂପରେଖ। କବିତା ଗୁଡିକ ଆଧୁନିକତା ପ୍ରଲେପରେ ଥାଇ ମଧ୍ୟ ପାରମ୍ପରିକ ସଂଗତି  କି ତା ଭରି ରହିଲାପରି ପ୍ରତ୍ୟୟମାନ ହଏୁ । ଛଳନା ହୀନ ଅବତାରଣାରେ ଏକ ମଧୁମୟ ପରିବେଶ ସୃଷ୍ଟିକରେ। କବିତା ଗୁଡିକରେ ସାମାଜିକ ଶୃଙ୍ଖଳତା, ନଗ୍ନ ବ୍ୟଭିଚାରିତା, ହଜିଯାଉଥିବା ପରମ୍ପରାର ମହକ, ରୋମାଣ୍ଟିସିଜମ୍ ଇତ୍ୟାଦି ଖଞ୍ଜି ଦେଇ କବିତାଗୁଡିକୁ ସେ ଯୁଗପୋଯୋଗୀ କରିଛନ୍ତି। ଯାହାକି ସାମାଜିକ ସ୍ୱୀକୃତି ଲାଭ କରିବ ବୋଲି ଆଶା।

ଇତି ମଧ୍ୟରେ ସାହିତ୍ୟିକ ରମେଶ ଦାସଙ୍କ ଦ୍ୱାରା ସଙ୍କଳିତ 'ମହାସମୁଦ୍ର ଏକ ଅନ୍ତରଙ୍ଗ ଆକଳନ' ପଢି ସାରିଲା ପରେ ମୁଁ ଯାହା ଲେଖିଲେ ବି ସାହିତ୍ୟିକମାନଙ୍କ ଆକଳନ ନିକଟରେ ମୋର ଭାଷା ମଳିନ ହୋଇଯିବ। ଆଜି ମୁକ୍ତ କଣ୍ଠରେ ମୁଁ ସ୍ୱୀକାର କରେ ଯେ ଶମ୍ଭୁ ଏକ କସ୍ତୁରୀ ମୃଗ ସଦୃଶ। ନିଜ ନାଭି ପ୍ରଷ୍ଟରେ ଲୁଚି ରହି ଥିବା ଏକ ସୁପ୍ତ ସୁଗନ୍ଧକୁ ଖୋଜି ପାଇବାକୁ ତାଙ୍କୁ ଅନେକ

ସମୟ ଲାଗି ଯାଇଥିଲେ ମଧ୍ୟ କବିଙ୍କର ଅବସର କାଳୀନ ମୁହୂର୍ତ୍ତ ଲୁକାୟିତ ପ୍ରତିଭାର ସଠିକ ଉପଯୋଗ କରିବା ପାଇଁ ଅପୂର୍ବ ସୁଯୋଗ ପ୍ରଦାନ କରିଛି ଯାହାକୁ ସେ ହାତଛଡା କରି ନାହାନ୍ତି। କବିଙ୍କ ଭାଷାରେ "ନିଜ ପାଶେ ଯାଇ ନିଜେ ପହଞ୍ଚିବା ସବୁଠାରୁ ବେଶୀଦୂର, ବଡ କଠିନ ସେ ଗୀତର ସାଧନା ସହଜ ଯାର ସ୍ୱର" (କବି ହର ପ୍ରସାଦ ଦାସ)।

କବିଙ୍କର କବିତାର ଅନ୍ୟ ଏକ ବୈଶିଷ୍ଟ୍ୟ ବିଭୁପ୍ରେମ ଏବଂ ନିଜକୁ ବିଭୁପାଦରେ ସମର୍ପିତ କରିବା। କବିଙ୍କର ମଧୁମୟ ସୃଷ୍ଟି, ସୁଧାମୟ ସୃଷ୍ଟିର ପରିକଳ୍ପନା ତାଙ୍କ କବିତାରେ ମଧ୍ୟ ପ୍ରତିଭାତ।

ଏକ ସୁନ୍ଦର ସୃଷ୍ଟିର ସ୍ୱପ୍ନ ଦେଖିଥିବା କବିଙ୍କର ଆଗାମୀ ଭବିଷ୍ୟତ ରସମୟ ଓ ସୁଧାମୟ ହେଉ। ନୂତନ କବିତା ସମ୍ଭାର ନେଇ କବି ସ୍ମରଣୀୟ ହୋଇ ରୁହନ୍ତୁ ପ୍ରତି ହୃଦୟରେ। ଉତ୍ତୀର୍ଣ୍ଣ ବୟସରେ ଉନ୍ମେଷମୁଖୀ ହେଉଥିବା କବି ଶମ୍ଭୁନାଥ ସାହିତ୍ୟ ଆକାଶରେ ଏକ ସଫଳ କବିରୂପେ ଉଦ୍ଭାସିତ ହେଉଥିବା ବେଳେ ଏକ ପରିପୁଷ୍ଟ କବିର ପରିଚୟ ବହନ କରି ଖୁବ୍ ଶୀଘ୍ର ଏକ ଉଜ୍ଜ୍ୱଳ ଭବିଷ୍ୟତର ସ୍ୱାକ୍ଷର ବହନ କରନ୍ତୁ।

ଏହା ଭିତରେ ମହାନଦୀରେ ଅନେକ ଜଳ ପ୍ରବାହିତ ହେଇ ସାରିଛି। ସୌଭାଗ୍ୟର କଥା, ଶମ୍ଭୁନାଥଙ୍କର ସାହିତ୍ୟିକ ପ୍ରତିଭାର ବିକାଶ ମଧ୍ୟ ସମୟ ସହିତ ପାଦ ମିଳାଇ ହେଇ ପାରିଛି। ସିମୀତ ସମୟ ମଧ୍ୟରେ ନିଜର ଅଧ୍ୟବସାୟ ବଳରେ ପାଞ୍ଚଟି କବିତା ଗ୍ରନ୍ଥ - ଅନନ୍ୟ, ନୈବେଦ୍ୟ, ସମୟର ମାନଚିତ୍ର ଏବଂ ଭୋରର ଆଲୁଅ ଏବଂ ଖଣ୍ଡିଏ କ୍ଷୁଦ୍ର ଗଳ୍ପ ପୁସ୍ତକ - ସମ୍ପର୍କର ମହକ ପ୍ରକାଶ ପାଇ ପାଠକୀୟ ଆଦୃତି ଲାଭ କରିଛି।

"ମହାସମୁଦ୍ର ଏକ ଅନ୍ତରଙ୍ଗ ଆକଳନ", ପ୍ରାକ୍ତନ ପ୍ରଧାପକ ଶ୍ରୀ ରମେଶ ଦାସଙ୍କ ଦ୍ୱାରା ସମ୍ପାଦିତ ଏକ ସମୀକ୍ଷା ପୁସ୍ତକ ଶମ୍ଭୁନାଥଙ୍କ କବିତା ଗ୍ରନ୍ଥ ମହାସମୁଦ୍ର ଉପରେ ଆଲୋଚିତ ଏକ ଅନବଦ୍ୟ ସୃଷ୍ଟି।

ତାଙ୍କର ସାହିତ୍ୟିକ ଏବଂ ସମଗ୍ର ଜୀବନ ମଙ୍ଗଳମୟ ହେଉ। ଇଶ୍ୱରଙ୍କ ପାଖରେ ମୋର ବିନମ୍ର ପ୍ରାର୍ଥନା।

ଭୁବନେଶ୍ୱର
ମୋ - ୮୩୪୨୦୪୦୧୬୦



# ପଥପ୍ରାନ୍ତ ନାଟକ-୧

ବିରଞ୍ଚି ମିଶ୍ର



କୁନା ସେଦିନ ସ୍କୁଲ୍ ରୁ ଫେରି କହିଲା -

"ମା, ଆମ ସଂସ୍କୃତିର ସୁରକ୍ଷା ପାଇଁ ଆମ ସ୍କୁଲ୍ ତରଫରୁ ତିନୋଟି ଭିନ୍ନ ସ୍ୱାଦର ପଥପ୍ରାନ୍ତ ନାଟକ ହେବ । ପୌରାଣିକ ନାଟକ 'ଶଂଖାସୁର ବଧ' ରାମ ମନ୍ଦିର ଛକରେ, ଐତିହାସିକ ନାଟକ 'ପଦ୍ମିନୀ ହରଣ' ଏୟାର୍ ପୋର୍ଟ ଛକରେ ଓ ଆଧୁନିକ ନାଟକ 'ହସ୍ତରେଖା Live' ମାଷ୍ଟର କେଣ୍ଟିନ୍ ଛକରେ । ସବୁ ନାଟକ ପାଇଁ ଅଲଗା ଅଲଗା ଶିକ୍ଷକମାନେ ନିର୍ଦ୍ଦେଶକ ଦାୟିତ୍ୱ ନେଇଛନ୍ତି ।"

ମା ଖୁସିରେ ପଚାରିଲେ, "ତୁ କୋଉ ନାଟକରେ ଅଭିନୟ କରିବୁ ?"

କୁନା କହିଲା, "ନାଇଁ ମା, କୋଉଥିରେ ବି ନୁହେଁ ।"

"କାହିଁକି ? ତୁ ତ ଭଲ ଅଭିନୟ କରୁ ।"

"ହଁ ଯେ, ମୋ ମନ ଲାଖି ରୋଲ୍ ମିଳିଲେ ତ । ମୋତେ କହିଲେ, ତୁ କେବଳ ପ୍ରତୀକ ହେବୁ । 'ଶଂଖାସୁର ବଧ' ନାଟକରେ ଶଂଖଟିଏ ଧରି ବେଳେ ବେଳେ ଫୁଙ୍କୁଥିବୁ, 'ପଦ୍ମିନୀ ହରଣ'ରେ ପଦ୍ମ ଉପରେ ବସିଥିବୁ, ଆଉ 'ହସ୍ତରେଖା Live'ରେ ହାତ ପାପୁଲି ସିଧା କରି ଠିଆ ହୋଇଥିବୁ ।"

"ସେଥିରେ ଅସୁବିଧା କଅଣ ହେଲା ? ଅନ୍ୟମାନେ ଆସିବେ, ଯିବେ । ହେଲେ ତୁ ସବୁବେଳେ ମଞ୍ଚ ଉପରେ ଥିବୁ ।"

"ସେଥିରେ ମୋତେ କଅଣ ମିଳିବ ? ତାଳିମାଡ ବି ମିଳିବ ନି । ମୋ ନାଁରେ ସମସ୍ତେ ନାଟ କରିବେ, ବାହାବା ନେବେ, ଆଉ ମୁଁ ଖାଲି ଖୁଣ୍ଟଟା ଭଳିଆ ଠିଆ ହୋଇ ଅନେଇ ଥିବି ? ନେଭର୍ ! ଯଦି ରୋଲ୍ କରିବି ତ ହିରୋ ହେବି ।"

"ତୋତେ ପରା ଅନ୍ୟ ରୋଲ୍ ଦେବେ ନି କହୁଛୁ ? ଆଉ ହିରୋ କେମିତି ହବୁ ?"

"ମୋର ସାଙ୍ଗମାନଂକୁ ନେଇ କିଟ୍ ଛକରେ ନିଜର ଗୋଟିଏ ଅଲଗା ନାଟକ କରିବି 'ଡମ୍ ଡମ୍ ଡିଗା ଡିଗା' । ସେଇଥିରେ ହିରୋ ହେବି ।"

ମା ପଚାରିଲେ, "ତୁ ସେଥିରେ ଖୁସି ତ ?"

କୁନା କହିଲା, " ବହୁତ୍ ଖୁସି ।"

ମା କହିଲେ, "ମୁ ବି ଭଉତ୍ ଖୁସି" ।

ଭୁବନେଶ୍ୱର

# ଅଫେରା ରାସ୍ତାରୁ ଲେଉଟାଣି

ଛନ୍ଦା ମିଶ୍ର





ଖଣ୍ଡଗିରିରୁ ବରମୁଣ୍ଡା ଦେଇ ଘରକୁ ଫେରିଲା ବେଳେ, ରାସ୍ତା କଡରେ ଭାରି ପ୍ରସାଧାନ ସହିତ ଦେହ ଦେଖାଇ ଛିଡା ହୋଇଥିବା କିନ୍ନର ତଥା ଝିଅ ଓ ତାଙ୍କ ସହ ମୂଲଚାଲ କରୁଥିବା ନୂଆନୂଆ ନିଶ ଉଠୁଥିବା ଯୁବକଙ୍କୁ ଦେଖିଲେ ଖୁବ୍ କଷ୍ଟ ହୁଏ । ଠିକ୍ ସେମିତି ଲାଗେ ମଦ ଦୋକାନରେ ଭିଡ଼ କରିଥିବା ପିଲାଙ୍କୁ ଦେଖି । ଯୋଉ ଯୌବନ, ଜୀବନ ଗଢ଼ିବା କଥା, ଦେଶ ଗଢ଼ିବା କଥା, ତାକୁ ତିଳ ତିଳ ହୋଇ ନାଶ ହେଉଥିବାର ଦେଖି ଅନ୍ତର ହାହାକାର କରେ । ସତରେ, କିଛି କରି ନ ପାରିବାର କ୍ଷୋଭରେ ମୁଁ ଏକ ରକମ ରାମ୍ପି ବିଦାରି ହୁଏ । ଭାବେ, ସମାଜକୁ ତ ଆଉ କାହାର ଡର ଭୟ ନାହିଁ, ହେଲେ ପୋଲିସ, ପ୍ରଶାସନ କାହା ଆଖିରେ କଣ ଏସବୁ ପଡୁନି ! ଅବଶ୍ୟ ସରକାର ନିଜ ରାଜସ୍ୱ ପାଇଁ ମଦ ବିକିବେ । କିନ୍ତୁ ପିଲାଙ୍କୁ କଣ ନିଜ ଭବିଷ୍ୟତର ଚିନ୍ତା ନାହିଁ ? ଆମ ଦେଶର ଭବିଷ୍ୟତକୁ କଣ ଏହି ପରି ଅପଥରେ ଯାଇ ରୋଗରେ ସଢିବା ପାଇଁ ଛାଡିଦେବା ! ନା' ଏସବୁ ଏମିତି ଖୋଲା ଖୋଲି ହେବା ଟା ଆଧୁନିକତାର ନୂତନ ପରିଭାଷା!

ଲାଗେ, ଈଶ୍ୱର ଯଦି ଦେଖା ଦେଇ ଗୋଟିଏ ଇଚ୍ଛା ପୂରଣର ପ୍ରତିଶ୍ରୁତି ଦିଅନ୍ତେ, ନିଶ୍ଚେ କହନ୍ତି ଯେ ପ୍ରଭୁ ଏତେ ସୁନ୍ଦର୍ ସୃଷ୍ଟିକୁ ଅସୁନ୍ଦର କରୁଥିବା ଏହି ଚିଜଗୁଡିକ ରାତାରାତି ଉଭେଇ ଯାଉ।

କିନ୍ତୁ ଏ ଯେଉଁ ଅଫେରା ରାସ୍ତା, ସେଠାରୁ ଲେଉଟାଣି କଣ ସମ୍ଭବ? ଏ ପଙ୍କିଳ ରାସ୍ତା ଏପରି ଯେ, ଥରେ ଗୋଡ଼ ପଡିଲେ ସେ ପଙ୍କରେ ବୁଡି ମରିବାଟା ଯେ ଖୁବ୍ ସୁଖକର ଲାଗେ। ସେଇଥିପାଇଁ ତ ତଳକୁ ଗଡ଼ିବା ଯେତିକି ସହଜ, ଉପରକୁ ଉଠିବା ସେତିକି କଷ୍ଟ । ମାତ୍ର ଦୃଢମନାଟିଏ ପାଇଁ କଷ୍ଟ ବୋଲି ଶବ୍ଦଟି ହିଁ ଗୋଟିଏ ଆହ୍ୱାନ । ସେ ଯେତେବେଳେ ବୁଝି ଯାଏ, ଠିକ୍ କଣ ଭୁଲ୍ କଣ, ଉଚିତ୍ ଓ ଅନୁଚିତ୍ର ପାର୍ଥକ୍ୟ, ତା ପାଇଁ ଅଫେରା ରାସ୍ତାରୁ ଲେଉଟି ଆସିବା ସହଜ

ନୁହେଁ ବରଂ ଜୀବନ ର ଏକମାତ୍ର ଲକ୍ଷ୍ୟ ପାଲଟି ଯାଏ। ତେଣୁ ସେ ଉପର କୁ ଉଠିବା ପାଇଁ ସେହି କଷ୍ଟ କୁ ଖୁବ୍ ନିଷ୍ଠା ଓ ଆଗ୍ରହରେ ବରଣ କରେ।

ତେବେ ଏପରି କଥା ଗୁଡ଼ିକ ମନକୁ ବିଚଳିତ କରି ପକାଉଥିଲା ବେଳେ ମୋ ଆଗରେ ଚମତ୍କାର ଉଦାହରଣଟିଏ ହୋଇ ଛିଡ଼ା ହୋଇଥିଲେ ପିଣ୍ଟୁ । ନିଜ ପ୍ରଚେଷ୍ଟା ଓ ପ୍ରଗାଢ ଉଦ୍ୟମରେ ନିଜକୁ ଜଣେ ସଫଳ ଯୁବ ବ୍ୟବସାୟୀ ଭାବେ ପ୍ରତିଷ୍ଠିତ କରି ପାରିଥିବା ଏହି ସାନ ଭାଇଟି ସେଦିନ ହୋଇ ଉଠିଥିଲେ ବେଶ୍ ପ୍ରଗଲ୍ଭ, ଆଉ କହି ଚାଲିଥିଲେ ଜୀବନ ସହିତ ନିଜ ସଂଘର୍ଷର କାହାଣୀ, ଯାହା ଥିଲା ଖୁବ୍ ପ୍ରେରଣାଦାୟୀ। ବୋଧେ ଏପରି ଅଫେରା ପଥରେ ଯାଇ ଫେରିବାକୁ ଚାହିଁ ଫେରି ପାରୁ ନ ଥିବା ପ୍ରତ୍ୟେକଙ୍କୁ ଏହା ଖୁବ୍ ଉତ୍ସାହ ଦେବ।

"ମୁଁ କଣ ଥିଲି, ଆଉ ଆଜି କଣ ହେଇଚି, ଭାବିଲେ ନିଜକୁ ବି ଆଶ୍ଚର୍ଯ୍ୟ ଲାଗେ। ସେତେବେଳେ ଆମେ ଥାଉ ସୁନାବେଡାରେ। ପ୍ଲସ୍ ଟୁ ପଢୁଥାଏ। ସାଙ୍ଗମାନଙ୍କ ସଙ୍ଗେ ମିଶି ମଦ ପିଇବା ଆରମ୍ଭ କଲି । ଟିକେଟିକେ ପିଉ ପିଉ, ଏପରି ଏକ ସମୟ ଆସିଲା ଯେ, ମଦ ନହେଲେ ମୋର ଚଳିଲା ନାହିଁ। ପାଠଶାଠ ସବୁ ଗଲା। ମଦ ପିଇ କାହାକୁ ବାଡ଼େଇ ପକାଇଲି, କାହା ସଙ୍ଗେ ଝଗଡ଼ା କଲି, ଏମିତି କି ଘରକୁ ବି ସେସବୁ ର ଖବର ଆସୁଥିଲା । ବାପାଙ୍କର ସେତେବେଳେ ଖୁବ୍ ନାଁ । କିନ୍ତୁ ସେସବୁକୁ କୋଉ ଖାତିର୍ ଥାଏ ମୋର । ଏମିତି କୌଣସି ବାଲୁଙ୍ଗାମି ନାହିଁ ଯାହା ମୁଁ ସେତେବେଳେ କରିନି । ତେବେ 2004 ମସିହା, ମତେ ସେତେବେଳକୁ ସତେଇଶ ବର୍ଷ ବୟସ, ହଠାତ୍ ଦିନେ କଣ ହେଲା କେଜାଣି, ମୋ ମୁଣ୍ଡରେ ପଶିଲା, ମୁଁ କୋଉ ଘର ପିଲା, ଆଉ କଣ କରୁଛି ! ବାସ୍, କେମିତି ସବୁ ଛାଡ଼ିବି ବୋଲି ବିକଳ ହୋଇ ପଡ଼ିଲି । କିନ୍ତୁ ଏମିତି ତ ଛାଡ଼ିବି ବୋଲି କହିଲେ ଛାଡି ହେବ ନାହିଁ । ତେଣୁ ସେବର୍ଷ ଶ୍ରାବଣ ମାସରେ ସଂକଳ୍ପ କରି ବାହାରି ପଡ଼ିଲି ଲୋକନାଥଙ୍କୁ ପାଣି ଚଢେଇବି ବୋଲି। ଆଉ ବାବାଙ୍କ ଉପରେ ପାଣି ଢ଼ାଳି ପ୍ରତିଜ୍ଞା କଲି ଆଉ ଦିନେ ଏସବୁ ଛୁଇଁ ବି ନାହିଁ ବୋଲି । ନହେଲେ ଆଜି କଣ ମୁଁ ଆପଣଙ୍କ ପାଖରେ ଛିଡା ହୋଇ ପାରିଥାନ୍ତି !" ଇଏ ପଚାରିଲେ, ଆଉ ଏବେ ଯୋଉ ପାନ ଖାଉଛ...??

ଲାଜୁଆ ହସ ଟିଏ ହସି ପିଣ୍ଟୁ କହିଲେ," ନାଇଁ ଭାଇ, କଣ ଟିକେ ଖାଇବି ବୋଲି ପାନ ଟିକେ ଖାଉଚି । ଭାବିଲି ଯାହା କରିବି ବାପା ବୋଉଙ୍କ ଆଗରେ। ବାପା ବୋଉ ପାନ ଖାଆନ୍ତି। ଏବେ ଘରକୁ ଗଲେ, ବୋଉ କହିବ, ପାନ ଅଛି କିରେ.. ନଥିଲେ ଦେବ, ଆଉ ଥିଲେ ମୋ ହାତରୁ ନେଇ ନିଜେ ଖାଇବ।"

ପିଣ୍ଟୁ ଙ୍କ କଥା ମତେ ଅଭିଭୂତ କରିଥିଲା। ସେଦିନର ବିଗିଡି ଯାଇଥିବା ପିଲାଟି ଆଜି ବେଶ୍ ସୁସଜ୍ଜିତ। ବାପା ମା'ଙ୍କୁ ତୀର୍ଥ କରାଇବା ଠାରୁ ନେଇ ଭଉଣୀ ଓ ଭଣଜା ଭାଣିଜୀଙ୍କ ଦାୟିତ୍ୱ ସୂଚାରୁ ରୂପେ ତୁଲାଉ ଛନ୍ତି । ପଚାଶ ରୁ ଷାଠିଏଟି ପିଲା ଙ୍କୁ ରୋଜଗାର ଦେଇ ସେ ଆଜି ନିଜ ବ୍ୟବସାୟରେ ବେଶ୍ ପରିଚିତି ପାଇଛନ୍ତି । ସତରେ ଯେଉଁଠି ସତ୍ ଇଚ୍ଛାଟିଏ ଜନ୍ମ ନେଇଚି ଈଶ୍ୱର ସ୍ୱୟଂ ଆସି ବାଟ କଢେଇ ନିଅନ୍ତି । ତେଣୁ ଅଫେରା ରାସ୍ତାରୁ ଲେଉଟାଣି ଅସହଜ ସତ କିନ୍ତୁ ଅସମ୍ଭବ ନୁହେଁ । ଆଖି ଖୋଲିଦେଲେ ସକାଳ ହେବା ତ ନିଶ୍ଚିତ । କିନ୍ତୁ ଆଖି ଖୋଲିଲା ପରେ ବି ନା ମୁଁ ପାରିବି ନାହିଁ କହି ଯଦି ନିଜକୁ ଦୁର୍ବଳ କରିଦେବେ ତେବେ ଅଫେରା ରାସ୍ତାରୁ ଫେରିବା ଟା କେବଳ ସ୍ୱପ୍ନ ହୋଇ ରହିଯିବ। କେତେ କେତେ ନୀରିହ ଜୀବନ ଏପରି ଅଫେରା ରାସ୍ତାରେ ଯାଇ ଫେରି ନ ପାରି ପରିବାର ଉଜାଡି ଦେଇ ଅସମୟରେ, ଅବେଳରେ ଚାଲିଯାଏ ସତେ!

ହଁ! ଜୀବନ ସମସ୍ତଙ୍କୁ ସୁଯୋଗ ଦିଏ, କିନ୍ତୁ ସେ ସୁଯୋଗ ପାଇଁ ପ୍ରସ୍ତୁତ ଥାଆନ୍ତି ବା କେତେଜଣ! ବାସ୍, ଥରେ ହାତଛଡା ହେଇ ଯାଇଥିବା ସୁଯୋଗଟି ଚାଲିଯାଏ ଆଉ କାହା ପାଖକୁ । ଅନେକ୍ ସମୟରେ

ତ ସୁଯୋଗଟି ଆମକୁ ସମସ୍ୟା ପରି ଦିଶେ । ଆଉ ଆମେ ସମସ୍ୟାଟିକୁ ଆଡ଼େଇ ଦେଇ ଚାଲିଯିବାକୁ ବୁଦ୍ଧିମାନର କାର୍ଯ୍ୟ ବୋଲି ଭାବିଥାଉ । କିନ୍ତୁ ପ୍ରକୃତ ବୁଦ୍ଧିଆ ହେଉଛି ସେହି ବ୍ୟକ୍ତି ଯିଏ ସମସ୍ୟା ସହିତ ଲଢ଼ି ସମସ୍ୟା ସମାଧାନର ପନ୍ଥାଟି ବାହାର କରେ। ସେତେବେଳେ ସମସ୍ୟାଟି ଆଉ ସମସ୍ୟା ହୋଇ ରହେନା। ଏହି ସମସ୍ୟାକୁ ସାମନା କରିବାର ଡରକୁ ପାରି କରିଗଲେ ବିଜୟ ସୁନିଶ୍ଚିତ ହୋଇଯାଏ। ଈଶ୍ୱର କରନ୍ତୁ ପିଣ୍ଟୁମାନେ ସେ ଅଫେରା ରାସ୍ତାରେ ନ ଯାଆନ୍ତୁ । ଯଦି ବା ଯାଇଛନ୍ତି ତେବେ ତାଙ୍କରି କରୁଣା କୁ ପାଥେୟ କରି ନିଜ ପରିବାର ପାଖକୁ ଲେଉଟି ଆସନ୍ତୁ । ଆଉ ଲେଉଟାଇ ଆଣନ୍ତୁ ଜୀବନରେ ସୁଖ ଶାନ୍ତି ଏବଂ ସ୍ଥିରତା।

କଳିଙ୍ଗ ନଗର, ଭୁବନେଶ୍ୱର
ମୋ-୯୪୩୭୪ ୫୩୬୧୦



# କଥାରେ କଥାରେ - ୧୪

ମନୋରମା ମିଶ୍ର





ସ୍ତ୍ରୀ - ଆହେ ଶୁଣିଲଣି କି ! କାଲି ଆମ ସାଇର ଆମେ ତିନି/ଚାରିଜଣ ସ୍ତ୍ରୀଲୋକ ମହାନ୍ତିବାବୁଙ୍କ ସ୍ତ୍ରୀ ସହିତ କଥା ହେଉଥିଲୁ ।

ସ୍ୱାମୀ- ରୁହ..ରୁହ..ମହାନ୍ତିବାବୁ ମାନେ ଏଇ ରଥ ବାବୁଙ୍କ ଘର ପଡିଶା, ତାଙ୍କର ଚାରୋଟି ପିଲା, ଟିକେ ଅଭାବରେ ଚଳନ୍ତି, ସେଇ ତ ?

ସ୍ତ୍ରୀ- ହଁ..ହଁ..। ତାଙ୍କର ବଡପୁଅଟି ଭଲ ପାଠ ପଢୁଥିଲା । ଏବେ ବମ୍ବେରେ ଯାଇ ଚାକିରି କରୁଛି। ଭଲ ଟଙ୍କା ବି ରୋଜଗାର କରୁଛି। ସେଇ ପୁଅ ଆଠଦିନ ପୂର୍ବରୁ ବମ୍ବେରୁ ଆସିଥିଲା। ମହାନ୍ତିବାବୁଙ୍କ ସ୍ତ୍ରୀ ତ ତା'ରି କଥା ବେଶି ଗପୁଛନ୍ତି।

ସ୍ୱାମୀ- ସତେ ନା କ'ଣ ମ !

ସ୍ତ୍ରୀ - ହଁ ପରା।ଆମେ ପୁଣି ପଚାରିଲୁ ,ସେ' ଅଛି ନା ଗଲାଣି ? ଉତ୍ତରରେ ମହାନ୍ତି ବାବୁଙ୍କ ସ୍ତ୍ରୀ ଖାଲି ବାରମ୍ବାର ଉପରକୁ ଚାହିଁ ମନ ଦୁଃଖରେ କହୁଥାଆନ୍ତି ,"ସେ'କ'ଣ ଆଉ ଅଛି,କାଲି ରାତିରେ ପରା ଚାଲିଗଲା,ଏବେ ତ ତା' ଜାଗାରେ ପହଂଚିଯିବଣି। ଆଉ କ'ଣ ଏଠି ଖୋଜିଲେ ମିଳିବ?"

ଏହା ଅର୍ଥ କ'ଣ କିହୋ? ଆମକୁ କାହିଁକି ଭାରି ଖରାପ ଲାଗିଲା।

ସ୍ୱାମୀ -ଆହେ ! ତାଙ୍କ ପୁଅ ଉଡାଯାହାଜରେ ଯାଇଥିବ। ତେଣୁ ସେଇକଥାଟା ତୁମମାନଙ୍କୁ ଜଣେଇ ଦେବାକୁ ସେ'ଚାଲିଗଲାଣି କହି ଉପରକୁ ଚାହୁଁଥିବେ ବାରମ୍ବାର। କିନ୍ତୁ ତୁମେମାନେ ଯେ ସେକଥା ବୁଝିପାରିଲନି ସେଇଟା ସିଏ ବୁଝିଲେନି। ସେ' ତାଙ୍କର ତୁମମାନଙ୍କୁ ଜଣେଇ ଦେଇ ମନେମନେ ଖୁସି।

ସ୍ତ୍ରୀ- ଏ ମାଁ..ସତେ କି ?

ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧
ମୋ : ୯୮୬୧୫୬୮୫୩୨

# ଅଦୃଶ୍ୟ ଆଶୀର୍ବାଦ

ବିନୋଦିନୀ ଗଉଡ଼





ସକାଳୁ ସକାଳୁ ବଗିଚା କାମରେ ଲାଗି ଯାଇଛି କାଳିଆ । ଡାକ୍ତର ବାବୁଙ୍କର ଏତେ ବଡ ଘର, ଘର ଆଗରେ ଏଡେ ସୁନ୍ଦର ବଗିଚା, ବଗିଚାରେ ନାନାରଙ୍ଗର ଫୁଲ, ଫୁଲଙ୍କ ଅଧରରେ ମନଲୋଭା ହସ, ସବୁକିଛି ଏଇ କାଳିଆ ହାତର ସ୍ନେହର ପରଶ। ଗୁଣୁଗୁଣୁ ଗୀତ ଗାଇ ସେ ଘାସ ଉପୁଡାଏ, ପାଣି ଦେଉଥାଏ, ତା' ମନର ପ୍ରଫୁଲ୍ଲତା ଫୁଲ ପାଖୁଡ଼ାରେ କଅଁଳ ସୂର୍ଯ୍ୟର କିରଣ ହୋଇ ଛୁଇଁ ଯାଉଥାଏ। ଏଇ କିଛି ଦିନ ହେଲା ତା' ଓଠରୁ ଝରୁନାହିଁ ଆଉ ହସର ଫୁଆରା। ଗଛପତ୍ର, ଫୁଲଫଳ ସବୁଥିରେ ମାଡ଼ି ଯାଇଛି ଉଦାସୀନତା। ପୁରା ଘର ଭିତରେ ବି ଛାଇ ଯାଇଛି ଅନ୍ତଃହୀନ ନୀରବତା। କେବେ ପୁଣି ବାବୁଙ୍କ ପ୍ରାଣ ଖୋଲା ହସରେ ଉଚ୍ଛୁଳି ଉଠିବ ଏ ଘର ଅଗଣା... କେଜାଣି? ଗାମୁଛାରେ ଲୁହ ପୋଛୁଥିଲା କାଳିଆ। ବାହାର ଗେଟ୍ ରେ କିଏ ଖଟ୍ ଖଟ୍ କରୁଛି, ଏତେ ସକାଳୁ କିଏ ହୋଇପାରେ? ତରବର ହୋଇ ଗେଟ୍ ଖୋଲି ଥମକି ଠିଆ ହୋଇଗଲା କାଳିଆ।

ହାତରେ କନାମୁଣା, କାଖରେ ଛୋଟ ପିଲାଟିକୁ ଧରି ସ୍ତ୍ରୀ ଲୋକଟିଏ, ପଛରେ ମଇଳା ଧୋତି,ସାର୍ଟ ପିନ୍ଧି ଯନ୍ତ୍ରଣା କାତର ମୁହଁରେ ଛିଡ଼ା ହୋଇଛି ତା' ସ୍ୱାମୀ। କେଉଁ ଆଦିବାସୀ ଗାଁ'ରୁ ଆସିଛନ୍ତି ବୋଧେ, ସେମାନଙ୍କ ପୋଷାକ ଆଉ କଥାବାର୍ତ୍ତାରୁ ଠଉରେଇ ନେଲା କାଳିଆ।

-"ଆଜ୍ଞା, ଇଟା ଛାତି ଡାକ୍ତର ବାବୁର୍ ଘର କାଏଁ ?" ସ୍ତ୍ରୀ ଲୋକଟି ପଚାରୁଥିଲା ବିବ୍ରତ ହୋଇ।

-"ହଁ ! ଯେ...କାଣା କାମ୍ ଥିଲା କାଏଁ ?"

-"କୁନାର୍ ବାପାର୍ ଦିହି ଖରାପ୍ ଅଛେ.. ହସପିଟାଲ କେ ଯାଇଥିଲୁଁ, ଡାକ୍ତର୍ ଆଜ୍ଞା ଛୁଟିରେ ଅଛନ୍ ବଲି କହଲେ। ହେତିର୍ ଲାଗି ଆମେ ଘର୍ ଖୁଜି ଖୁଜି ଆସଲୁଁ। କେତେବେଲେ ଦେଖ୍ ବେ ଯେ' ଡାକ୍ତର୍ ଆଜ୍ଞା?"

ଆଶାୟୀ ଆଖିରେ ଚାହିଁରହିଥିଲେ ସ୍ୱାମୀ, ସ୍ତ୍ରୀ ଦୁହେଁ।

-"ବାବୁର୍ ଦିହି ଖରାପ୍ ଅଛେ । ଏବେ ପେସେଣ୍ଟ ନାଇଁ ପାରନ୍ । ପଛେକା ଆଏବ ।" ଏହା କହି ଗେଟ୍ ବନ୍ଦ୍ କରିବାକୁ ଯାଉଥିଲା କାଳିଆ।

- "ନାଇଁ ବାବୁ ମନା ନାଇଁ କର...। କୁନାର ବାପାର୍ ଦିହି ବହୁତ୍ ଖରାପ୍ ଅଛେ । ଛାତିନେ ପାଏନ୍ ଜମି ଯାଇଛେ । ବଡ଼ା କଷ୍ଟ ହଉଚେ ତାହାକେ..।" ବିକଳ ହୋଇ କହି ଉଠିଲା ସ୍ତ୍ରୀ ଲୋକଟି। ସହି ପାରିଲାନି କାଳିଆ। ବାରଣ୍ଡାରେ ପେସେଣ୍ଟ ବସୁଥିବା ଚେୟାର ଉପରେ ବସିବାକୁ କହି, ବାବୁଙ୍କ ସହ କଥା ହେବାକୁ ଚାଲିଗଲା ଭିତରକୁ।

ପାଖାପାଖି ପନ୍ଦର ଦିନ ହୋଇଗଲା, ଗାଡ଼ି ଦୁର୍ଘଟଣା ପରେ ବେଡ୍ ଉପରେ ନିଶ୍ଚଳ ହୋଇ ପଡି ରହିଛନ୍ତି ବାବୁ। ଚିକିତ୍ସା ଚାଲିଛି...। ଡାକ୍ତର କହୁଛନ୍ତି ଆହୁରି ମାସେ/ଦୁଇ ମାସ ଲାଗିଯିବ ପୁରା ଠିକ୍ ହେବା ପାଇଁ। ମାଆ ବାବୁଙ୍କୁ ଔଷଧ ଦେଉଥାନ୍ତି। ଜହ୍ନ ପରି ସୁନ୍ଦର ମୁହଁଟିରେ ଅମା ଅନ୍ଧାରର ଛାଇ । ଭାରି ଉଦାସ ଲାଗୁଥାନ୍ତି ମାଆ। କବାଟ ପାଖରେ ଠିଆ ହୋଇ ଧିରେ ଡାକିଲା କାଳିଆ - "ମାଆ...! ଗୁଟେ ପେସେଣ୍ଟ ବହୁତ୍ ଦୂର୍ ନୁ ଆସିଛେ ବାବୁକେ ଦେଖାବାର୍ ଲାଗି .... ମନାକଲେ ବି ନାଇଁ ଯିବାର୍..."।

-"ବାବୁଙ୍କର୍ ଅବସ୍ଥା ଦେଖୁଚୁ କି ନାଇଁ । ଖଟୁ ଉଠି ନାଇ ପାରବାର୍ । କେନ୍ତା କରି ପେସେଣ୍ଟ ଦେଖ୍ ବେ...? ଯା' ମନା କରି ଦେ, ଯା..। "

କିଞ୍ଚିତ୍ ବିରକ୍ତ ହୋଇ କହିଦେଲେ ମାଆ। ଫେରି ଯାଉଥିଲା କାଳିଆ।

ବାବୁ ଶୁଣିପାରି କହିଲେ - "ନାଇଁ...ନାଇଁ, ମନା ନାଇଁ କର ହୋ....ଡାକିଆନ ତାକେ...! କାଣା ହେଇଛେ ବୁଝ୍ ମାଁ !!"

ଦରଦୀ ହୃଦୟର ମଣିଷଟିଏ ଡାକ୍ତର ଗୌରବ। କାହାର ଦୁଃଖ ସହି ପାରନ୍ତିନି ଜମା। ନିଜ ଚାକିରୀ କାଳରେ ନିଃସ୍ୱାର୍ଥପର ଭାବେ ଅନେକ ରୋଗୀଙ୍କର ସେବା କରିଛନ୍ତି। ବଦଳରେ ସେ ପାଇଛନ୍ତି ସ୍ନେହ, ସମ୍ମାନ ଏବଂ ଅସରନ୍ତି ଭଲପାଇବା। ରୋଗୀଙ୍କ ପାଇଁ ସେ ହେଉଛନ୍ତି ଦେବତା। ଆଖି ଆଗରେ ଭାସି ଯାଉଛି ଅତୀତର କିଛି ଅଭୁଲା ସ୍ମୃତି।

ତାଙ୍କର ପ୍ରଥମ ପୋଷ୍ଟିଂ ହୋଇଥିଲା ଟିଟିଲାଗଡ଼ ପାଖରେ ଥିବା ଏକ ପି.ଏଚ୍.ସି. ରେ। ନଈ ପାର ହୋଇ ଯିବାକୁ ପଡୁଥିଲା ତାଙ୍କୁ। ନୂଆଁଖାଇ ପର୍ବ ସମୟର କଥା। ବନ୍ଧୁ ବାନ୍ଧବ, କୁଣିଆ ଗହଳିରେ ପୁରି ଉଠୁଥିଲା ଘର। ଖବର ଆସିଲା ତାଙ୍କ ଏରିଆରେ ହଇଜା ଲାଗିଛି । ଝାଡ଼ାବାନ୍ତିରେ ଅନେକ ଲୋକ ମୃତ୍ୟୁବରଣ କଲେଣି। ନୂଆଁଖାଇର ମଉଜ,ମଜଲିସ୍ ଛାଡି ଭରା ନଈରେ ପହଁରି ଆଗେଇ ଯାଇଥିଲେ ଲୋକମାନଙ୍କର ଚିକିତ୍ସା ପାଇଁ। ରାତିଦିନ ହସ୍ପିଟାଲ ଷ୍ଟାଫ୍ ମାନଙ୍କୁ ଧରି ଘର ଘର ବୁଲି ଚିକିତ୍ସାର ଫଳ ସ୍ୱରୂପ ସଂକ୍ରମଣରୁ ବର୍ତ୍ତି ଯାଇଥିଲେ ଅନେକ ଲୋକ। ସେଥିପାଇଁ ତାଙ୍କୁ 'ଲାଇଫ୍ ଟାଇମ୍ ଆଚିଭମେଣ୍ଟ' ସମ୍ମାନରେ ସମ୍ମାନିତ କରିଥିଲେ ତତ୍କାଳୀନ ସରକାର।

ମଧୁର ଅତୀତର ସ୍ମୃତି ଚାରଣ କରି ଭାବପ୍ରବଣ ହୋଇ ପଡୁଥିଲେ ଡାକ୍ତର ଗୌରବ। ଦୁର୍ଘଟଣାରେ ସ୍ପାଇନାଲ୍ କର୍ଡ ଆଘାତ ଜନିତ ସମସ୍ୟା ଯୋଗୁଁ ଶଯ୍ୟାଶାୟୀ ହୋଇ ପଡ଼ିଛନ୍ତି ପନ୍ଦର ଦିନ ହେଲା। ସତରେ ସେ କ'ଣ ଆଉ ଠିକ୍ ହେବେନି? ଏମିତି ପଙ୍ଗୁ ହୋଇ ପଡ଼ି ରହିବେ ସାରା ଜୀବନ ! ନିଜେ ଜଣେ ଡାକ୍ତର ହୋଇ ସୁଦ୍ଧା ବୁଝେଇ ପାରୁ ନଥିଲେ ନିଜକୁ।

କାଳିଆ ହାତରେ ପେସେଣ୍ଟକୁ ଡକାଇ ତା'ର ଅସୁବିଧା କଥା ଶୁଣିଥିଲେ ମନଦେଇ। କନାବ୍ୟାଗ୍ ରୁ ରିପୋର୍ଟ ସବୁ କାଢ଼ି ଦେଖାଉଥିଲା ସ୍ତ୍ରୀ ଲୋକଟି।

ଗରୀବ ଆଦିବାସୀ ଲୋକଟି । ଛାତିରେ ପାଣି ଜମି ଯାଇଛି । ଭାରି କଷ୍ଟ ପାଇଲାଣି ବିଚରା। ଏମିତି କେତେ ପେସେଣ୍ଟଙ୍କୁ ଭଲ କରିଛନ୍ତି ସେ ଅଳ୍ପ ସମୟ ଭିତରେ। ଅଥଚ ଆଜି...ସେ ନିଜେ ଜଣେ ପେସେଣ୍ଟ, ଏମିତି ଶୋଇଥିବା ଅବସ୍ଥାରେ କେମିତି ପାଣି କାଢି ପାରିବେ, ଭାରି ଅସହାୟ ଲାଗୁଥିଲା ତାଙ୍କୁ।

-"ତୁଇ ବଡ଼ ମେଡିକାଲ୍ ଯାଇ ନାଇ ଦେଖେଇ ପାର୍ ଲୁ, କେତେ ଡାକ୍ତର ଅଛନ୍ "।

-"ନାଇଁ ଆଜ୍ଞା, ତମର୍ ନାଁ ଶୁନି ଏତେ ଦୂରୁ ଆସିଛୁଁ । ତମର୍ ହାତ୍ ବାଜ୍ ଲେ କୁନାର୍ ବାପା ଭଲ୍ ହୋଇଯିବା...ମନା ନାଇଁ କର୍ ବ ଆଜ୍ଞା..."। ମିନତି କରୁଥିଲେ ସ୍ୱାମୀ,ସ୍ତ୍ରୀ ଦୁହେଁ।

-"ମୁଇଁ ନିଜେ ଏବେ ପେସେଣ୍ଟ ହେଇକରି ଖଟେ ପଡିଛେଁ, ତତେ କେନ୍ତା କରି ଦେଖମି କହତ...? "

ଅସହାୟତାରେ ଓଦା ଓଦା ଡାକ୍ତର ଗୌରବଙ୍କ କଣ୍ଠସ୍ୱର। ଛଳଛଳ ପେସେଣ୍ଟର ଦୁଇ ଆଖି। ସେ ଭାବପ୍ରବଣ ହୋଇ କହି ଉଠିଲା –

-"ଡାକ୍ତର ଆଜ୍ଞା...ତମେ ଶୁଇ କରି ମୋର ଛାତିନୁ ପାଏନ୍ କାଢ଼ି ଦିଅ । ମନା ନାଇଁ କର ଆଜ୍ଞା "।

ପେସେଣ୍ଟର ସେଇ କଥା ପଦିକରେ କେତେ ବିଶ୍ୱାସ ଆଉ ଭରସା ଥିଲା.. ଲୁହ ଆସି ଯାଇଥିଲା ଆଖିରେ। ଡାକ୍ତର ଗୌରବ ତାଙ୍କ ସ୍ତ୍ରୀ ଡାକ୍ତର ସୋନାଲୀଙ୍କ ଉଦ୍ଦେଶ୍ୟରେ ପାଟିକଲେ- "ସୋନା...ସିରିଞ୍ଜ୍, ସିଜର୍ ସବୁ ଆଣିକରି ଆସ ତ ! ମୋର୍ ପାଖ୍ କେ..ଟିକେ ! ସାହାଯ୍ୟ କର ମୋତେ...। ଲୋକଟିର ବିଶ୍ୱାସର ଜୟ ହେଉ ...ଜୟ ଜଗନ୍ନାଥ..। " ଏହା କହି ସେମିତି ଅର୍ଦ୍ଧଶୟନ ଅବସ୍ଥାରେ ରୋଗୀଟିର ଚିକିତ୍ସା କଲେ।

ମହାପ୍ରଭୁଙ୍କ ଆଶିଷରୁ ପେସେଣ୍ଟ ଛାତିରୁ ପାଣି

କାଢ଼ିବାରେ ସଫଳ ହୋଇପାରିଥିଲେ ଡାକ୍ତର ଗୌରବ। କୃତଜ୍ଞତାରେ ପୋତି ପକାଇଥିଲା ପେସେଣ୍ଟଟି । ଫେରିବା ବେଳେ ସ୍ୱାମୀ,ସ୍ତ୍ରୀ ଦୁହେଁ ଆଶୀର୍ବାଦ ଢାଳି ଦେଇଥିଲେ ତାଙ୍କ ଉପରେ-

-"ଡାକ୍ତର ଆଜ୍ଞା...ମା' ସମଲେଇ ଜଲ୍ ଦି ଭଲ୍ କର୍ ବେ ତତେ..।"

ସେମାନଙ୍କର ଖୁସି, ଆନନ୍ଦର ଫୁଲ ହୋଇ ଝରି ପଡୁଥିଲା ଡାକ୍ତର ଗୌରବ ଏବଂ ସୋନାଲୀଙ୍କ ଓଠରୁ।

ଏହାର ଦୁଇ ଦିନପରେ ମୋବାଇଲରେ ଡକ୍ଟର ସନ୍ତୋଷର କଲ୍ ଦେଖି ଖୁସିରେ ବିଭୋର ହୋଇଗଲେ ଡାକ୍ତର ଗୌରବ- "ହ୍ୟାଲୋ...!! ସନ୍ତୋଷ... କେବେ ଫେରିଲୁ ଆମେରିକାରୁ ? ମୁଁ ବଡ଼ ଅସୁବିଧାରେ ପଡି ଯାଇଛି । ତୋତେ ହିଁ ଅପେକ୍ଷା କରିଥିଲି ।"

-"କାଲି ଫେରିଲି । ତୋର ବଡ଼ ଏକ୍ସିଡେଣ୍ଟ ହୋଇଛି ଶୁଣିଲି । କେମିତି ଅଛୁ ଏବେ ?"

-"ଅଠର ଦିନ ହେଲା ବେଡରେ ପଡିଛି । ମୋ ଅର୍ଥୋପେଡିକ୍ ସାଙ୍ଗ କେବେ ଆସିବ ବୋଲି ଭଗବାନଙ୍କୁ ପ୍ରାର୍ଥନା କରୁଥିଲି । ତୋତେ ପଠେଇ ଦେଲେ ତା'ହେଲେ..।"

ପରଦିନ ଡାକ୍ତର ସନ୍ତୋଷଙ୍କ ଚିକିତ୍ସା ଆରମ୍ଭ ହେବାପରେ ଦିନେ/ଦୁଇଦିନ ଭିତରେ ଅଣ୍ଟାରେ ବେଲ୍ଟ ପିନ୍ଧି ଚାଲିବା ଆରମ୍ଭ କଲେ ଡାକ୍ତର ଗୌରବ। ଗୋଟିଏ ସପ୍ତାହ ଭିତରେ ନିଜେ ଗାଡ଼ି ଚଲେଇବା ପାଇଁ ସମର୍ଥ ହେବାପରେ ହସ୍ପିଟାଲ୍ ଯିବାକୁ ବାହାରିଲେ ସିଏ।

ପାଖାପାଖି ଗୋଟିଏ ମାସର ବ୍ୟବଧାନ ପରେ ଘରୁ ଗୋଡ଼ କାଢୁଥିଲେ ଡାକ୍ତର ଗୌରବ। ହେଲେ, ଏ କ'ଣ..ପରମ ବିସ୍ମୟଟିଏ ଅପେକ୍ଷା କରିଥିଲା ଗେଟ୍ ବାହାରେ। ଡାକ୍ତର ବାବୁଙ୍କର ଭଲ ହୋଇଯିବା ଖବର ବିଦ୍ୟୁତ୍ ପରି ପ୍ରଚାରିତ ହୋଇ ଯାଇଛି ଚାରିଆଡେ।

ତାଙ୍କୁ ଭଲପାଉଥିବା ଅସଂଖ୍ୟ ଶୁଭେଚ୍ଛୁ ଗାଡି,ମଟର, ସାଇକେଲରେ ଆସି ଭିଡ଼ ଜମେଇଛନ୍ତି ଘର ଆଗରେ। ଲୋକଙ୍କର ଏତେ ଭଲପାଇବା ଦେଖି ଭାବପ୍ରବଣ ହୋଇ ପଡୁଥିଲେ ଡାକ୍ତର ଗୌରବ। ଆଖି କୋଣରେ ଜକେଇ ଆସୁଥିବା ଦୁଇ ବୁନ୍ଦା ଲୁହକୁ ଆସ୍ତେକିନା ରୁମାଲରେ ପୋଛି ହସ ହସ ମୁହଁରେ ସମସ୍ତଙ୍କୁ ହାତଯୋଡି ଧନ୍ୟବାଦ୍ ଜଣାଉଥିଲେ।

ତାଙ୍କ ହସ୍ପିଟାଲରେବି ଦୃଶ୍ୟପଟ୍ଟ ଥିଲା ଆହୁରି ହୃଦୟସ୍ପର୍ଶୀ। ସେଇ ଆଖପାଖ ଗାଆଁର ବୁଢ଼ାବୁଢ଼ୀ କେତେ ରୁଣ୍ଡ ହୋଇ ନୀରବରେ ଲୁହ ଢାଳୁଥାନ୍ତି। ସେ ପହଞ୍ଚି କାନ୍ଦିବାର କାରଣ ପଚାରିବାରୁ ସେମାନେ କହି ଉଠିଲେ - "କେହି ଜଣେ ଡାକ୍ତର ବାବୁ ଆରପାରିକୁ ଚାଲିଗଲେ ବୋଲି ପ୍ରଚାର କରି ଦେଇଛି। ସେଥିପାଇଁ ସମସ୍ତେ କାନ୍ଦିକାନ୍ଦି ହସ୍ପିଟାଲ ଆସିଛନ୍ତି ବୁଝିବା ପାଇଁ। ଏଠାକୁ ଆସି ଡାକ୍ତର ବାବୁଙ୍କୁ ଜୀବିତ ଦେଖି ଲୁହ ବଦଳରେ ହସ ଫୁଟି ଉଠିଛି ସମସ୍ତଙ୍କ ମୁଖ ମଣ୍ଡଳରେ।"

ସେମାନଙ୍କ ଭଲପାଇବାର ଆବେଗ ଅମାନିଆ ଲୁହ ହୋଇ ଝରି ଯାଉଥିଲା ଡାକ୍ତର ଗୌରବଙ୍କ ଆଖି କୋଣରୁ।

ମନେମନେ ସ୍ୱାଗତୋକ୍ତି କରୁଥିଲେ ସିଏ- "ଏଇ ଲୋକମାନଙ୍କ ଭଲପାଇବା ହିଁ ଅଦୃଶ୍ୟ ଆଶୀର୍ବାଦ ହୋଇ ଝରି ପଡ଼ିଛି ତାଙ୍କ ଉପରେ । ସେଥିପାଇଁ ତ ଦୁଇମାସରେ ଭଲ ହେବା ପାଇଁ ଡକ୍ଟର କହିଥିଲେ, ଆଉ ସେ ମାତ୍ର କୋଡିଏ ଦିନରେ ସୁସ୍ଥ ହୋଇ ଫେରି ଆସିଲେ ତାଙ୍କର ଏଇ ଭଲପାଇବାର ପୃଥିବୀକୁ।"

କ୍ୱାଟର୍ ନଂ – ସି,୧-୧ / ୧,
ନ୍ୟୁ-ଗଭରନ୍‌ମେଣ୍ଟ କଲୋନୀ, ଭୁବନେଶ୍ୱର
ଫୋନ୍ ନଂ – ୯୪୩୭୩ ୩୭୯୫୫

# ପାପୀର ପୁଣ୍ୟ

ସୁନନ୍ଦା ମହାନ୍ତି



ଫୁଲ ତୋଡ଼ା ଦୁଇଟି ଦେଖୁ ଦେଖୁ ଚମକି ପଡିଲେ ମଧ୍ୟ କିଛି ପ୍ରତିକ୍ରିୟା ପ୍ରକାଶ କରି ନଥିଲେ ଅଫିସର ବିନୋଦ ତାଙ୍କ ଚପରାଶୀ ଆଗରେ ବରଂ ପାଞ୍ଚ ହଜାର ଟଙ୍କା ଦେଇ ବିଦା କଲେ ନରହରିକୁ । ନରହରି ରଜତ ହାତକୁ ଗଣି ଗଣି ପାଞ୍ଚ ହଜାର ବଢ଼େଇ ଦେଇ ତା କମିସନ ପାଞ୍ଚଶହ ଟଙ୍କା ପାଇ ଖୁସିରେ ଚାଲିଯାଇଥିଲା । ରଜତ କିନ୍ତୁ କେବେ ସ୍ୱପ୍ନରେ ଭାବିନଥିଲା ଦୁଇଶହ ଟଙ୍କା ମାତ୍ର ମୂଲ୍ୟରେ ବିକୁଥିବା ଏ ଫୁଲତୋଡ଼ାକୁ କିଣିସାରି ପଇସା ଦେଲାବେଳକୁ ଯୁବକଟି ଶକ୍ତି ଖଟେଇ ଦଉଡି ପଳାଇଯିବାର ଦୃଶ୍ୟ ତାକୁ ଯେତିକି ଅଭିଭୂତ କରିନଥିଲା ଆଜି ବିନା ପଇସାର ଫୁଲ ତୋଡ଼ା ଦୁଇଟି ବିନିମୟରେ ପାଞ୍ଚ ହଜାର ଟଙ୍କା ମିଳିଯିବା ତାକୁ ସେତିକି ଅଭିଭୂତ କରିଥିଲା । ପିଲାଟି ଗୋଲାପ ସହିତ ଜାରବେରା ଫୁଲ ମିଶା ବଡ଼ବଡ଼ ଫୁଲ ତୋଡ଼ା ଦୁଇଟି ମାତ୍ର ଦୁଇଶହ ଟଙ୍କାରେ କୋଉ ଅସୁବିଧାରେ ବିକୁଛି ଭାବୁ ଭାବୁ ଜଣେ କେହି ଏ ବଦମାସ ପିଲାଗୁଡାକ ଫୁଲତୋଡ଼ା ଗୁଡାକ ପାଖରେଥିବା କବର ସ୍ଥାନରୁ ଉଠେଇ ଆଣି ମିଛ ସତ କହି ଅଳ୍ପ ମୂଲ୍ୟରେ ବିକି ଦେଉଛନ୍ତି ଶୁଣି ପିଲାଟି ଦୌଡୁଥିଲା ଆଉ ସେଇ ଫୁଲତୋଡ଼ା ଦୁଇଟି ନରହରି ହାତରେ ସାହେବଙ୍କ ମିଟିଙ୍ଗ ପାଇଁ ଦେଇ ପାଞ୍ଚହଜାର ପାଇବା ଗୋଟେ ବଡ଼ ଉପଲବ୍ଧି ଥିଲା ରାଜେଶ ପାଇଁ ।

ତା ଆରଦିନ ଫୁଲ ତୋଡ଼ାର ଆବଶ୍ୟକତା ନଥାଇ ବି ରଜତ କବରସ୍ଥାନରେ ପହଁଚିଲା । ଗୋଟେ ଗୋଟେ କବର ପାଖରେ ବହୁମୂଲ୍ୟର ଫୁଲତୋଡ଼ା ସହ କିଛି ଭଲ ଖାଦ୍ୟ ଥୁଆ ହୋଇଥିବା ସ୍ଥଳେ ଗୋଟେ ଗୋଟେ କବର ପାଖରେ ଘାସ ଉଠି ମାଡିଯାଇଥିଲା । ରଜତ କାଲିପରି ଦାମୀ ଦାମୀ ଫୁଲତୋଡ଼ା ଦୁଇଟିରୁ ଗୋଟିଏ ଉଠାଇ ନେଇ, ନିଜ ହାତରେ ଫାଉଡ଼ାରେ ଘାସଚାଞ୍ଛି  ପରିଷ୍କାର କରିଥିବା କାହା ବାପା ମାଆଙ୍କ କବର ମଝିରେ ରଖୁଥିଲା ବେଳେ ପଛରୁ ତା କାନ୍ଧରେ କାହାର ସ୍ପର୍ଶ ପାଇ ବୁଲି ନିଜ ଅଫିସ ବସ୍ ଙ୍କୁ ଦେଖି ଚମକି ପଡିଥିଲା । ବସ୍ କିନ୍ତୁ କହିଥିଲେ ସବୁଦିନ କମେଇଥିବା  ପୁଣ୍ୟ ଗୋଟିଏ ଦିନ ପାପରେ ଧୋଇହୋଇଯାଏ ନାହିଁ ରଜତ ! ରଜତ କିଛି ବୁଝିବା ପୂର୍ବରୁ ସାର କହୁଥିଲେ ଆରେ ମୋ ପିତା ମାତାଙ୍କ କବରସ୍ଥାନ ପାଖରେ ସବୁଦିନ ଦେଉଥିବା ଫୁଲ ତୋଡ଼ାକୁ କେହି ନେଇଯାଏ। ହେଲେ ଆଜି ଦେଖୁଛି ସେ ପାପୀ ନୁହେଁ ତପି । ରଜତ କାନ୍ଦି ପକେଇଥିଲା କାରଣ ଫେରିଲା ବେଳେ ବସ୍ କଣ ସବୁ କହୁଥିଲେ ମୁଣ୍ଡରେ ପଶୁନଥିଲା ବେଳେ ରଜତ ଦେଖିଥିଲା ସେହି ପିଲାଟି ଉଠେଇ ନେଉଛି ବସଙ୍କ ପିତାମାତାଙ୍କ କବରସ୍ଥାନରୁ ବଳକା ଫୁଲତୋଡ଼ାଟିକୁ ତ ରଜତ ଦଉଡି ଯାଇଥିଲା ତାକୁ ଧରିବାକୁ । ପିଲାଟା କାଲିପରି ଫୁଲତୋଡ଼ା ଛାଡି ନଯାଇ ବରଂ ନେଇକି ଦଉଡି ପଳେଇଯାଇଥିଲା ପରେ ରଜତ ବ୍ୟସ୍ତ ହୋଇ ପଡୁଥିଲା ତ ବସ୍ କହୁଥିଲେ ପେଟ ପାଟଣା ପାଇଁ ଚୋରୀ ପାପ ନୁହେଁ ରଜତ । ତଥାପି ସାର ଚୋରୀ ତ ଚୋରୀ ନା । କହିବା ବେଳେ ରଜତର କଣ୍ଠ ଥରି ଉଠୁଥିଲା କାହିଁକି ସେ ବୁଝି ବି ବୁଝି ପାରୁନଥିଲା।

ସାକ୍ଷୀଗୋପାଳ, ପୁରୀ
ମୋ:୯୦୪୦୯୭୭୩୨୭

# ଅଲୋଡ଼ା ଅତିଥି

ପ୍ରମୋଦ କୁମାର ମହାପାତ୍ର



ମଉକା ପାଇ ସେଦିନ ଆନନ୍ଦ ବାବୁ ମୋ ପାଇଁ ଗୋଟିଏ ଜୀବନ୍ତ ଦେଢ଼ କିଲିଆ ରୋହୀ ମାଛ ନେଇ ଆସିଥାନ୍ତି ଅଫିସ୍ ଆସିଲା ବେଳେ ନଦୀ କୂଳେ ଘର ତ, ପୁଣି ପୋଖତ ମାଛ ଧରାଳି ସିଏ । ଆନନ୍ଦ ବାବୁ ମୋ ସହକର୍ମୀ, ମୁଁ ମାଛରଙ୍କୁଣା ବୋଲି ସେ ବେଶ୍ ଅବଗତ। ବିଶେଷ କରି, ଗାଁ ନଇ, ନାଳ, ପୋଖରୀର ଛୋଟ ଛୋଟ ମାଛ ବା ଦେଶୀ ଭାଷାରେ ଝୁରିର ସ୍ୱାଦ ତ ନିଆରା। ତା' ଛଡ଼ା ଖାସ୍ ଆମ ମହାନଦୀ ପାଣିର ମାଛ ଯେ ଥରେ ଖାଇଛି ସେ ତା' ସ୍ୱାଦ କେବେ ଭୁଲି ପାରିବ ନାହିଁ । ଗାଁ ରେ ଥିଲା ବେଳେ ଖୁବ୍ ସହଜରେ ମିଳି ଯାଉଥିଲା ଜାତି ଜାତିର ମାଛ, ଆଉ ବେସର ବଟା, ସୋରିଷ ତେଲ ଦେଇ ମା' ଙ୍କ ହାତରନ୍ଧା ମହମହ ମାଛ ତରକାରି ଖାଇବାର ମଜା ... ହରଡ଼ଘଣାରେ ପଡ଼ିଲି ମୁଁ । ଦଶହରା, ଭାଇ ଜିଉଁତିଆ ପାଇଁ ଘରଣୀ ମାତୃଆଳୟରେ, ଏକା ମୁଁ, ତେଣୁ ଏଇ କିଛି ଦିନ ମନ ଇଚ୍ଛା ବୁଲି ବୁଲି କେବେ ହାଇଦର ଭାଇର ଚିକେନ୍ ବିରିୟାନି ତ କେବେ ପ୍ରଭାତ ହୋଟେଲର ଭେଜ୍ ପଲଉ ଖାଇବାର ଲାଳସା ଚରିତାର୍ଥ କରିବା ସୁଯୋଗ ଛାଡେ କିଏ? ହେଲେ ଆନନ୍ଦ ବାବୁ ଶ୍ରଦ୍ଧାରେ ଆଣିଥିବା ମାଛକୁ କରିବି କ'ଣ, ନା ଲୋଭରେ ଛାଡ଼ି ପାରୁଛି ନା ନେଇ ହଇରାଣ ହେବାର ସାହସ ଜୁଟେଇ ପାରୁଛି।ଶେଷରେ ଚ୍ୟାଲେଞ୍ଜ ସ୍ୱୀକାର ପୂର୍ବକ ଦେଢ଼ କିଲିଆ ମାଛଟିକୁ ଧରି ଅଫିସରୁ ଘରକୁ ଶୀଘ୍ର ପ୍ରସ୍ଥାନ କଲି।ଘରେ ପହଞ୍ଚି ଆଗ ଦୁଇଟା ଚୁଲାରେ ଚାଉଳ ଆଉ ଡାଲି ପାଣି ବସେଇ ଗ୍ୟାସରେ ଅଗ୍ନି ସଂଯୋଗ କଲି। କେଉଁ ଦିନରୁ ଅବ୍ୟବହୃତ ପନିକି ଖୋଜି ବାହାର କରି ମାଛକଟାରେ ଲାଗିଗଲି। ପିଲାଦିନେ ପ୍ରତ୍ୟେକ ଘରକାମ କରିବାର ଅଭ୍ୟାସ ହେତୁ ଏହି ବିଦ୍ୟାରେ ମଧ୍ୟ କିଛିଟା ପାରଙ୍ଗମ ଥିଲି ଯାହା ଆଜି କାମରେ ଆସିଲା! ଆମ ଅଜା, ଆଈଙ୍କ ତିନି ପୁଅ ଓ ଗୋଟିଏ ଝିଅ। ଏକ ବହୁକୁଟୁମ୍ବୀ, ଏକାନ୍ନବର୍ତ୍ତି ପରିବାରର କୋଡ଼ିଏ ସରିକି ନାତି, ନାତୁଣୀ ଭିତରୁ ମୁଁ ଜଣେ । ଲମ୍ବା ସ୍କୁଲଛୁଟିରେ ଗାଁ'କୁ ଗଲେ ଅଜା,ଆଈଙ୍କ ଗୋଡ଼ ମୋଡ଼ା ଠୁ ଗାଁ ବାହାରେ ଥିବା 'କଳାସର ବର୍ଛା' ର ପରିବା ଓ ଶାଗ ପଟାଳିରେ ପାଣିମଡ଼ାରେ ସାହାଯ୍ୟ ପର୍ଯ୍ୟନ୍ତ ଛୋଟବଡ ଲଘୁ ଜାତୀୟ କାମ ସବୁ ସାଧ ମତେ ଆମ ନାତି,ନାତୁଣୀ ମାନଙ୍କର। ଅବଶ୍ୟ ବାଧ୍ୟବାଧକତା ନୁହେଁ; ଏଥିପାଇଁ ଅଜା, ଆଈଙ୍କ ପ୍ରତି ଅତୁଟ ସମ୍ମାନ, ତାଙ୍କରି ମୁହଁରେ ଆମରି ଭୂରି ପ୍ରଶଂସାର ବର୍ଷା, ସର୍ବନ୍ୟୁନ ପାଞ୍ଚ ପଇସାରୁ ସର୍ବାଧିକ ଏକ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରାପ୍ତି,ରାତିରେ ତାଙ୍କ ଠାରୁ ମଜା ମଜା କାହାଣୀ ଶୁଣିବାର ଆଗ୍ରହ ତଥା ନିଜକୁ ଅନ୍ୟ ଠାରୁ ଅଧିକ ଯୋଗ୍ୟ ବୋଲି ବାହାବା ନେବାର ପ୍ରତିଦ୍ୱନ୍ଦିତା ଆଦି ପ୍ରଲୋଭନ ଯା' ପଛର ଗୂଢ଼ ରହସ୍ୟ। କଟା ପିଆଜ, ରସୁଣ, ଅଦା, ଶୁଖିଲଙ୍କା ସହିତ ଗୋଟା ଧନିଆ, ଜିରା, ଡାଲଚିନି, ଜାଇତ୍ରୀ ଆଦି ମିଶେଇ ମସଲା ବଟା ଶୀଘ୍ର ସରିଗଲା। ଭାତ,ଡାଲି ବି ପ୍ରସ୍ତୁତ । ତାକୁ ଓହ୍ଲେଇ ଲୁହା କଢ଼େଇଟି ଗ୍ୟାସ୍ ଚୁଲାରେ ବସେଇ କିଛି ସୋରିଷ ତେଲ ପକେଇ ଧୂମା ଜଳୁଥିବା

ଚୁଲା ତେଜି ଦେଲି । ହଳଦୀ, ଲୁଣଗୋଳା କଟା ମାଛ ଖଣ୍ଡ ଗୁଡ଼ିକୁ ବଟା ମସଲା ଆଣ ଭିତରେ ବୁଡ଼େଇ ଗରମ ତେଲ ଫୁଟୁଥିବା କଡ଼େଇ ଉପରେ ଚର୍ ଚର୍ ଶବ୍ଦ ମଧ୍ୟରେ ସଜେଇ ଥୋଇଦେଲି । କିଛି ସମୟ ପରେ ମାଛ ଭାଜି ହୋଇ ମହମହ ବାସ୍ନା ଉଠିଲା। ଆଃ..ଆଘ୍ରାଣେ ଅର୍ଦ୍ଧ ଭୋଜନମ୍, ପାଟିରୁ ଲାଳ ନିଗିଡ଼ିବାରେ ଲାଗିଲା, ଭଜାକୁ ଆହୁରି କଡକ୍ କରିବା ପାଇଁ ଅଧିକ କିଛି ସମୟ ଧିମା ଆଞ୍ଚରେ ରଖି, ଗ୍ୟାସ୍ ବନ୍ଦ କରି ଗାଧୁଆ ଘରକୁ ଚାଲିଲି ଧୁଆଧୋଇ ହୋଇ ଶୀଘ୍ର ଆସିବି ବୋଲି। ଏବେ ପରବର୍ତ୍ତୀ ଦୃଶ୍ୟର ସଫଳ ରୂପାୟନ ପାଇଁ ଉତ୍କଣ୍ଠାର ସହ ଅପେକ୍ଷା...। କିନ୍ତୁ ଏ କ'ଣ, ହିନ୍ଦୀ ସିନେମାର ମଧ୍ୟାନ୍ତରରେ, କାହାଣୀର ଏକ ରୋଚକ ମୋଡରେ । ସ୍କ୍ରିପ୍ଟରେ ଟୁଇଷ୍ଟ ଆଣି ପୁଣି ଆଗକୁ ଲମ୍ବିଯିବା ପରି ହୁଏତ ସେହି ଅଦୃଶ୍ୟ ଲେଖକଙ୍କ ମୁଣ୍ଡରେ ଏକ ମିଷ୍ଟିକ୍ ଖିୟାଲ୍ ଜୁଟିଲା କି ଆଉ...ଦୃଶ୍ୟପଟରେ ଉଭା ହେଲେ ଆଉ ଏକ ଚରିତ୍ର; ସେଇ 'ଆଲୋଡା ଅତିଥି'- ବିଲେଇ ମହାଶୟ! ରୋଷେଇ ଘରକୁ ପଶୁ ପଶୁ ନଜର ଆସିଲା ଏହି ମହାଶୟ ବେଶ୍ ଆରାମରେ କଡ଼େଇ ଉପରେ ଥିବା ଇଷତ୍ ଗରମ ମାଛ ଭଜା ଖଣ୍ଡ ଗୁଡ଼ିକୁ ଉଦରସାତ୍ କରିବାରେ ଲାଗିଛନ୍ତି। ମନେ ପଡ଼ିଗଲା ଶୁଣିଥିବା ଏକ ବ୍ୟାଖାନ; - ଏକ ରବିବାସରୀୟ ସକାଳ,ପଣ୍ଡିତେ ଘରେ ପ୍ରାତଃକାଳୀନ ଠାକୁର ପୂଜାରେ ବ୍ୟସ୍ତ , ଏଣେ ରୋଷେଇ ଘରେ ରଖା ହୋଇଛି ସଦ୍ୟ କଟା ମାଛ, ପଣ୍ଡିତଙ୍କ ଦୃଷ୍ଟି ପଡ଼ିଲା, କୁଆଡୁ ଏକ ବିଲେଇ ଆସି ମାଛ ଖାଇ ଯାଉଥିବାର। ପାଖରେ ଘଉଡ଼ାଇବା ପାଇଁ କେହି ନାହାନ୍ତି, ପଣ୍ଡିତିଆଣି ବି ରୋଷେଇ ଘର ଛାଡ଼ି ଆଉ କୁଆଡେ। ଅଭାବନୀୟ ପରିସ୍ଥିତି। ରାଗରେ ହିତାହିତ ଜ୍ଞାନ ହରାଇ ପଣ୍ଡିତେ ସାମ୍ନାରେ ପୂଜା ପାଉଥିବା ଏକ ପିତଳ ମୂର୍ତ୍ତିକୁ ଉଠାଇ ସେ ବିଲେଇ ଉପରକୁ ନିକ୍ଷେପ କଲେ...! ମୁଁ କିନ୍ତୁ କ୍ଷଣିକ ଆବେଗରେ କୌଣସି ପ୍ରତିକ୍ରିୟା ନ ଦେଖେଇ ରହିଗଲି। ପିଲାଦିନେ ଦେଖିଥିଲି ମାମୁଁଘର ଅଜା କିପରି ଖାଇ ବସିଲା ସମୟର ତାଙ୍କ ଚାରି ପାଖରେ ଘେରି ବସୁଥିଲେ ଏକାଧିକ ଛୋଟ ବଡ଼ ବିଲେଇଛୁଆ, ଆଉ ସେ ନିର୍ଲିପ୍ତ ଭାବରେ ସେମାନଙ୍କୁ ନିଜ ଥାଳିରୁ କିଛି କିଛି ଖାଦ୍ୟ ତାଂକୁ ପରସି ଦେଉଥିଲେ ଆଦରରେ। ସେତେବେଳେ ମୁଁ ଅସନ୍ତୋଷ ଜାହିର କରି କହୁଥିଲି, "ଅଜା,ଏ କ'ଣ? ବିଲେଇ ଅଇଁଠା.. ଡିପ୍'ଥୋରିଆ ହେବ, ସେମାନଙ୍କୁ ପାଖରେ ରଖନା"। ଜଣେ ନାମକରା ଗାଁ ଗୌନ୍ତିଆ ଓ ସ୍ୱନାମଧନ୍ୟ ପଣ୍ଡିତ ହେଲେବି ମଣିଷ ଓ ଇତର ପ୍ରାଣୀଙ୍କ ପ୍ରତି ସମଭାବ ରଖୁଥିବା ଦୟା ଓ କରୁଣାର ମୂର୍ତ୍ତିବନ୍ତ ପ୍ରତୀକ ଅଜାଙ୍କର ପ୍ରତ୍ୟୁତ୍ତର ଥିଲା କେବଳ ଏକ ନିର୍ମଳ ହସ। ଏଇ ବିଲେଇ ମହାଶୟ ମୋର ପରିଣତ ବୟସର ଚେହେରାରେ ଉଦାର, ଅହିଂସା ନୀତିର ଆଭାସ ପାଇଲେ କି କ'ଣ, ମୋ ଆଡ଼କୁ ଅନେଇ ଗୋଟିଏ 'ମ୍ୟାଉଁ' ଶବ୍ଦ ଉଚ୍ଚାରଣ କରି ଯେପରିକି 'ଶୁଭ ଦିନ'ର ଅଭିବାଦନ ଜଣାଇ ପୁଣି ଭଜା ମାଛ ଉପରେ ଦୃଷ୍ଟିପାତ କଲେ। ମୁଁ ଉଦ୍ଦେଶ୍ୟ ଚରିତାର୍ଥ କରିବାର ସମ୍ପୂର୍ଣ୍ଣ ସୁଯୋଗ ଦେବାରେ କାର୍ପଣ୍ୟ ନ କରି ତାଙ୍କ ଖାଇବା ମନଭରି ଉପଭୋଗ କରିବାକୁ ଲାଗିଲି।କିଛି ସମୟ ପରେ ଏକ ତୃପ୍ତି ଢ଼କାର ଦେଇ ସେଇ 'ଅଲୋଡ଼ା ଅତିଥି' ଆଉ ଦୁଇ ଥର ମିଆଉଁ ଶବ୍ଦ ଉଚ୍ଚାରଣ କଲେ, ହୁଏତ କହୁଥିଲେ, 'ବେଶ୍ ସୁମିଷ୍ଟ ବ୍ୟଞ୍ଜନ, ଅଶେଷ ଧନ୍ୟବାଦ୍, ଶୁଭ ବିଦାୟ!'

କଳାପାଣି, ବରଗଡ଼

# ସୋନାଲିର ସ୍ୱପ୍ନ

ଶ୍ରୀମତୀ ଗୋପା ଦାସ





ସକାଳର ସୁର୍ଯ୍ୟୋଦୟ ଆହୁରି ବାକିଥାଏ। ସୋନାଲି ରୋହନ ଓ 5ବର୍ଷ ପୁଅ ଅଂଶୁ ସହ ଶୋଇଥାଏ। ପାହାନ୍ତି ଅଳସୀ ନିଦରେ ସ୍ୱପ୍ନ ଦେଖୁଥାଏ ସୁନ୍ଦରୀ କାଶ୍ମୀରକୁ । ଆଜି ଦିନ ଦୁଇଟା ରେ ଫ୍ଲାଇଟ ଭୁବନେଶ୍ୱରରୁ ଦିଲ୍ଲୀ ତା ପରେ ଜାମ୍ମୁ ତାପରେ ଭାରତର ଭୂସ୍ୱର୍ଗ କାଶ୍ମୀର ଓ ତାପରେ ବହିରେ ପଢିଥିବା ମିନି ସ୍ୱିଜରଲାଣ୍ଡ । ମଧ୍ୟବିର୍ତ୍ତ ପରିବାରର ଝିଅ ସୋନାଲି ବହିରେ ପଢିଥିବା ପୃଷ୍ଠା ଭୂସ୍ୱର୍ଗ କାଶ୍ମୀର ଏବେ ଉପଭୋଗ କରିବାକୁ ଯାଉଛି। ତଥାପି ନିଦରେ ରୋହନ ଓ ଅଂଶୁ ଓରଫ ଅଂଶୁମାନ। ଖୁବ ହସଖୁସିଆ ରୋହନ ବୁଲିବାକୁ ଓ ଜୀବନର ପ୍ରତି ମୁହୂର୍ତ୍ତକୁ ଉପଭୋଗ କରିବାକୁ ଭଲପାଆନ୍ତି। ପ୍ରତିକଥାରେ ଥଟ୍ଟାମଜା। ସୋନାଲି ନିଜକୁ ଭାଗ୍ୟବତୀ ମନେକରେ। 5ବର୍ଷର ଅଂଶୁ କଣ ଖେଳିବ ବରଫରେ... ବରଫଗୋଲା ନିଶ୍ଚେ ମାମା ପାପାଙ୍କ ଉପରକୁ ଫିଙ୍ଗିବ। ପ୍ରତିଦିନ ଟୁରିଷ୍ଟ ବହିରେ କାଶ୍ମୀରର ଚିତ୍ର ଦେଖୁଥାନ୍ତି ମାଆ ପୁଅ। ଅଂଶୁର ପ୍ରତି ଚିତ୍ରକୁ ଦେଖି ନାନା ପ୍ରଶ୍ନ। ଘୋଡାପିଠିରେ ମାମା ମୁଁ ତୁମ କୋଳରେ ବସିବି କେତେ ମଜାହେବ। ସ୍କାଏ ରାଇଡିଂ, ସ୍କେଟିଙ୍ଗ ! ଏମିତି ରିଲସ ବନେଇବା ମାମା। ଏମିତି ମୋର ଫଟୋ ଉଠେଇବ ପାପା !!

19ତାରିଖ ସକାଳ 11ଟା ସୁଦ୍ଧା ବ୍ୟାଗ ସହ ଏୟାରପୋର୍ଟରେ ସେମାନେ । ପ୍ରଥମଥର ଫ୍ଲାଇଟରେ ବସିବେ ଅଂଶୁ ଓ ସୋନାଲି ତା ପୁଣି ରୋହନଙ୍କ ସହ ଝରକା ପାଖସିଟରେ ବାଦଲକୁ ଉପଭୋଗ କରୁଥିଲେ ସେମାନେ ଆଉ ଏବେ ସ୍ୱପ୍ନର କାଶ୍ମୀର ! ଠିକ ସମୟରେ ଦିଲ୍ଲୀ ଓ ତା ପରେ ଜାମ୍ମୁ 2ଦିନ ବୁଲା ସାରିବା ପରେ ଏବେ କାଶ୍ମୀରରେ ପଂହଁଚିଯାଇଥିଲେ । ହୋଟେଲରେ ଜିନିଷରଖି ସିଧା ପେହେଲଗାମ । ଘୋଡାମାଲିକ ସହ କଥାସାରି ଘୋଡାରେ ବସି ଉପରକୁ ଉଠିଲେ ବାଟଯାକ ଫଟୋ ଉଠଉଥାନ୍ତି ସୋନାଲି ରୋହନ ଓ ଅଂଶୁ। ହିନ୍ଦୀସିନେମା ଗୀତ ବୋଲି ଚିଡ଼ଉଥାନ୍ତି ରୋହନ ସୋନାଲିକୁ । ମଜାମଜା କଥା ଓ ଗୀତରେ ସୋନାଲିର ଭୟ କଟିଯାଉଥାଏ । ଏଇତ ମିନି ସ୍ୱିଜରଲାଣ୍ଡ ! ଫଟୋଉଠା, ରିଲସ ବନେଇବା ତା

ଭିତରେଛୋଟଛୋଟଗେମ।ଅଂଶୁକୁଭୀଷଣଭୋକ। ବାଧହୋଇ ତଳକୁ ଓଲ୍ହେଇଆସିଲେ ଘୋଡାଚଢି। ସାଥିରେ ଘୋଡ଼ାଚାଳକ। ପେହେଲଗାମ ପାଖରେ ଓଲ୍ହେଉଛନ୍ତି ହଠାତ ଘୋଡାମାନଙ୍କର ଅସ୍ୱାଭାବିକ ଚିତ୍କାର । ସେମାନେ ରେସଟୁରାଣ୍ଟ ପାଖାପାଖି ହୋଇଥାନ୍ତି ହଠାତ ପୋଲିସ ପୋଷାକରେ ଘେରିଗଲେଣି ପୁରୁଷପର୍ଯ୍ୟଟକଙ୍କୁ। ହିନ୍ଦୁ ମୁସଲିମ ଅଲଗା କରିସାରିଲେଣି ସେମାନେ । 10ହାତ ଦୂରରେ ସୋନାଲି ଓ ଅଂଶୁ । ଠାଏ ଠାଏଆଖିବୁଜା ଗୁଳିରେ ଲୋଟିପଡୁଥାନ୍ତି ଜଣକ ପରେ ଜଣେ । ସେଥିରେ ରୋହନବି ପଡିଯାଇଥାନ୍ତି । ସୋନାଲି ଦୌଡ଼ି ଜାବୁଡି ଧରିଲା ରକ୍ତଜୁଡୁବୁଡୁ ରୋହନ ଙ୍କୁ। ଆତଙ୍କବାଦୀ ସେମାନେ ହିନ୍ଦୁଙ୍କୁ ଖୋଜି ଗୁଳିକରି ସାରିଥାନ୍ତି ମୁଣ୍ଡଟୋପିରେ କାମେରା । କିଛି ବୁଝିବା ଆଗରୁ ସବୁ ଶେଷ । ସୋନାଲିର ଆକୁଳ ଚିତ୍କାର ମିଳେଇ ଯାଉଥାଏ ପାଇନ ଗଛ ଓ ବାଦଲକୁ ଛୁଇଁ । ଟିକେ ଧର । ବଞ୍ଚାଅ ମୋ ସ୍ୱାମୀଙ୍କୁ... ପାଗଳପ୍ରାୟ ସୋନାଲିର କଥା ଶୁଭୁ ନ ଥାଏ କାହାକୁ । ପାପା ପାପା...! ଚିତ୍କାର ଅଂଶୁର ମିଳେଇ ଯାଉଥିଲା ଆକାଶରେ ।

ସରିଯାଇଥିଲା ସୋନାଲିର ସ୍ୱପ୍ନ। ଜାବୁଡ଼ି ଧରିଥିଲା ଅଂଶୁକୁ କାଠପରି । ସୁନ୍ଦରୀ କାଶ୍ମୀର ଦେଖୁଥିଲା ମାଆ ପୁଅଙ୍କୁ । ପରବର୍ତ୍ତୀ ନିୟୁଜ ହେଡଲାଇନଓଟିଭିପରଦାରେସମସ୍ତେଦେଖୁଥିଲେ ସୋନାଲି ଓ ଅଂଶୁକୁ ।

ରାଜେନ୍ଦ୍ର ନଗର, ମଧୁପାଟଣା, କଟକ



# ପ୍ରଜ୍ଞାପୁରୁଷ ଗୋକୁଳାନନ୍ଦ

ମାନଗୋବିନ୍ଦ ବାରିକ୍





ବହୁଦର୍ଶୀ ପ୍ରତିଭାର ଅଧିକାରୀ କୃତବିଦ୍ୱ ରସାୟନ ବିଜ୍ଞାନୀ, ସ୍ୱନାମଧନ୍ୟ ଶିକ୍ଷାବିତ୍, ମହାନ ସାରସ୍ୱତ ସାଧକ,ବିଶିଷ୍ଟ ବୈଜ୍ଞାନିକ, ନିଷ୍ଠାବାନ ସମାଜସେବୀ, ପ୍ରତିଷ୍ଠଯଶା-ପ୍ରଜ୍ଞାପୁରୁଷ ପ୍ରଫେସର ଡ଼. ଗୋକୁଳାନନ୍ଦ ମହାପାତ୍ର ଥିଲେ ଜଣେ ଅସାଧାରଣ ବ୍ୟକ୍ତିତ୍ୱ । ଭଦ୍ରକ ମାଟିରେ ଜନ୍ମିତ ଏହି ପ୍ରଚଣ୍ଡ ଜ୍ଞାନଦୀପ୍ତ ପ୍ରତିଭା ଥିଲେ ବିଜ୍ଞାନ ସାଧନା ଓ ସର୍ଜ୍ଜନାର ଭୀଷ୍ମ ପିତାମହ। ଓଡିଶା ଜ୍ଞାନ ଓ ବିଜ୍ଞାନ ଆକାଶର ଅନିର୍ବାଣ ଅମ୍ଳାନ ଜ୍ୟୋତିଷ୍କ।

ଅବିଭକ୍ତ ବାଲେଶ୍ୱର ଜିଲ୍ଲା ଭଦ୍ରକ ସହରର କୁଆଁସ ଗ୍ରାମରେ ତା: ୨୪-୦୫-୧୯୨୨ ରିଖର ଏକ ମାହେନ୍ଦ୍ର ଲଗ୍ନରେ ପିତା ବିଜୟ ଗୋବିନ୍ଦ ଓ ମାତା ଫୁଙ୍କ ଦେବୀଙ୍କ କୋଳ ମଣ୍ଡନ କରିଥିଲେ ଯୋଗଜନ୍ମା ଗୋକୁଳାନନ୍ଦ । ସେ ରସାୟନ ବିଜ୍ଞାନରେ ରେଭେନ୍ସା ମହାବିଦ୍ୟାଳୟରୁ ବି.ଏସ୍.ସି. ଓ କଲିକତା ବିଶ୍ୱ ବିଦ୍ୟାଳୟରୁ ଏମ୍.ଏସ୍.ସି. ଡିଗ୍ରୀ ଲାଭକଲାପରେଉତ୍କଳବିଶ୍ୱବିଦ୍ୟାଳୟରୁପି.ଏଚ.ଡି. ଓ ଆମେରିକା ବ୍ରାଣ୍ଡାଇସ୍ ବିଶ୍ୱବିଦ୍ୟାଳୟରୁ ପୋଷ୍ଟ ଡକ୍ଟରେଟ ଉପାଧି ଲାଭ କରିଥିଲେ। କାନାଡ଼ା, ଇଂଲଣ୍ଡ, ଫ୍ରାନ୍ସ, ସୁଇଜରଲ୍ୟାଣ୍ଡ, ଜର୍ମାନୀ, ଇଟାଲୀ ପ୍ରଭୃତି ବିଭିନ୍ନ ଦେଶ ଭ୍ରମଣ କରି ବିଜ୍ଞାନ ସମ୍ପର୍କିତ ଅଗାଧ ଜ୍ଞାନ ଅର୍ଜ୍ଜନ କରିଥିଲେ। ପ୍ରଫେସର ଡ. ମହାପାତ୍ର କଟକର ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟାପନା କାର୍ଯ୍ୟରେ ନିୟୋଜିତ ରହି ବିଜ୍ଞାନର ପ୍ରଚାର ପ୍ରସାର ଦିଗରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଦ୍ୱାରା ନିଜର କୃତିତ୍ୱର ପାରଦର୍ଶିତା ପ୍ରଦର୍ଶନ କରିଥିଲେ ।

ବିଜ୍ଞାନକୁ ଲୋକପ୍ରିୟ କରାଇବା କ୍ଷେତ୍ରରେ ତାଙ୍କର ସାରସ୍ୱତ ଅବଦାନ ଅବିସ୍ମରଣୀୟ । ସେ ଏକାଧାରାରେ ଜଣେ କବି, ଲେଖକ, ପ୍ରାବନ୍ଧିକ, ଔପନ୍ୟାସିକ, ନାଟ୍ୟକାର ଭାବରେ ଜନମାନସରେ ନିଜକୁ ପରିଚିତ କରାଇ ପାରିଥିଲେ । ବିଶେଷତଃ ସାହିତ୍ୟକୃତି ମାଧ୍ୟମରେ ବିଜ୍ଞାନକୁ ଲୋକପ୍ରିୟ ଓ ସର୍ବଜନାଦୃତ କରିବା ଥିଲା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ।

ଡ. ମହାପାତ୍ରଙ୍କ ସାହିତ୍ୟ କୃତିରେ "ବିଜ୍ଞାନର ଶ୍ରେଷ୍ଠ ଆବିଷ୍କାର", "ଦୂରବୀକ୍ଷଣ ଯନ୍ତ୍ର", "ଗୋକୁଳାନନ୍ଦ ବିଜ୍ଞାନ ବିଚିତ୍ରା", "ଗାଲିଲିଓ", "ଆଇନ ଷ୍ଟାଇନ", "ମାଡାମକ୍ୟୁରୀ", "ଆର୍କମେଡିସ", ବିଜ୍ଞାନର ଅପବ୍ୟବହାର, ଟେଲିଗ୍ରାଫ ଓ ଟେଲିଫୋନ୍, "କୃତିମ ଉପଗ୍ରହ", "ବିଜ୍ଞାନର କୃତିତ୍ୱ", "ଯନ୍ତ୍ର ମଣିଷ", "ପରମାଣୁ

ବୋମା", "ରେଡ଼ିଓ ଓ ରାର୍ଡର" ଆଦି ଶତାଧିକ ବିଜ୍ଞାନ ଭିତ୍ତିକ ପୁସ୍ତକ ବେଶ ଲୋକପ୍ରିୟତା ଲାଭ କରିଥିଲା । ଏତଦ ଭିନ୍ନ ସେ ବିଜ୍ଞାନ ଜ୍ଞାନକୋଷ ଓ ସଚିତ୍ର ବୈଜ୍ଞାନିକ ଶବ୍ଦକୋଷ ନାମକ ଦୁଇଟି ବୃହତ ଗ୍ରନ୍ଥ ରଚନା କରିଥିଲେ। ବୈଜ୍ଞାନିକ ଚିନ୍ତାଧାରା ସମ୍ବଳିତ ତାଙ୍କର ଉପନ୍ୟାସ ମଧ୍ୟରେ "ପୃଥିବୀ ବାହାରେ ମଣିଷ","ଡାଇନାସୋରର ହସ", "ନିସ୍ତବ୍ଧ ଗୋଧୂଳି", "ନିଶ୍ଚଳ ପୃଥିବୀ","ଉଡ଼ନ୍ତା ଥାଳିଆ","କୃତ୍ରିମ ଉପଗ୍ରହ", "ବିଜ୍ଞାନ ଦୃଶ୍ୟ","ସୁନାର ଓଡିଶା","ମଧ୍ୟାହ୍ନର ଅନ୍ଧକାର","ଚନ୍ଦ୍ରର ମୃତ୍ୟୁ","ସମୟର ଫାଟ" ଆଦି ବେଶ ଲୋକପ୍ରିୟ। ଭ୍ରମଣ କାହାଣୀ ମଧ୍ୟରେ "ନୀଳ ଚକ୍ରବାଳ ସେପାରେ","ପାଶ୍ଚାତ୍ୟ ସ୍ମୃତି", "ୟୁରୋପ ଭ୍ରମଣ" ଅନ୍ୟତମ। ଶିଶୁମାନଙ୍କୁ ବିଜ୍ଞାନ ମନସ୍କ କରିବା ପାଇଁ ତାଙ୍କ ରଚିତ ପୁସ୍ତକ ମାନଙ୍କ ଭିତରେ "ବିଜ୍ଞାନ କାହାଣୀ",ପିଲାଙ୍କ ପାଇଁ ବିଜ୍ଞାନ ଭିତରେ "କିଏ ବେଶୀ ଭାରି", "ବିଜ୍ଞାନର କରାମତି", "ଆମ ପରିବେଶ", "ପୃଥିବୀର ସପ୍ତାଶ୍ଚର୍ଯ୍ୟ","ଛବି କେମିତି କଥା କହେ","ତରଳ ବାୟୁ","ତତଲା ବରଫ" ଇତ୍ୟାଦି ଅନ୍ୟତମ।

ଡ.ମହାପାତ୍ର ସି.ଭି.ରମଣଙ୍କ Aspects of Science କୁ ଓଡ଼ିଆ ଭାଷାରେ "ବିଜ୍ଞାନର ଦୃଶ୍ୟ " ନାମରେ ଅନୁବାଦ କରିଥିଲେ। ୧୯୫୨ ମସିହାରେ ତାଙ୍କ ରଚିତ ଉପନ୍ୟାସ "ପୃଥିବୀ ବାହାରେ ମଣିଷ" ଏକ କାଳଜୟୀ ସୃଷ୍ଟି ଯାହା ପରବର୍ତ୍ତୀ ସମୟରେ ତାଙ୍କ ଝିଅ ଜ୍ୟୋତ୍ସ୍ନା ମହାପାତ୍ରଙ୍କ ଦ୍ୱାରା Man Beyond Earth ଶୀର୍ଷକରେ ଇଂରାଜୀରେ ଅନୁବାଦ କରାଯାଇଛି।

ଜାତୀୟ ସ୍ତରର କୁପର ସ୍ମୃତି ସ୍ୱର୍ଣ୍ଣ ପଦକ,ଓଡିଶା ସାହିତ୍ୟ ଏକେଡ଼େମୀ ପୁରସ୍କାର, ଶାରଳା ସମ୍ମାନ, କଳିଙ୍ଗ ଫାଉଣ୍ଡେସନ ପୁରସ୍କାର, ବିଜ୍ଞାନ ଏକାଡେମୀର ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର, ଉତ୍କଳ ସାହିତ୍ୟ ସମାଜ ଦ୍ୱାରା ପ୍ରଣାକୃଷ୍ଣ ପରିଜା ସ୍ମୃତି ସମ୍ମାନ, ଡ. ବଳଭଦ୍ର ପ୍ରସାଦ ସମ୍ମାନ, ବିଜ୍ଞାନପ୍ରଚାରସମିତିସମ୍ମାନ,ଉତ୍କଳବିଶ୍ୱବିଦ୍ୟାଳୟ ସମ୍ବର୍ଦ୍ଧନା, ଭଦ୍ରକ ପୂଜ୍ୟ ପୂଜା ସଂସଦ ସମ୍ମାନ, ରାଜଧାନୀ ପୁସ୍ତକ ମେଳା ସମ୍ମାନ ଆଦି ଅଗଣିତ ସମ୍ମାନରେ ତାଙ୍କୁ ସମ୍ମାନିତ କରା ଯାଇଥିଲେ ମଧ୍ୟ ଜାତୀୟ ସ୍ତରରେ ତାଙ୍କ ଅନନ୍ୟ କୃତିର ଉପଯୁକ୍ତ ସ୍ୱୀକୃତି ନମିଳିବା ବ୍ୟବସ୍ଥାର ଚରମ ବିଡ଼ମ୍ବନା।

ଡ଼ଃ ମହାପତ୍ର ୧୯୪୯ ମସିହାରେ ବିଜ୍ଞାନ ପ୍ରଚାର ସମିତି ଓ ୨୦୧୦ ରେ ଗୋକୁଳାନନ୍ଦ ଫାଉଣ୍ଡେସନ ସ୍ଥାପନ କରିଥିଲେ।ଯାହା ବିଜ୍ଞାନ ପ୍ରସାରକୁ ଗଣଧର୍ମୀ ତଥା ଜନଗଣଙ୍କ ସ୍ୱାସ୍ଥ୍ୟସେବାରେ ସହାୟତା ପ୍ରଦାନ କରିବାର ପ୍ରମୁଖ ଭୂମିକା ଗ୍ରହଣ କରୁଛି।

ଡ. ମହାପାତ୍ରଙ୍କ ଦ୍ୱାରା ସ୍ଥାପିତ ବିଭିନ୍ନ ସେବା ଓ ସହାୟତା ପ୍ରତିଷ୍ଠାନ ତାଙ୍କ ବଦାନ୍ୟତା ଓ ସହୃଦୟତାର ପରିଚୟ ଦିଏ। ବିଜୟ ଗୋବିନ୍ଦ ସ୍ମାରକୀ ଦାତବ୍ୟ ଟ୍ରଷ୍ଟ, ନିତ୍ୟାନନ୍ଦ ସ୍ମାରକୀ ପୁରସ୍କାର, ଫୁଲଦେବୀ ସ୍ମାରକୀ ଶିଶୁ ସାହିତ୍ୟ ଏମିତି ଅନେକ ଦାତବ୍ୟ ଟ୍ରଷ୍ଟ ପ୍ରତିଷ୍ଠା କରି ବିଭିନ୍ନ ସଂଗଠନ ତଥା ବ୍ୟକ୍ତି ବିଶେଷଙ୍କୁ ସହାୟତା ଓ ସମ୍ବର୍ଦ୍ଧନା ପ୍ରଦାନ କରି ଆସୁଛି।

ତା:୧୦-୦୭-୨୦୧୩ ରିଖରେ ଏ ମହାନ ପ୍ରତିଭାଦୀପ୍ତ ପ୍ରଜ୍ଞାପୁରୁଷ ଆମମାନଙ୍କ ଗହଣରୁ ବିଦାୟ ନେଇଥିଲେ ବି ତାଙ୍କର କୃତି ଆମମାନଙ୍କ ସ୍ମୃତିରେ ଚିରକାଳ ଉଜ୍ଜୀବିତ ହୋଇ ରହିବ।

ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି. ଡ.ଏ କଲୋନୀ, ଫେଜ୍ -୧,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ :୬୩୭୨୦୮୪୭୧୫

# ପରୀକ୍ଷାର ମାପକାଠି

ରଶ୍ମୀ ସାମଲ



ସକାଳୁ, ସକାଳୁ ଖବରକାଗଜ ଲେଉଟାଇବା ସମୟରେ ଫୋନ କଲଟିଏ ଆସିଲା। ମୋବାଇଲ ସ୍କ୍ରିନରେ ସାଙ୍ଗର ନମ୍ବର ଦେଖି ଅତ୍ୟନ୍ତ ଖୁସି ହୋଇଗଲି। କାରଣ ପୁଅଟା ତାର ଦଶମ ପରୀକ୍ଷା ଦେଇଥିଲା। ତେଣୁ ପରୀକ୍ଷାଫଳ ଜଣାଇବାକୁ ନିଶ୍ଚିତ ଫୋନ କରିଥିବ । ଏହା ଭାବି ତରତର ହୋଇ ସାଙ୍ଗର ଫୋନଟି ଉଠାଇବା ମାତ୍ରେ ସେପଟୁ ତାର ଧଇଁସଇଁ ଓ କଇଁକଇଁ କାନ୍ଦ ସ୍ୱର ଶୁଣି ଟିକେ ସ୍ତବ୍ଧ ହୋଇଗଲି । କହିଲା ବୁଝିଲୁ ଯୋଗ୍ୟ ପୁଅ ମୋର ମାଟ୍ରିକରେ ତେପନ ପରସେଣ୍ଟ ରଖିଛି। ଦୁଇ ଦିନ ହେଲା ସାହି ପଡ଼ିଶାରେ କୋଉଠି ଟିକେ ମୁଁହ ଦେଖାଇ ପାରୁନି କି କାଲି ଠୁ ଆମ ଘରେ ଚୁଲି ମଧ ଜଳିନି । ଖାଇବା ପିଇବା କଥା ଛାଡେ। ଏତେ କମ ନମ୍ବର ଦେଖି ଆମ ମୁଣ୍ଡ ଉପରେ ଯେପରି ଚଡକ ପଡିଯାଇଛି । ଜାଣିଛୁ ତ ସାଇନ୍ସ ପଢିବା ପାଇଁ କୌଣସି କଲେଜରେ ସିଟଟିଏ ମିଳିବନି, ଭବିଷ୍ୟତ ତାର ଅନ୍ଧାର ହୋଇଗଲା। ଏତେ ରାତି ଅନିଦ୍ରା ହୋଇ ତା ପାଖରେ ଜଗି ରହିବାର କିଛି ମୂଲ୍ୟ ରହିଲାନି । ବାର ବର୍ଷର ତପସ୍ୟା ସବୁ ଶୁଖୁଆ ପୋଡାରେ ଗଲା। ଏକା ନିଶ୍ୱାସରେ ଏତେ ସବୁ କଥାଗୁଡିକ ଶୁଣିବା ପରେ ଧୀର ସ୍ୱରରେ କହିଲି ଏଥିରେ ଏତେ ବ୍ୟତି ବ୍ୟସ୍ତ ହେବାର କୌଣସି କାରଣ ନାହିଁ।

ଫୋନଟି ରଖିବା ପରେ କିଛି ସମୟ ବସି ଭାବିଲି, ସତରେ ଦୁନିଆ କେତେ ବଦଳି ଯାଇଛି । ଆଉ ତା ସହ ବାପା ମାଆଙ୍କ ଚିନ୍ତାଧାରା ମଧ । ପିଲାଟିକୁ ଉତ୍ସାହିତ କରିବା ବଦଳରେ ତା ସମ୍ମୁଖରେ ଏପରି ସବୁ ନକାରାତ୍ମକ ପରିବେଶ ସୃଷ୍ଟି କରୁଛନ୍ତି ଯଦ୍ୱାରା ସେ ଅତ୍ୟଧିକ ଚାପଗ୍ରସ୍ତ ହେବା ସହ ହତୋତ୍ସାହିତ ହୋଇ ଆଗକୁ ସଫଳତା ବଦଳରେ ବିଫଳତା ଆଡକୁ ଯିବ।

ସମସ୍ତ ପିତାମାତା ଜାଣି ରଖିବା ଜରୁରୀ ଯେ ୯୯.୯% ମାର୍କ ରଖିବା ଖାଲି ପରୀକ୍ଷାର ମାପକାଠି ହୋଇପାରେ, କିନ୍ତୁ ଭବିଷ୍ୟତ ଜୀବନ ଗଢିବା ନୁହେଁ। ଛୁଆର ଦଶମ ପରୀକ୍ଷା ଆରମ୍ଭ ମାତ୍ର । ଲମ୍ବା ଭବିଷ୍ୟତ ତାର ପଡିଛି। ଗତିପଥ କେତେବେଳେ ବଦଳିଯିବ କେହି ସେ ବିଷୟରେ କହି ପାରିବେ ନାହିଁ।

ଆଉ ଏକ କଥା ସମସ୍ତେ ଉପଲବ୍ଧି କରିବା ଉଚିତ ଯେ ଆଜିର ପାଠ୍ୟକ୍ରମ ମେଧା ତିଆରି କରୁଛି ସତ । କିନ୍ତୁ ଭଲ ମଣିଷ ହେବାର ଉପାଦାନ ସେଥିରେ ବହୁତ କମ । ଅଧିକା ପରସେଣ୍ଟଜ ଯଦି ସମସ୍ତ ପିଲାକୁ ଭଲ ମଣିଷ କରି ଗଢି ତୋଳି ଦେଉଥାନ୍ତା । ତେବେ ଅଧିକାଂଶ ଶିକ୍ଷିତ ପରିବାରର ବୟୋଜ୍ୟେଷ୍ଠମାନେ ତାଙ୍କ ଶେଷ ସମୟରେ ଜରାଶ୍ରମରେ କାନ୍ଦନ୍ତେନି । ଆଉ ଅନେକ ପରିବାରର ସମ୍ପର୍କରେ ତିକ୍ତତା କଳହ ହିଂସା ଇର୍ଷା ଏବଂ ସମାଜରେ ଅନ୍ୟାୟ ଅନିତି ଏତେ ମାତ୍ରାରେ ଦୃଶ୍ୟ ହୁଅନ୍ତା ନାହିଁ। ଆଜିକାଲି ବହୁତ ଉଚ୍ଚ ଶିକ୍ଷିତମାନଙ୍କ ଘରେ ବିଭିନ୍ନ ପ୍ରକାର ଅସହ୍ୟ କାର୍ଯ୍ୟକଳାପ ଦାଣ୍ଡରେ ପଡି ହାଟରେ ଗଡୁଛି। ସମୟକୁ ଅନୁଧ୍ୟାନ କଲେ ଜାଣିପାରିବା ଯେ, ଖାଲି ଉଚ୍ଚା ନମ୍ବର ରଖିଦେଲେ ସବୁ ସଫଳତାର ଶୀର୍ଷରେ

ପହଁଚିବ ଏହାର ଉଦାହରଣ କ୍ୱଚିତ ମାତ୍ର । ଯାହାକି ମୋର ବ୍ୟକ୍ତିଗତ ମତ।

ଆମେ ସମସ୍ତେ ଜାଣିଛେ ଶିକ୍ଷା ଆମ ଜାତି ଓ ଦେଶର ସମ୍ପଦ ପରିଚୟ ଓ ସ୍ୱୀକୃତି। ଯେଉଁ ଦେଶ ଯେତେ ଶିକ୍ଷିତ ସେ ସେତେ ଉନ୍ନତ। ଶିକ୍ଷା ମଧ୍ୟ ମନୁଷ୍ୟ ସମାଜର ବିକାଶର ମାଧ୍ୟମ ଅଟେ ।


ହଁ ଏହା ସତ ଯେ,ଆଜିକାଲି ର ପିଲାମାନେ ଅତ୍ୟନ୍ତ ବିଚକ୍ଷଣ । ଯେଉଁମାନେ ଅତି ସହଜରେ ସବୁ ଗ୍ରହଣ କରୁଛନ୍ତି ଏବଂ ସେମାନେ ପାଠ ପଢ଼ା ଶେଷ ହେବା ମାତ୍ରେ ଉଚ୍ଚ ପଦପଦବୀରେ ଚାକିରୀ ପାଉଛନ୍ତି। ଆଉ ଲୋକଙ୍କୁ ଉପଯୁକ୍ତ ସେବା ଯୋଗାଇ ଦେବାର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମଧ୍ୟ ତାଙ୍କ ହସ୍ତରେ ନ୍ୟସ୍ତ ରହୁଛି। ହେଲେ ଏଠାରେ ପ୍ରଶ୍ନ ଉଠୁଛି, ସେ ସଭିଙ୍କ ପାଖରେ ନିତିନିଷ୍ଠ, ସତ୍ୟତା ,ସାଧୁତା, ନମ୍ରତା, ସେବା, ତ୍ୟାଗ, ସଂଯମର ଭୂଷଣ କଣ ଭରି ରହିଛି! ଯଦି ହଁ,ତେବେ ଦିନକୁ ଦିନ ଦୁର୍ନୀତି ଜାଲରେ ଫସିବା ଲୋକଙ୍କ ସଂଖ୍ୟା ଏତେ ଅଧିକା ବଢୁଛି କିପରି। ଯାହାକି ପ୍ରତ୍ୟକ ଦିନ ଏମାନଙ୍କ ବିଷୟରେ ସବୁ ପ୍ରମୁଖ ଖବରକାଗଜରେ ପ୍ରକାଶ ପାଉଛି। ତେଣୁ ସେଥି ପ୍ରତି ସମସ୍ତେ ଦୃଷ୍ଟି ଦେବା ଉଚିତ।

ବର୍ତ୍ତମାନର ସ୍କୁଲ ଆଉ କଲେଜ ଶୈଶବରୁ ଯୁବାବସ୍ଥା ଯାଏ କେତେ ଭଲ ମଣିଷ ଗଢ଼ି ତୋଳୁଛି ତାର ହିସାବ ବୋଧେ କାହା ପାଖରେ ନଥିବ । କାରଣ ସମସ୍ତ ବାପା ମାଆ ମାର୍କ ପଛରେ ଏତେ ଦୌଡ଼ୁଛନ୍ତି ଯେ ଶିକ୍ଷା ସହ ଅନ୍ୟାନ୍ୟ ସୁ-ଶିକ୍ଷା ଦେବାକୁ ସମ୍ପୂର୍ଣ୍ଣ ଭୁଲିଯାଉଛନ୍ତି। ପିଲା ବି ଭଲ ମନ୍ଦ ଓ ନିଜର କର୍ତ୍ତବ୍ୟ କଣ କରିବା ଦରକାର ସେ ବିଷୟ ପ୍ରତି ଧ୍ୟାନ ଦେଉ ନାହିଁ। ପାଶ୍ଚାତ୍ୟ ଶିକ୍ଷା ପଦ୍ଧତି ପିଲାଙ୍କୁ ଅତ୍ୟନ୍ତ ଆକୃଷ୍ଟ କରୁଛି । ଶିକ୍ଷାଦାନ ପଦ୍ଧତି ମଧ୍ୟ ପରିବର୍ତ୍ତିତ ହେବା ସହ ଶିକ୍ଷା ଦାନର ସ୍ୱରୂପ ଓ ପ୍ରସାର ସଙ୍କୁଚିତ ହେବାରେ ଲାଗିଛି । ଶୃଙ୍ଖଳା ପରିବର୍ତ୍ତେ ବିଶୃଙ୍ଖଳା ଜୀବନର ଭୂଷଣ ହୋଇ ଝୁଲୁଛି । ତେଣୁ ଏ ସବୁ ଦୋଷତ୍ରୁଟି ପିଲାମାନଙ୍କ ସହ ପିତାମାତା ଓ ଶିକ୍ଷକ ଶିକ୍ଷୟିତ୍ରୀ ସମସ୍ତେ ସଚେତନ ହେବା ଉଚିତ । ଜାଣିବା ଦରକାର ପିଲା ଯେକୌଣସି କ୍ଷେତ୍ରରେ ଯାଉ ଯଦି ସଠିକ ମାର୍ଗରେ ଯିବ ତେବେ ଶୀର୍ଷରେ ନିଶ୍ଚିତ ପହଁଚି ପାରିବ।

ତେଣୁ ପିତାମାତା ହିସାବରେ ପିଲା ମାନଙ୍କସୁ ଭବିଷ୍ୟତ ଚିନ୍ତା ଅତ୍ୟନ୍ତ ଜରୁରୀ। ତା ମାନେ ନୁହେଁ ତାକୁ ଖାଲି ସେହି ପାଠକୁ ରଟିକି ଅଧିକା ନମ୍ବର ରଖିବାକୁ ପ୍ରବର୍ତ୍ତାଇବା। ଏ ସବୁ ଭୁଲ ମାନସିକତା।ତାର ମନୋବଳକୁ ଦୃଢ଼ କରାଇବା ସହ ନିଷ୍ଠାର ସହ କାର୍ଯ୍ୟ,ଓ କଠିନ ପରିଶ୍ରମ ଦ୍ୱାରା ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିପାରିବ ବୋଲି ପିଲାକୁ ବୁଝାଇବା ଦରକାର। ଆମର ସ୍ୱପ୍ନକୁ ତା'ଉପରେ ଲଦିଦେବା ନାହିଁ, ଯାହା ଫଳରେ ସେ ସେଥିରେ ଚାପି ହୋଇ ଅବାଟକୁ ଚାଲିଯିବ। ଛାତ୍ରଜୀବନ କଳିକାକୁ କୁସୁମିତ କରିବା ପାଇଁ ପରିବାର ଓ ସ୍କୁଲ କଲେଜ ର ଭୂମିକା ଜରୁରୀ।ପିଲାକୁ ନୈତିକଶିକ୍ଷା ଦେବା ଆବଶ୍ୟକ ଯାହା ଫଳରେ ସେମାନଙ୍କ ଦ୍ୱାରା ସୁନ୍ଦର ଶୃଙ୍ଖଳିତ ସମାଜ ଗଠନ ହୋଇ ପାରିବ। ସଂସ୍କାର ରୂପକ ଏପରି ମଞ୍ଜିକୁ ପିଲାଙ୍କ ଅନ୍ତରାତ୍ମାରେ ରୋପଣ କରିବା ଯାହା ତା ଭିତରେ ସେ ପୂର୍ଣ ବିକଶିତ ହେବା ସହ ସଠିକ ଭାବେ ପ୍ରସ୍ଫୁଟିତ ହୋଇ ଚତୁର୍ଦ୍ଦିଗ -ମହକାଇବ।

ଭୁବନେଶ୍ୱର
ମୋ - ୯୪୩୭୧୧୫୮୬୫

# ପଦ୍ୟ ବିଭାଗ



# ଆବାହନ

ଶ୍ରୀମତୀ ଶୈଳାଧିରାଜତନୟା ଶତପଥୀ





ହେ ଦେବୀ !!
ଅତ୍ର ଆଗଚ୍ଛ!!
ଆଜି ତୁମ ପାଇଁ
ଯଜ୍ଞ ବେଦୀରେ
ସ୍ୱାହା ସ୍ୱଧାର
ଯାବତୀୟ କ୍ଲିଷ୍ଟ ମନ୍ତ୍ର
ଭକ୍ତ ଅଭକ୍ତ ଫେଣ୍ଟା ଫେଣ୍ଟିରେ
ବ୍ରତ ଉପାସନାର ବିସ୍ତୀର୍ଣ୍ଣ
ଅଥଚ ବିବଶ କ୍ଷେତ୍ର,,

'ମୁଁ ' ତ କାଳେ କାଳେ
ଅହଂର ଦାସ,
ଧର୍ମାନ୍ଧ,ଭୀରୁ କାପୁରୁଷ
କଳ୍ପନାର କବିତାରେ
କ୍ରୁରତାର ପୂର୍ଣ୍ଣ କଳସ,
ଜୀବନାୟନରେ
ରୀତିମତ ରାକ୍ଷସ ।

କିନ୍ତୁ ମୁଁ ଜାଣିଛି
ତୁମ ମହାସ୍ନାନ ପାଇଁ
ନିଅଣ୍ଟ ମୋ ଅଗ୍ନିମୁଖ,
ସମର୍ପି ଦେଉଛି ଏବେ
ଅଭାବର ସମସ୍ତ
ରାଗ ଅନୁରାଗ
ସାଉଁଟି ନେବାକୁ ଭାବରେ
ତୁମ କରୁଣାରୁ ଭକ୍ତିସ୍ନାତ
କାଣିଚାଏ  ପାଦୁକ ।

ଆବୋରି ବସ ହେ ମୋତେ
ମମତାର ସ୍ନିଗ୍ଧ ପଣତରେ
ରକ୍ତଲମ୍ବା ହୋଇ
କରିଦିଅ ଧ୍ୱଂସ
ପାପର  ମହାଗ୍ରାସ
ଏ ଦେବୀ ପକ୍ଷରେ ।

ଏବେ ତ ଆବାହନ ହୁଅ
ଅନ୍ତତଃ ଥରେ
ମନ୍ତ୍ରରେ ନୁହଁ କି ତନ୍ତ୍ରରେ
ଅବା ପାର୍ବଣ ତିଥିରେ
ନିଅ ଜୀବନ୍ୟାସ
ମାନବତ୍ୱର ଅଭାବିପଣରେ
ଲେଖି ଦେଇ
ଆଶାର ଆଶ୍ୱସ୍ତି ପତ୍ର
ଲୁହ ଲହୁର କାଳିରେ
'ମୋ 'ହୃଦୟ ତନ୍ତ୍ରୀ ରେ
ଗୁଞ୍ଜରି ଉଠିବ ପୁଣ୍ୟ ଆବାହନୀ
ଦେବୀଙ୍କ ଆଗମନରେ
ସ୍ୱଧା ସ୍ୱାହାର ପରିଧି ଡେଇଁ
ପ୍ରତିବିମ୍ବିତ ହେବ ଦେବୀ ସତ୍ତା
ଜଡ଼ ଚେତନରେ ଅବା
ଶାନ୍ତି ସ୍ୱସ୍ତିର ସଂକଳ୍ପ ରେ ।

ଉପନିର୍ଦ୍ଦେଶକ, ଓ.ସେ.ପ, ଭୁବନେଶ୍ୱର

# ବିଜୟା ଦଶମୀ

ପ୍ରତିମା ମିଶ୍ର



ଶରତ ଆକାଶ ଦିଶେ ସୁନିର୍ମଳ
ମେଘରୁ ପଡୁଛି ବାରି
ଲୁଚକାଳି ଖେଳି ଅରୁଣ ଆସନ୍ତି
ଗଗନର ବୁକୁ ଚିରି।
କୁହୁଡ଼ି ପଣତ ବେଢି ହୋଇ ଊଷା
କରେ ସୁମଧୁର ଗାନ
ବିଜୟା ଶୁକଳ ଦଶମୀ ତିଥିରେ
ମାଆଙ୍କର ଆଗମନ।
କାଶତଣ୍ଡୀ ନାଚେ ନଈପଠା ପରେ
ଶେଫାଳୀ ବାସ ଚହଟେ
ଧୀର ସମୀରଣେ ପୁରୋହିତ ମନ୍ତ୍ର
ନିନାଦିତଧରା ପୃଷ୍ଠେ।
କାକ ପିକ ଶୁକ ହୋଇ ଏକ ମେଳ
ପୂଜନ୍ତି ମାଆ ପୟର
ମଂଗଳ ଗୀତିକା ଗାଏ କୁମ୍ଭାଟୁଆ
କରି କଣ୍ଠ ସୁମଧୁର।
ନବରାତ୍ରି ବ୍ରତ କରନ୍ତି ଭକତେ
କୁଆଁରୀ କନ୍ୟାକୁ ପୂଜି
ମଣ୍ଡପରେ ପୂଜା ପାଉଛନ୍ତି ମାଆ
ଷୋଳ ଉପଚାର ବିଧି।
ମାଆ ମହାଲକ୍ଷ୍ମୀ ମାଆ ସରସ୍ୱତୀ
ଦୁର୍ଗା ରୂପେ ବିରାଜିତା
ମହାକାଳୀ ରପେ ସଂସ୍ଥାପନ କରେ
ନ୍ୟାୟ ଧର୍ମର ସଂହିତା।
ମାଆ ବିନା ଲାଗେଏ ସାରା ଜଗତ
ସବୁ କିଛି ମିଛ ମିଛ
ନାରୀ ରୂପୀ ମାଆ ସନ୍ତାନେ ବାତ୍ସଲ୍ୟ
ପାଦତଳେ ପ୍ରଣିପାତ।



ସୃଷ୍ଟି ନିଳୟ, ଡୁମ୍‌ଡୁମା, ଭୁବନେଶ୍ୱର
ମୋ : ୬୩୭୦୪୪୧୦୬୧

# ଦୁର୍ଗେ ଜଗତଜନନୀ

ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ



ନମସ୍ତେ ନମସ୍ତେ ମାଲୋ ଜଗତଜନନୀ
ଦୁର୍ଗାକାଳି ତୁହି ମା'ଲୋ କଲ୍ୟାଣ ଦାୟିନୀ
ବଜାରେ ବଜାରେ ମାଦଳ ବଜା
ଜୟ ଜୟ ମା'ଦୁର୍ଗା
ତେଲିଙ୍ଗିବାଜାକୁ ମହୁରୀ ବଜା
ଜୟ ମା'ଭବାନୀ
ମାଆଙ୍କ ମଣ୍ଡପ ସଜା
ଆସିଛି, ଆସିଛି ଦଶହରା ପୂଜା ।



ଭୋଦୁଅ ଯାଇଛି ଅଶିଣ ଆସିଛି
କାଶଫୁଲେ ମହୀ ଶୋଭା ପାଉଛି
ନାଲି ପାଟଶାଢୀ ନାଲି ଶଙ୍ଖାଚୁଡ଼ି
ନାଲି ମନ୍ଦାରରେ ମନ ମୋହୁଛି
ବଜାରେ ବଜାରେ ମାଦଳ ବଜା
ତେଲିଙ୍ଗ ବଜାକୁ ମହୁରୀ ବଜା
ମାଆଙ୍କ ମଣ୍ଡପ ସଜା
ଆସିଛି ଆସିଛି ଦଶହରା ପୂଜା ।

ଘରେ ଘରେ ପିଠାପଣାରେ ଭାସେ
ପୂଜାମଣ୍ଡପେ ମା'ସୁନ୍ଦର ଦିଶେ
ଦୁଃଖହରି ମାଆ ସୁଖକୁ ଦେବେ
ସଂସାରରୁ ପାପ ଭାର ନାଶିବେ
ବଜାରେ ବଜାରେ ମାଦଳ ବଜା
ତେଲିଙ୍ଗି ବଜାକୁ ମହୁରୀ ବଜା
ମାଆଙ୍କ ମଣ୍ଡପ ସଜା
ଆସିଛି ଆସିଛି ଦଶହରା ପୂଜା ।

ବରମୁଣ୍ଡା ହା. ବୋ. କଲୋନୀ
ଭୁବନେଶ୍ୱର
ମୋ - ୯୪୩୭୨୭୯୧୬୨

# ନାଇନ ଭାଷାର୍ ଦୋଷ୍

କୋଶ୍ଲୀ କବିତା

ପ୍ରଫୁଲ୍ଲ କୁମାର ତ୍ରିପାଠୀ



ଦୁହି ହାତ୍ ଯୁଡ଼ି, ଟୁଁଡ଼୍ ମୁଜି କରି
ବସି ରହିଥିସୁଁ ଆମେ
ନିଜ୍‌କେ ନିଜେ ନାଇଁ ଲଗାବାର୍
ଭାଷାର୍ କେନ୍‌ସି କାମେ ।

ଫେର୍ ଭି ଯଦି ଆଶା କରୁଥିମା
'ବଢ଼୍‌ବା ଆମର୍ ଭାଷା'
ଆମର୍ ଛଡ଼ା ଉନିଆ କିଏ କାଏଁ
ହେବା କେଭେଁ ଲୋକ୍‌ହଁସା ?

ବଡ଼୍ ବଡ଼୍ କଥା କହେସୁଁ ସିନା
ନାଇଁକରୁଁ କେନ୍‌ସି ବୁତା
ଶେଷ୍‌କେ ବନିଯାଏସୁଁ ହୁଦେ
ପଟ୍ ନାଲାଏକ୍ ପୁତା ।

ଯେନ୍ ଆଡ଼୍‌କେ ଘିଚି ନୁହେହୁଏ
ଲୋକ୍‌ମାନ୍‌କର୍ ମନ୍
ସେ କଥାକେ ଧରି କରେଇ ନାଇଁହୁଏ
କେନ୍‌ସି ବଡ଼୍ ଆଂଦୋଲନ୍ ।

ନିଜର୍ ଇଚ୍ଛାକେ ଲୋକ୍‌ମାନ୍‌କଁର୍
ଉପ୍‌ରେଁ ଦେଲେଁ ଲଦି
ବୁଝ୍‌ବାକେ ହେବା ହଜିଯାଇଛେ
ମୁଖିଆ ଲୁକର୍ ବୁଦ୍ଧି ।

ନେତା ଜନେକେ ବାଟ୍ ବତେଇ
ପାର୍‌ତା ଯଦି ଜନ୍‌ତା
ତା'ର୍ ହାତେଁ ଝଟ୍ ବାସ୍ତବ୍ ହେତା
ଆମର୍ ସପ୍‌ନର୍ କଥା ।

ଯେନ୍ ଦିନୁ ଲୋକ୍‌ଶକ୍ତିକେ ଡର୍‌ବା
ଦେଶର୍ ସର୍‌କାର୍
ଲୁକେ ବର୍‌ଗିଲେଁ ସବୁ କାମ ହେବା
ଯାହା ଯେନ ଦର୍‌କାର୍ ।

ଲୁକେ ତ ଇଛେନ୍ ଭାଗ୍ ଭାଗ୍ ହେଇ
କରୁଛନ୍ ରୋଜ୍ ଲଡ଼େଇ
ଇନ୍‌ତା ଚଲନ୍ ବଂଦ୍ ନାଇଁକଲେଁ
ଭାଷାକେ ନାଇଁହୁଏ ବଢ଼େଇ ।

ଯେତେ ଜଲ୍‌ଦି ଫିରେଇ ଆନ୍‌ମା
ଆମର୍ ହଜ୍‌ଲା ହୋସ୍
ବୁଝ୍‌ମା ସଭେ ଆମେ ଆଉଁ ଦୋଷୀ
ନାଇଁନ ଭାଷାର୍ ଦୋଷ୍ ।

ଡର୍‌ସନ୍ ବଲି ତ ରଡ଼୍‌ସନ୍ ଲୁକେ
କହି ନାଇଁଜାନନ୍ କଥା
ରେଣ୍‌ହାଁ ଲୁକର୍ ସାଂଗେ ରହେଲେଁ ଛନେ
ଲାଗୁଥିସି ବିତ୍‌ବିତା ।

କଟକ

# ନାଗରମଣି

ପ୍ରଫେସର ଅଭୟ ବେହେରା



ଆସିଥିଲ କିବା ପାହାନ୍ତି ସପନେ
ଚନ୍ଦନ ତୁଳସୀ ବାସୁଛି
ନାଚିଥିଲ ଗୀତଗୋବିନ୍ଦ ଛନ୍ଦେ କି
ପାଦରୁ ନୂପୁର ଖସିଛି
କଳାମାଣିକ!
ଦ୍ୱାରିକାନଗରୁ ନୀଳାଚଳ ଯାଏ
ବାଙ୍କ ପାଦଚିହ୍ନ ଦିଶୁଛି ।।
ମୟୂରଚନ୍ଦ୍ରିକା ହଜିଛି ଚୂଳରୁ
ଖଞ୍ଜା କେରି କେରି ଦୟଣା
ଖଣ୍ଡୁଆ ପାଟରେ ତୁମ ଅଙ୍ଗଲାଗି
କରିଛି କୁବୁଜା ରଙ୍କୁଣା
ରଙ୍କରତନ !
କେଉଁ ଗୋପବାଳାମଥାର କୁଙ୍କୁମ
ଅଧରେ ତୁମର ଲାଗିଛି ।।
ଶ୍ରୀମୁଖ ତୁମର ଝଟକେ କା ଆଖି
ଲୋତକରେ ମିଶା କଜ୍ଜଳେ
ଦାରୁଦେବତା ହେ, ତୁମ ବୁକୁତଳ
ବିରହ ନିଆଁରେ କୁହୁଳେ
ନିଶି ବିଜନେ,
ନାଗରମଣି ହେ! ମୁରଲୀ ତୁମର
କିଶୋରୀମଣିଙ୍କୁ ଝୁରୁଛି ।।



ଭୁବନେଶ୍ୱର
ମୋ : ୯୪୩୭୨୭୨୨୦୨

# ଦିନେ

ପ୍ରଫେସର ବୀଣାପାଣି ତ୍ରିପାଠୀ





ଦିନେ ଆଜିପରି ଉଇଁଥିବ ସୂର୍ଯ୍ୟ
ତଥାପି ଲୋପ ପାଇନଥିବା କିଛି ପକ୍ଷୀ
ଗାଉଥିବେ ଜୀବନ ସଙ୍ଗୀତ
ପବନ ବି ଗାଉଥିବ ସାତ ସୁରେ
ହେଲେ
ହେଲେ ଆମେ ନଥିବା
ମିଶିଥିବା ମାଟି ପାଣି ପବନ ଓ ଶୂନ୍ୟରେ

ଆମ ମାନଙ୍କ ଜୀବାତ୍ମା ଯେଉଁ ମାଟିରେ ପଡିଥିବ
ସେଠି ଉଠିଥିବ  ଗୋଟେ ଝଙ୍କାଳିଆ ଗଛ
ଫୁଟିଥିବ ଅସଂଖ୍ୟ ଫୁଲ
ତୁମେ ମୁଁ ଓ ଅନ୍ୟମାନେ
ପବନରେ ଖେଳୁଥିବା ଦୋଳି
ଝୁଲି ଝୁଲି ।

ଦିନେ ଏସବୁ ହେଉଥିବ

ହେଲେ ଏଇ ଦେଖ
କେମିତି ଚରିଯାଉଛି ଈର୍ଷାର ନୀଳ ବିଷ
କେତେ ଦମ୍ଭରେ ପାଦ ଥାପିଛେ ମାଟିରେ
ରହିବାକୁ କାଳ ଓ କାଳାତୀତ

ଗର୍ବରେ ମଥା ଛୁଉଁଛି ଆକାଶ
କେଉଁ ବିନ୍ଦୁଏ ବୋଲି ପ୍ରାପ୍ତିରେ
ହାତରେ ଧରିଛେ ପୃଥିବୀ
ମାୟାର କଜ୍ୱଳ ମାଖିଛେ ଆଖିରେ ।

ଦେଖନା
କାହା ହୃଦୟ ଓ ବିଶ୍ୱାସକୁ ହତ୍ୟାକରି
ଆମେ ବିଜୟ ଶୋଭାଯାତ୍ରାରେ
ନିଜ ଭିତରେ ଅସଂଖ୍ୟ ଈର୍ଷା  ଆଉ ଦ୍ୱେଷକୁ
ଖୁବ ଯତ୍ନରେ ବଢଉଛେ ମହାଦ୍ରୁମଟିଏ କରି

ଭୁଲି ଯାଉଛେ  ଏଇ ଯେଉଁ ମଣିଷର ଦେହ
ଏଇଠି ଦେବତା ବି ରହିପାରେ
ଦିବ୍ୟରୂପରେ ।

ଦିନେ
ଆମ ସଭିଙ୍କ ଠିକଣା ଆଉ ନଥିବ ଭିନ୍ନ
ନଥିବ ହୁଏତ ସାରା ଜୀବନ ସଜେଇଥିବା
ଘର ଆଗରେ
ଆମ ନାଁ ର ଫଳକ
ଖୋଜି ଆଣିଲେ କିଛି ନଥିବ ଆଉ
ନିଜର ବୋଲି
ତଥାପି ମଦମତ୍ତ
କେଉଁ ନିଶାରେ ମସଗୁଲ ଆମେ
ଈର୍ଷାରେ ନିଜେ ଜଳୁ ଅନ୍ୟକୁ ଜଳାଉ ।

ମଧୁବନ, ଢେଙ୍କାନାଳ

# ଅନ୍ତଃସ୍ୱର

ସରୋଜ କୁମାର ଶତପଥୀ





ହୃଦୟ ଯେଉଁଠି ହୃଦୟକୁ ଚିହ୍ନେ
ସେଇଠି ସ୍ନେହର ଘର
ମନଟା ଯେଉଁଠି ମନକଥା ବୁଝେ
ବହେ ମମତାର ଝର।

ତୁମଠାରୁ ଏତେ ପାଇଛି ଆଦର
ତୁମ ସ୍ନେହ ଶ୍ରଦ୍ଧା ନୁହେଁ ଭୁଲିବାର
ତୁମେ ଯେବେ ମୋତେ କଲ ଆପଣାର
ମୁଁ କିଆଁ କରିବି ପର।

ତୁମେ ମୋ ସଂଗୀତ ମୁଁ ତୁମ ମୁର୍ଚ୍ଛନା
ତୁମେ ଦୁଃଖ ହେଲେ ମୁଁ ତା'ର ବେଦନା
ମନ କରେ ସଦା ତୁମ ନିରାଜନା
ତୁମେ ମୋ' ଅନ୍ତଃସ୍ୱର।


ସମ୍ପାଦକ, ଅନୁସ୍ୱାର
ମୋ : ୯୯୩୭୧୨୮୫୪୭

# ବସିଛି ଏକା ହୋଇ

ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ



ତୁମକୁ ଖୋଜିଲି ଯେତେ ଯେଉଁ ଆଡେ
ତୁମକୁ ପାଇଲି ନାହିଁ
ଆକୁଳେ ବିକଳେ ଡାକିଲି କେତେ ମୁଁ
ରହିଲି ମଉନେ ଚାହିଁ ।
ଘରଠୁ ବାହାର ତୁମ ବାସସ୍ଥାନ
ସବୁ ଦିଶେ ଖାଲି ଖାଲି
ମୋ ଆଖି ଆଗରେ ତୁମରି ମୂରତି
ଦିଶି ଯାଏ ଚିତ୍ର ଭଳି
କେହି କହିଲେନି କେଉଁଠାରେ ଅଛ
ଯିବି ତୁମ ପାଶେ ଧାଇଁ ।
ସକାଳ ଆସିଲେ ତୁମ ଡାକ ଶୁଣି
ଭାଙ୍ଗୁ ଥିଲା ନିଦ ମୋର
ଆଜି କେ ଡାକୁନି ଉଠି ପଡ଼ ଧନ
ହୋଇ ତ ଗଲାଣି ଭୋର
ମଥାରୁ ମୋହର ଉଡ଼ି ଯାଇ ଛାତ
ବସିଛି ଏକଲା ହୋଇ ।



କ୍ୱାଟର୍ ନଂ -ଆଇ.ଭି-୫୦/୧
ୟୁନିଟ୍-୩,ଖାରବେଳ ନଗର, ଭୁବନେଶ୍ୱର
ମୋ- ୬୩୭୨୯୧୫୪୧୮

# ଅନୁଭବ

ଯୋଗେଶ ଚନ୍ଦ୍ର ମିଶ୍ର



ତମେତ ଜାଳିଛ ମତେ
ସଂସାର ରୂପୀ ଦୁଃଖ ଦାବାନଳେ
ଅଜ୍ଞାନ ମୋହରେ ଛନ୍ଦିହୋଇ
ଭୁଲିଛି ମୁଁ ନିଜ ପରିଚୟ
କୋଉଠୁ ମୋର ସୃଷ୍ଟି ଆଉ
କୋଉଠି ବିଲୟ !
ହଜିଯାଇଛି ଜନ୍ମଜନ୍ମାନ୍ତରର
ସାଇତା ସମସ୍ତ ପୁଣ୍ୟ ପୁଞ୍ଜି
ଅଦରକାରୀ ଅଚଳ ମୁଦ୍ରା ପରି
ଫିଙ୍ଗି ଦେଇଛି ମୋ ଜୀବନକୁ
ମୋ ଭାଗ୍ୟକୁ ମୋ ସ୍ୱପ୍ନକୁ
ଟିକିଏ ଆତ୍ମସୁଖ ପାଇଁ
ମୁଁ ଖୋଜି ବୁଲୁଥାଏ
କାହିଁ ତପ ଯୋଗ ଓ ସମାଧି
ତୁମକୁ ଜାଣିବାର ବାଟ
ସତରେ ତୁମେ ମୋର
ସୌଭାଗ୍ୟ ଉଦୟ କରି ଦିଅନ୍ତନି !
ମୁଁ ଜାଣିଯାଆନ୍ତି
ତୁମେ ହିଁ ତ ଅନୁଭବର ଈଶ୍ୱର
ସଦା ରହିଅଛ ପାଶେ ପାଶେ ମୋର ।



ସର୍ଗିଗୁଡ଼ା, ଟିଟିଲାଗଡ଼
ମୋ : ୯୭୭୭୩୭୦୧୨୩

# ରଙ୍ଗ ପୀରତି - ୧୪



ବିଦ୍ୟାଧର ଗୁରୁ

ପାରିବ ନାହିଁ ଟି ଗୋପନରେ ରଖି
ଚୋରାପୀରତିର କଥା
ପ୍ରେମ ସୁଗନ୍ଧର ବାସ୍ନାକୁ ମଳୟ
ଗାଉଥାଏ କରି ଗାଥା ।

ପ୍ରେମର ଚାଙ୍ଗୁଡ଼ା ଅରପିବୁ ନାହିଁ
ଅପ୍ରେମିଙ୍କୁ କରି ପ୍ରେମ
ଶଠ କି ଜାଣଇ ପ୍ରେମର ମୂଲଟି
ଠକିବାରେ ଯା'ର ମନ ।

କହିବୁଟି ସତ ନକରି କପଟ
ସମସ୍ତେ ନୁହନ୍ତି ଛଳ
ପ୍ରେମରେ ଛଳନା ଜାଣୀଲେ ଚତୁରୀ
ରହିବା ଦୂରେଇ ଭଲ ।

ଅସତର ସାଥେ ହେବୁନାହିଁ ସାଥୀ
ସତ୍ୟରେ ରଖିବୁ ମନ
ଧରମରେ ଗୋରୀ ରହିଥିଲେ କାଳେ
ମିଳେ ମନଲାଖି ମନ ।



ଚାହିଁ ବସିବୁନି ଗବାକ୍ଷର ଦ୍ୱାରେ
ବରଷା ଆସିଲେ ମାଡ଼ି
ମୁଖ ପ୍ରସାଧନ ଧୋଇନେବ ହେଲେ
ଚଗଲା ବରଷା ଝଡ଼ି ।

ସଜ ହେବୁନାହିଁ ସଜ ମଲ୍ଲିଫୁଲେ
ସଞ୍ଜ ଯେବେ ଆସେ ମାଡ଼ି ।
ଭ୍ରମର ଯେତକ ହୋଇବେ ଭ୍ରମିତ
ପହଞ୍ଚିବେ ପଥ ହୁଡ଼ି ।

ସୁନ୍ଦରପଦା, ଭୁବନେଶ୍ୱର

# ଆଖିପତା ତଳେ ଠିଆ

ବସନ୍ତ କୁମାର ଦାସ



ତୋ ଆଖିପତା ତଳେ ମୁଁ ଯେ ଠିଆ
କେତେ ଖୋଜୁ ମତେ ଦୂରେ ,
ତୋ ହସ ହୋଇ ନୀତି ମୁଁ ଝରୁଛି
ସକାଳକୁ ଝୁରି ଝୁରେ ,
ଶେଫାଳୀ ମୁଁ ତୋ ଦ୍ୱାରେ ।।

ତୋ ଝରକା ଦେଇ କେତେ ମୁଁ ଛୁଇଁଛି
ଭାବିଛୁ ଜୋଛନା ବୋଲି
ସଂଜରେ ଫୁଟିଛି ହେନା ତୋ ବାଡ଼ିରେ
କହିଛୁ ଆସିବୁ କାଲି ।
ନିତି ନିତି ଫେରିଯାଏ
ଚିହ୍ନିଲୁନି ମତେ ଥରେ ।।



ତୋ ଗଭାରେ ଯେବେ କୁଆଁରୀ ବଉଳ
ସାଜିଛି ଆଡ଼େଇ ଦେଲୁ
ତୋହର ତ ଜାଇ ଯୁଇରେ ସଉକ
ମତେ ଦେଖି ଭୁଲିଗଲୁ ।
ଏତେ ଖୋଜି ଭୁଲିବାରେ ,
ଜିତିଗଲୁ, ମୁଁ ଯେ ହାରେ ।।

ବରମୁଣ୍ଡା ଗ୍ରାମ, ଭୁବନେଶ୍ୱର
ମୋ: ୭୦୦୮୬୯୩୯୦୩

# ଚାନ୍ଦିନୀ ଚନ୍ଦ୍ରକିଶୋରୀ

ସଚି ବେହେରା



ଲାଜେଇ ସକାଳ ଛିଡ଼ା ହୋଇଅଛି
ଲାଜର ଓଢ଼ଣୀ ଦେଇ
ଝରା ଶେଫାଳିର ପଲ୍ଲବିତ ପ୍ରେମେ
ନରମ ଶେଯରେ ଚେଇଁ ।

ପକ୍ଷୀରାଜ ଘୋଡ଼ା ପିଠିରେ ବସି
ଉଡୁଛି ଶୂନ୍ୟ ଆକାଶେ
ଚାନ୍ଦିନୀ ଚକୋର ମେଘ ଆଡେ ଚାହିଁ
ନୀର ପାଇବାର ଆଶେ ।



ଚକ୍ରବାଳର ଚନ୍ଦ୍ରାବଳୀ ସମ
ଅସ୍ତ ରାଗର ଅଶ୍ରୁ
ପ୍ରୀତି ପରାଗର ନରମ ଉଚ୍ଛ୍ୱାସେ
ଲୋହିତ ବଦନ ସ୍ମଶ୍ରୁ ।

ଝରାପତ୍ରର ମର୍ମରେ ମର୍ମରେ
ପିୟାସୀ ଯୋଚ୍ଛନା ଝୁରେ
ପ୍ରଣୟ କାମିନୀ ତାମସୀ ରଜନୀ
ନିତି ଜିଏ ନିତି ମରେ ।

ଯୁଗ୍ମ ନିର୍ଦ୍ଦେଶକ, ଟ୍ରେଜେରୀ ନିର୍ଦ୍ଦେଶାଳୟ
ଭୁବନେଶ୍ୱର
ମୋ-୯୦୯୦୧ ୭୫୨୭୦

# ଆଶାର ସୂର୍ଯ୍ୟୋଦୟ

ଅପରାଜିତା



ନୈରାଶ୍ୟମୟ ଜୀବନ ଆକାଶେ
ଆଶାର ସୂର୍ଯ୍ୟୋଦୟ
ତୁମ ଅନୁରାଗ ଅନୁଭା ଆଗମେ
ଲାଗେ ଆଜି ପ୍ରାଣମୟ।

ବଇରାଗୀ ଚାନ୍ଦ ସନ୍ୟାସିନୀ ତାରା
ଯାଇଛନ୍ତି ଯେବେ ରୁଷି
ଚେନାଏ ଅକ୍ଷତ ଆଲୁଅର ଧାରେ
ତୁମ ମୁହଁ ଆସେ ଭାସି।



ଶତ ଶ୍ରାବଣର ସାରେଗାମା ତୁମେ
ଶରତେ ଶିଶିରମାଳା
ଫଗୁଣର ରଙ୍ଗେ ହୃଦୟ ଆଳୟେ
ଚିନ୍ମୟ ଚିତ୍ରଶାଳା।

କୋମଳ କାବ୍ୟର ପଂକ୍ତିଟେ ତୁମେ
ପୂଣ୍ୟର ପ୍ରୀତ୍ୟାଞ୍ଜଳି
ଭାବର ଭାବନା ବଳୟରେ ଲେଖା
ମନୋରମ ପଦାବଳୀ।

ଉପବିଭାଗ ଅଧିକାରୀ,
ଟ୍ରେଜେରୀ ନିର୍ଦ୍ଦେଶାଳୟ ଭୁବନେଶ୍ୱର
ଫୋନ୍ ନଂ -୮୦୧୮୫୬୪୯୨୭

# ମା' ଦୁର୍ଗାଙ୍କ ଶୋକ

**କମଳିନୀ ଦେବୀ**



କୋଟି ଟଙ୍କା ବ୍ୟୟେ କର ପୂଜା ମୋର
କାହିଁ କେତେ କର ଆଡ଼ମ୍ବର
ଷୋଡ଼ଶ ଉପଚାରେ କର ଆବାହନ
ମୋର ନାହିଁ ତାହା ଦରକାର ।।

କ୍ଷୁଧାରେ ଆତୁର ମାନବ ଗଡ଼ଇ
ରାଜରାସ୍ତାରେ ପରା କେତେ
ପଡିଛ କି କେବେ ତା ଦୁଃଖ ବେଦନା
କେତେ ଦୁଃସହ ଯନ୍ତ୍ରଣା ସତେ ।।



ମନ୍ତ୍ରଧ୍ବନିରେ ଉଚ୍ଛୁଳେ ପୂଜା ସ୍ଥଳ
ଲୋକାରଣ୍ୟ ର ପ୍ରବଳ ଭିଡ଼
ମୋର ଦର୍ଶନ ପାଇଁ ତ ଠେଲାପେଲା
ଚାଲେ ନମାନି ସେ ବନ୍ଧ ବାଡ ।।

ଜୀବନ୍ତ ଦେବୀଙ୍କୁ କର ହତାଦର
ଦିଅ ଶତ ଲାଞ୍ଛନା ଯେ କେତେ
ମୂର୍ତ୍ତିକା ମୂର୍ତ୍ତିର ଶରଣାପନ୍ନ ଯେ
ଏତେ ହେଉଛ କାହିଁକି ସତେ ।।

ମାଟିରେ ନାହିଁ ମୁଁ ମାଆଟିରେ ଅଛି
ତାକୁ ଦିଅ ଯଥା ସନମାନ
ଦେବୀ ପୂଜା ତୁମ ସଫଳ ହୋଇବ
ହେବି ମୁହିଁ ସଦା ସୁପ୍ରସନ୍ନ ।।

ସମ୍ପାଦିକା
ସ୍ୱୟଂପ୍ରଭା ଲେଖିକା ସଂସଦ, ବରଗଡ଼
ମୋ - ୮୨୪୯୮୭୧୭୩୨

# ଝରାଶେଫାଳି ମୁଁ

ଶରତ କୁମାରୀ ମିଶ୍ର



ଝରା ଶେଫାଳି ମୁଁ ଅବସାଦ ନେଇ
ଝରିଡ଼ିଛି ଭୂଇଁରେ
ମନେପଡ଼େ ଯେବେ ପ୍ରୀତି ଅଗଣାରେ
ଝୋଟି ଆଙ୍କୁଥିଲି ଧୀରେ।
ମୋର ଝୋଟି ସବୁ ଅନେକ ସୁନ୍ଦର
ରଙ୍ଗରେ ରଙ୍ଗାଇଥିଲି
ସେହି ଝୋଟି ଦେଖି ମୁଗ୍ଧ ନୟନେ
ତୁମେ ଚାହୁଁଥିଲ ବୁଲି।
ମନରେ ତ ଥିଲା କେତେ ସରସତା
ତୁମକୁ ପାଇ ପାଖରେ
ଝଡ଼ଝଂଜାକୁ ମୁଁ କେବେହେଲେ ମନେ
ଡରୁନଥିଲି ଅଧୀରେ।
ତୁମେ ଥିଲ ବଳ ସେଥିଇଁ ମୁଁ ଗୋ
ସବୁ ଟପି ଚାଲୁଥିଲି
ପଛରେ ମୋ ରହି ସାହସ ଦେଇଣ
ନେଉଥିଲ ହାତଧରି।
ନିରାଶାର ଭାବ ଛୁଇଁ ତ ନଥିଲା
ମନରେ ମୋ ଥିଲା ବଳ
ଆଜି ତୁମ ବିନେ ମରୁଭୂମିରେ ମୁଁ
ବୁଲୁଚି ହୋଇ ନିଶ୍ଚଳ।



ଆଇ. ଆର୍. ସି. ଭିଲେଜ୍,
ଭୁବନେଶ୍ୱର

# କୁଆଁରୀ ଜହ୍ନ

ସରୋଜଲକ୍ଷ୍ମୀ ମହାନ୍ତି





ପ୍ରୀତି ପୁରବୀର ଗୋପନ ଗୁମାନ
କୁଆଁରୀ ଛାତିର ସ୍ୱପ୍ନ
ଭିଜା ଭିଜା ସେଇ ଅଶିଣ ସଞ୍ଚର
କାମନା କୁଆଁରୀ ଜହ୍ନ
ଜହ୍ନି ଫୁଲ ତୋଳା ଅନୁରାଗେ ଭରା
ସପନ ରାଜକୁମାର
ଲାଜେ ଦୀନମଣୀ ମେଲାଣି ବେଳାର
ଜ୍ୟୋତ୍ସ୍ନା ଗାଧୁଆରେ ମଗ୍ନ
ନୂଆ କିଶୋରୀର ଅନୁଢା ବୟସ
ପ୍ରୀତିର ପ୍ରଥମ ଛୁଆଁ
କଜ୍ୱଳ ଆଖିର ସଜଳ ନୟନେ
ଇଶାରା ରେ କଥା କୁହା
କଅଁଳ ଜହ୍ନରେ ଆଙ୍କିଥାଏ ସତେ
ମନ ମଣିଷର ମୁହଁ
ପୁନେଇଁ ନିଶିରେ ଅଭିସାରିକାର
ଜାଗେ ଅସୁମାରୀ ସ୍ୱପ୍ନ

ଜହ୍ନି ଫୁଲରେ ଚଉରା ସଜେଇ
ଛେନା ଚାନ୍ଦ ବାଢ଼ିଦେଇ
ବଡମାନେ ମିଶି ବନ୍ଦେଇ ଦିଅନ୍ତି
ଅଖଣ୍ଡ ଦୀପ ଜଳାଇ
ଚନ୍ଦନ ଚିତାକୁ ନାଲି ଅଳତାରେ
ଅଲିଅଳି ଦିନ ଗୁନ୍ଥି
ଛାତି ସିନ୍ଧୁକ ରେ ସାଇତା ହୁଏ ସେ
ଅଲିଭା ଅଭୁଲା ସ୍ମୃତି
ଜହ୍ନ ଗୋ ତୁମେ ସାକ୍ଷୀ ରହିଥାଅ
ଜହ୍ନି ଫୁଲ ସାଥେ ମିଶି
ମନ ଦିଆନିଆ ପବିତ୍ର ପ୍ରେମର
ଗାଅଗୋ ମିଳନ ଗିତୀ
ଟୋପି ଟୋପି ସେଇ ଚନ୍ଦନ ବିନ୍ଦୁରେ
ଲେଖିତାର ଭାଗ୍ୟ ଲିପି
ସବୁରି ଆଶିଷ ଅଞ୍ଚିରେ ପୁରାଇ
ପାଦଥାପେ କିଶୋରୀଟି।

ନନ୍ଦନବିହାର, ଭୁବନେଶ୍ୱର

# ଊର୍ମିଳା

ଶିବପ୍ରିୟା ମିଶ୍ର



ତୁମେ କହିବା ମୁତାବକ
ଲହରୀ ଲହରୀ ସମୁଦ୍ରକୁ
ଦେଇ ଦେଲି ମୋ ଆଖିର ଲୁହ
ଆକାଶ ସାରା ବିଛି ଦେଇଛି
ସ୍ୱପ୍ନମାନଙ୍କୁ ବୋଲି ତ
ତାରା ମାନେ ଏତେ ଜକ ଜକ!!

କେବେ ପୁଣିପାହାଡ଼ ଦେହରୁ ଖସି
ଝରଣା ପରି ବହି ଯାଉଥିବା
ଆଞ୍ଜୁଳା ଆଞ୍ଜୁଳା କୁହୁଡିଆ କୋହଙ୍କୁ
ତୋଳିନେଲି, ସାଇତିଲି
ମୋ କୁଞ୍ଚିତ କେଶ ବିଥିକାରେ
ତୁମ ହାତରେ ହାତ ରଖି କିନ୍ତୁ
ପଚାରି ପାରିଲିନି କିଛି
'ହଁ ' ବି  ମାରି ପାରିଲିନି
ତୁମ କଥାରେ ।



ମୋ କାନରେ ବାଜୁଥିଲା ସେଇ ସ୍ୱର
"କାନ୍ଦିବନି ଜନ୍ମା  ଯଦି ମୋ ମଙ୍ଗଳ ଚାହୁଁଛ"
ମୁଁ ଓଦା ହେଉଥିଲି ଭିତରେ ଭିତରେ
ମିଶି ଯାଉଥିଲି ଚହଲା ଢେଉ ସାଥିରେ
ଶ୍ରଦ୍ଧାର ସରଯୂ କୋଳରେ
ତୁମେ ବଢ଼ି ଯାଉଥିଲ ଆଗକୁ ଆଗକୁ
ନୂଆ ଏକ ପ୍ରତିବଦ୍ଧତାରେ ।

ଭାବୁଥିଲି ସତରେ ପ୍ରିୟତମ!
ଫେରି ଚାହାନ୍ତ କି ଥରେ
ମୋ ମେଘୁଆ ଆଖିକୁ
ତୁମେ କହିବା ମୁତାବକ
ବର୍ଷିନାହାନ୍ତି ଏଯାଏଁ
ଲୁହ ଟଳଟଳ ମେଘ ଯାକ।

ବ୍ରଜରାଜନଗର
ମୋ : ୯୮୬୧୨୩୪୨୧୧

# ଝରା ଶେଫାଳି

ମଧୁସ୍ମିତା ମହାପାତ୍ର



ଝରା ଶେଫାଳୀ ତୁ ରାତିର ରାଣୀ
ଶରତ ଆକାଶେ ଯୋଛନା ପରଶେ
ସମସ୍ତଙ୍କ ମନ ନେଇ ମୋହି
ହୋଇଯାଉ ତୁ ମନ ମୋହିନୀ।

ଅତି କୋମଳ କଳିକା ତୋର
ନୀରବେ କେତେ କଥା କହିଯାଏ
ଭୁରୁ ଭୁରୁ ବାସେ ସମୀର ପରଶେ
ନିଜକୁ ଦେଇ ହଜାଇ
ପୂର ପଲ୍ଲୀ ଚହଟାଇ ଦିଏ।

ସୁରୁଜ ପରଶେ ଲାଜେଇ ଯାଇ
ପ୍ରେମର ସଙ୍ଗୀତ ଗାଇ ଗାଇ
ଝରିଯାଉ ଆନମନା ହୋଇ
ପାହାନ୍ତି ପ୍ରହରେ ଧରଣୀ ବକ୍ଷେ
ଧବଳ ଗାଲିଚା ଦେଉ ମେଲାଇ।



ନାରଙ୍ଗୀ ଟୋପା ପିନ୍ଧି
ଆସିଥାଉ ତୁହି ରାତିକ ପାଇଁ
ରାତି ଚାଲିଯାଏ ପ୍ରୀତି ସରିଯାଏ
ମନ ର ମରମ ମନରେ ମାରି
ରହିଯାଉ ତୁ ସ୍ମୃତିଟିଏ ହୋଇ ।

ନୀଳାଦ୍ରୀ ବିହାର, ଭୁବନେଶ୍ୱର

# ବିବଶ

ସୁବ୍ରତା ମିଶ୍ର



କେତେ ଦିନ
ଆଉ
ତୁମେ କବି
ରଖିଥିବ ମତେ ଛନ୍ଦି
ତୁମ ସୂକ୍ଷ୍ମ  ଆବେଗର
ଶବ୍ଦ ଜାଲରେ ବାନ୍ଧି?

କେବେ ହୁଏ ତ
ଥିଲ ତୁମେ
ମୋ ପ୍ରେମର ପରିଭାଷା
ମୋ ହୃଦୟର
ପ୍ରୀତି ଫଲଗୁ
କିନ୍ତୁ
ଏକ ଅନନ୍ତ
ଚେତନାର
ଅମ୍ଳାନ ଆହ୍ୱାନରେ
ବିବଶ ମୁଁ ଆଜି !!



ଜୟଦୁର୍ଗା ନଗର, ଭୁବନେଶ୍ୱର
ମୋ- ୮୨୪୯୮୩୨୦୯୩

# କାରଣ ହୁଏନା ଭାବି

ଚମକଚନ୍ଦିନୀ ଦାଶ



ସତ ପାଇଁ ଏତେ  ମତର ଫରକ
 କାରଣ ହୁଏନା ଭାବି
ଦରବ ବି ନୁହେଁ  ବେପାରୀ ବିକିବ
 ନିଅ ନିଅ ରାବି ରାବି ।

ସତ ବିପଦର  ବିଷମ ବେଳାରେ
 ଭରସାର ନୀର ଧାରା
ସତ ଅସଜଡା  ଜୀବନ ଆକାଶେ
 କଅଁଳ ସକାଳ ଖରା
ତଥାପି ସତର  ଦୁଆରେ କୋଳପ
 ଖୋଜିଲେ ମିଳେନା ଚାବି
ସତ ପାଇଁ ଏତେ  ମତ ର ଫରକ
 କାରଣ ହୁଏନା ଭାବି ।



ସତ ଅପହଞ୍ଚ  ଧୂଆଁର ପଟଳେ
 ଖେଳୁଥାଏ ଲୁଚକାଳି
ନିରୁତା ମନର  ଆବାହନକୁ ସେ
 କଦାପି ପାରେନା ଟାଳି
ତଥାପି ସତର  ଆସନକୁ ଥାଏ
 ହାତ ଗଣତି ର ଦାବି
ସତ ପାଇଁ ଏତେ  ମତର ଫରକ
 କାରଣ ହୁଏନା ଭାବି ।

ଭୁବନେଶ୍ୱର

# ଜୀବନ ପାତ୍ର

ଅନ୍ନଦା ମିଶ୍ର



କେଉଁ କ୍ରୁର ଅଙ୍କୁରର  ଅବାଂଛିତ ଚିଟାଉରେ
ଫେରିଗଲ ଏକାକରି  ଅଫେରା ରାଇଜେ,
ବାକି ରହିଗଲା ଯେତେ  ଅସୁମାରୀ ଆଶ୍ୱାସନା
ଅକଳନ୍ତି ସ୍ମୃତି, ପ୍ରତିଶୃତି, ଏବେ ଏଠି ଲୁହ ଢାଳି
ଝୁରିବାରେ କଟିଯାଏ ଆମ ଦିନରାତି ।
ଭୁଲି ଗଲ କଣ୍ଟ ତୁମ ଫେରିବାର ପ୍ରତିଶ୍ରୁତି
ଝୁରନ୍ତି ସକଳ ପ୍ରାଣୀ ସ୍ମରି ତୁମ ସ୍ନେହ ପ୍ରୀତି।

ତୁମେ ପରା ଭୀଷ୍ମ ?
ସରିନାହିଁ କରମ  ଏ ଯାଏଁ ତୁମର
ସରିନାହିଁ  ସରିନାହିଁ ବାକି ଅଛି ଯେ ସମର
କି କାରଣେ ବରିନେଲ  ଇଛା ମୃତ୍ୟୁବର
ଶୋଇଅଛ ଶରଶଯ୍ୟା ପରେ ହୋଇ ନିର୍ବିକାର
ଛିର୍ଣ୍ଣ କରି ମୋହମାୟା ଏ ମିଛ ସଂସାର।

ତୁମେ ଥିଲ ପରା ତ୍ୟାଗର ଭଣ୍ଡାର
ଧାର ଧାର, ସଞ୍ଚିତ ତ୍ୟାଗ ଆଉ ପ୍ରେମ
ନୟନର କୋଣେ ଜକେଇ ଝରିବା ଆଗୁ
ସାଉଁଟି ନେଇଛି  ହାତେ ମୁକ୍ତାବିନ୍ଦୁ ସମ
ମିଛେ ସିନା ଦେଉଥିଲି ଆଶ୍ୱାସନା ହସି
ପାହିନାହିଁ ଶେଷ ଯାମ, ସରିନାହିଁ ତୁମ କାମ
ଫେରିବାର ବେଳ ହୋଇନାହିଁ ତୁମ।

ତୁମେ  ଯେ ଏକ ମଧୁର ସ୍ମୃତି
କିଛି ଦୁଃଖ ଆଉ କିଛି ସୁକ୍ଷ୍ମ ଅନୁଭୂତି
ଆଉଟି ଆଉଟି ଉତୁରି ପଡୁଥିବା
ଦଗ୍ଧ ମନର ଯନ୍ତ୍ରଣା ସିକ୍ତ ପୃଷ୍ଠା କେତୋଟି
ଭିଜା ମାଟିର ମହକେ  ହଜାଇ
କୃଷ୍ଣଚୂଡ଼ାର ରଙ୍ଗେ ମଖାଇ
ଝୁରେ ନିତି ପୁଣି ସ୍ମୃତିକୁ ସାଉଁଟି ।



ତୁମେ ଏକ ଅବୁଝା ମନର ଅଭୁଲା ଶବ୍ଦଟି
ନିତି ପ୍ରଭାତରେ ସବୁଜ ପତରେ
ମୁକୁତା ବିନ୍ଦୁରେ ଘାସ ଗାଲିଚାରେ
ଚଉରା ମୂଳର ସଞ୍ଜ ଆଳତିରେ
ଅବା ଦେଉଳ ଭିତର ପଥର ମୂର୍ତ୍ତିରେ
ଖୋଜୁଛି, ଖୋଜିବି ତାରକା ମେଳରେ
ଖୋଜୁଥିବି ସଦା ପାହାନ୍ତି ସପନେ
ହଜିଗଲ କାହିଁ ଫେରିଆସ ବାରେ
ସଜାଡି ଦେବାକୁ
ମୋ ଅସଜଡ଼ା ଜୀବନ ପାତ୍ରଟି ।

ବାଲିଅନ୍ତା, ଭୁବନେଶ୍ୱର
ମୋ : ୮୨୪୯୪୪୧୦୮୪

# କ୍ଷୀଣ ଦୀପଶିଖା

ଡକ୍ଟର ପ୍ରବୀଣା ପରିଡ଼ା



ଜୀବନ ଏକ ସ୍ୱପ୍ନ ର ଭୂଇଁ
ଚଲାପଥ ତା'ର  ଉଠାଣି ଗଡାଣି
କଳକଳ ନାଦରେ ବହୁଥାଏ ଝରଣା
ଆବେଗର ଆଶାପୂର୍ଣ୍ଣ  ଥଳକୂଳ ମିଳେନା ।
ଭୟାତୁର ସ୍ୱପ୍ନ ଯେବେ  ଆତଙ୍କିତ କରେ
ଆଶାର ବାଲିଘର  ମିଶିଯାଏ ଢେଉରେ ।
ପାଏନା କୂଳ କିନାରା  ହଜାଇ ତା' ଠିକଣା
ଅନ୍ତରେ ମରଇ  ଅଦେଖା ଅନ୍ତର ବେଦନା ।
ସହିବାକୁ ହୁଏ ଛଳନାର  ହସ
ଅବିରତ ଝରେ ଅମାପ ବିଷ ।
ଲହୁ ଲୁହ ପିଇ ଜୀଇଁବା ଶିଖେ
କରିପାରେ କେତେ ସପନ ଠୁଳ,
ଆବୋରି ନେଇଛି ଅବସୋସ ଯେତେ
ଅସୁମାରୀ ଖେଦ ସରେନା ବେଳ ।
କରିଛି ଶପଥ ଜଳିବାକୁ ହେବ
କ୍ଷୀଣ ଦୀପଶିଖା ହୋଇ
କିଏ ଜାଣେ ଏ ଛାର ଜୀବନ
କେବେ ମାଟିରେ ମିଶିବ
ବଞ୍ଚିଥିବ ସ୍ମୃତିର ଚାଦର ନାଇ ।



ଷ୍ଟାର୍ ସିଟି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଫୋନ୍ ନଂ – ୮୮୯୫୫୪୭୭୬

# ମା

ବୀରେଶ୍ୱର ମହାନ୍ତି



ମା' କଥା ଅବା କ'ଣ କହିବା
କେମିତି ତା' ଋଣ ଶୁଝି ପାରିବା
ତା' ମନରେ ସେଇ ଗୋଟିଏ କଥା
ମା'ଏମଙ୍ଗଳା ଛୁଆଙ୍କୁ ସାହା ହେଇଥା
ବିପଦଆପଦୁ ଉହାଡ଼ କରିଥାଲୋ ମା!
ମା' କଥା ଅବା କ'ଣ କହିବା ।

ପିଲାଙ୍କ ଦୁଃଖରେ ଶ୍ରାବଣ ଧାର
ମା' ପରି ଅଛି କହ ମନ କାହାର?
ଛୁଆଙ୍କ ପାଇଁ ତୁଚ୍ଛ ନିଦ୍ରା ଆହାର
ପିଲାଙ୍କ ଖୁସି ପାଇଁ ବଡି ଆଚାର
କରିଚାଲିଥାଏ ପ୍ରତି ବର୍ଷ ଥରକୁଥର
ହାତରେ ନଥାଉ ପଛେ ଶକ୍ତି ତାହାର ।



ପିଲାଙ୍କ ରାଗ ତ ତାକୁ ଧୂପ ଚନ୍ଦନ
ଧୀରେ ହସିଦିଏ ଊଣା କରେନା ମନ
ମା' ପାଇଁ ମୁଁ କ'ଣ ଲେଖିପାରିବି!
ଏତେ କାଳି ଅବା କାହୁଁ ପାଇବି?
ସେ ତ ସୀମାହୀନ କରୁଣା ଧାର
ଏ ସାରା ଜଗତେ ମା' ନାମଟି ସାର ।

ଆମେ ସଭିଏଁ କାମରେ ବ୍ୟସ୍ତବିବ୍ରତ
ମା'ପାଇଁ ସମୟଟେ କାହିଁ କହତ !
ପଦେକଥାପାଇଁ ଦିନ ସାରା ଅପେକ୍ଷା
ପଦଟେ ଶୁଣିଲେ ଲାଘବ  ବ୍ୟଥା
ନଈ ଶୁଖିଗଲେ କି କରେ ନାଆ
କ୍ଷୀର ଶୁଖିଗଲେ କି କରେ ମା'?

ସି – ୧୦୫, ଶୁଭମ୍ ରଯ୍ୟାଲ,
ଘାଟିକିଆ, ଭୁବନେଶ୍ୱର
ମୋ.- ୯୯୩୮୬୧୫୬୭୧

# ଦଶ'ରା

ନୀଳମଣି ଚାନ୍ଦ



ଶରତ ଥାଏ
ଆଶ୍ୱିନ ଆସେ ଗୀତ ଗାଏ
କାଶତଣ୍ଡୀ ଫୁଟାଏ
ଗଙ୍ଗଶିଉଳି ସାରା ରାତି
ମହକ ଛୁଟାଏ
ସୂର୍ଯ୍ୟ ଉଠିଲେ
ସେ ଲୋଟେ।

ମାଆ ସିଂହ ବାହନରେ ଆସନ୍ତି
ମହିଷାସୁରକୁ ନିଧନ କରିଥାନ୍ତି
ପୁରାଣ ଏ କଥା କହେ
ଅନେକ ଦିନୁ ଶୁଣିଥିବା ସେ
କାହାଣୀଟି ମନେରହେ
ଅସତ୍ୟ ଉପରେ ସତ୍ୟର ଜୟ
ଏକଥାଟି ମିଛ ନୁହେଁ।



ଏବେ  ମାନବ ରୂପରେ
ଅନେକ ମହିଷାଙ୍କ ଆତଯାତ
ସେମାନଙ୍କ ପ୍ରବଳ ପ୍ରତାପରେ
ଧରା ଭାରାକ୍ରାନ୍ତ ଅଥୟ ଓ ଅଶାନ୍ତ
ଶୂଳ ଖର୍ପର ଧରିଛ ତ ମାଆ ଆସ
ସେମାନଙ୍କୁ କର ନିପାତ
ଧରଣୀ ହେଉ ଶାନ୍ତ
ସୁଖ ବିରାଜମାନ କରୁଥାଉ ସର୍ବତ୍ର ।

ମନ୍ତ୍ର ମାନୋର୍, ଗୋଠପାଟଣା
ଭୁବନେଶ୍ୱର
ମୋ : ୯୫୮୩୨୦୨୩୫୭

# ବେଦୀ

ନୀଳମାଧବ କର



ନିଆଁ କାହିଁକି ଲାଗେନା
ତୋ ଦେହରେ, ଏବେ
ଛୁଇଁଲେ ତ, ବିଜୁଳି ଚମକୁଥିଲା
ଭରି ଯାଉଥିଲା ଶିହରଣ
କ୍ଷଣକେ, ହଜି ଯାଉଥିଲା ଅସ୍ତିତ୍ୱ,
ସମାହିତ ହେଇ ଯାଉଥିଲା
ଇହ କାଳ, ପର କାଳ,
ତୋ ହୃଦୟ, ମନ ଓ ଶରୀର
ମିଳେଇ ଯାଉଥିଲା ସେ ନିଆଁରେ !

ଏବେ ଏବେ କାହିଁକି ଲାଗୁନି ନିଆଁ,
ତୋ ଦେହରେ, ମନରେ

ତୋ ଦେହରୁ ନିଗିଡ଼ି ପଡୁଥିବା
ପାଣିରେ ତ ନିଆଁ ଲାଗି ଯାଉଥିଲା
ତୋ ଆଖ ପାଖ, ସବୁ ଦୃଷ୍ଟ ଓ ଅଦୃଷ୍ଟ
ଇଚ୍ଛା ଓ ଅନିଚ୍ଛା
ଜଳିପୋଡ଼ି ଭସ୍ମ ହେଇଯାଉଥିଲା

ଏବେ ମୁଁ ନିଜକୁ ଶୁଖେଇ
ମହଣ ମହଣ ଘିଅ ଢାଳି
ମୋ ଜଙ୍ଗଲରେ
ବେଦୀଟିଏ ସଜେଇଛି ତୋ ପାଇଁ,
ତୋ ଅପେକ୍ଷାରେ କ୍ଷଣସବୁ ଯୁଗପରି,
ସମୟ ବିତୁନି ଆଉ,
କେବେ ପୁଣି ତୁ, ତୋ ଦେହରେ ମନରେ
ଜଳିବାର ଇଚ୍ଛା ନେଇ
ସଜେଇବୁ ମୋ ମନର ଅଗଣା !

ଜଳେନି କାହିଁକି ନିଆଁ
ଏବେ ତୋ ଦେହରେ ପ୍ରିୟା
ତୋ ମାୟା ପାଇଁ, ମୋ ବେଦୀ କଣ
ଅରୁଚିରେ ଭରି ହେଇ ଯାଇଛି !

ନା କେଉଁ ଅସୀମ ଆକାଶେ ଭାସି
ନୂଆ ନୂଆ ସ୍ୱପ୍ନ ଗୋଟଉଛୁ
ଅସ୍ପଷ୍ଟ ଦୂରତା, ଆଉ ଅଛୁଆଁ ଉଦ୍ଦେଶ୍ୟ ନେଇ
ତୋ ଦିଗବଳୟ ଏବେ କଣ,
ଅପହଞ୍ଚ ମୋ ପାଇଁ
ମୋ ପୃଥିବୀ ତୋ'ଠୁ କଣ ଦୂର ହେଇଯାଇଛି !

ନା' କେଉଁ ଦୁଃଖରେ ଭିଜିଛୁ ତୁ,
କଉ ରାଇଜର ପୀଡ଼ା ସେ ଯେ
ମେଘପରି ତୋ ଚାରିଆଡ଼େ
ବରଷୁଛି ଧାର ଧାର, ଯେ ଥମୁନି ଏଯାଏ !
ନା' ମେରୁରେ ଜମି ଯାଇଛି
ତୋ ଇଚ୍ଛା ସବୁ, ବରଫ ଚଟାଣ ତଳେ !

ନା' ସମ୍ପର୍କର ଶବ୍ଦସବୁ
ହଜି ଯାଇଛି କେବେଠୁ,
ହୃଦୟ ସ୍ଥିର ହେଇଯାଇଛି,
ତୋ ପାଇଁ, ମୋ ପାଇଁ
ମନ ଛାଡ଼ି ଚାଲି ଗଲାଣି ଦେହରୁ
ସମ୍ପର୍କର ଇତିକଥା ଲେଖା ସରିଲାଣି !

ଓଲ୍ଭର୍‌ହାମ୍ପଟନ୍, ୟୁକେ

# ଅପହରଣ

ଶମ୍ଭୁନାଥ ରାଉଳ



ସେମାନେ ସବୁ ଅପହରଣ କରି ନିଅନ୍ତି
ବିଦ୍ୟା ଶକ୍ତି, ସାମର୍ଥ୍ୟ
ନିଜ କରିଥବା ସବୁ କର୍ମ
ମୁଣ୍ଡ ଝାଳ ତୁଣ୍ଡେ ମାରି କମେଇଥିବା
ଯଶ କୀର୍ତ୍ତି ଆଖିର ପଲକରେ
ଅପହରଣ ହୋଇଯାଏ
ଏକ ଫମ୍ପା ମାଠିଆ ହୋଇ
ପଡ଼ିରହିବାକୁ ପଡ଼େ
ଅପାଂକ୍ତେୟ, ମୂଲ୍ୟହୀନ, ସ୍ୱାଦହୀନ, ରସହୀନ
ଉତପ୍ତ ଖରାରେ ଜଳି ଯାଇଥିବା
ଏକ ଘାସର ପତିଆ
ଅସହ୍ୟ ଯନ୍ତ୍ରଣାରେ ଛଟପଟ
ଆଖିରେ ନିଦର ଅଭାବ, ସ୍ୱପ୍ନର ଅଭାବ
ସ୍ୱପ୍ନକୁ ସାକାର କରିଥିବା ସମୟର ଘୋର ଅଭାବ
ଶାରିରୀକ, ମାନସିକ ଉତ୍ପୀଡ଼ନ
ପୁନରୁଦ୍ଧାରର ସୁଯୋଗ ନାହିଁ
ସମୟ ଗଡ଼ି ଗଲାଣି ବୟସ ଗଡ଼ି ଗଲାଣି
ମନୋବଳର ଅଭାବ
ଚାହିଁ ରହିବାକୁ ପଡ଼େ ଆକାଶକୁ
ମେଘ ପାଇଁ ବସନ୍ତକୁ ମଳୟ ପାଇଁ
ଜହ୍ନକୁ ଜୋଛନା ପାଇଁ
ପୁଣି ମେଘ ବର୍ଷିବ, ମଳୟ ବହିବ
ପୋଡ଼ି ଯାଇଥିବା ଘାସର ସବୁଜିମା ଲେଉଟିବ
କିନ୍ତୁ ଅପହରଣକାରୀଙ୍କ ଦୃଷ୍ଟି ଗୋଚର ହୁଏନା
ସେମାନେ ଗାଁ ଛାଡ଼ି, ସହର ଛାଡ଼ି,
ରାଜ୍ୟ ଛାଡ଼ି, ଦେଶ ଛାଡ଼ି ଆତ୍ମଗୋପନ କରିପାରନ୍ତି
ଖବର ପାଇବା ଅସମ୍ଭବରେ ପରିଣତ ହୁଏ।
ନିର୍ଜନ ଦ୍ୱୀପରେ କେଉଁ ଅପହୃତା କିଶୋରୀର
କରୁଣ କ୍ରନ୍ଦନରେ ପୃଥିବୀ ପ୍ରକମ୍ପିତ ହୁଏ।



ଭୁବନେଶ୍ୱର
ମୋ :୯୩୩୮୦୧୧୧୮୩

# ମାତ ଦୁର୍ଗେ

ଯଜ୍ଞଦତ୍ତ ସାମନ୍ତରାୟ





ମାତ ଦୁର୍ଗେ !
ଦୁର୍ଗତି  ନାଶିନୀ,  ସିଂହ ବାହିନୀ
ଖଣ୍ଡା-ଖର୍ପର ଧାରିଣୀ ଜଗଦମ୍ବେ
ପାର୍ବଣ  ଅବସରରେ
ଆମ୍ଭେ ତୁମ୍ଭର ସନ୍ତାନଗଣ
ତୁମ୍ଭଙ୍କୁ  ଆବାହନ କରୁଛୁ ମାତ
ଏ ଧରା ଧାମରେ
ଆବିର୍ଭୂତା ହୁଅ, ପ୍ରକାଶ ହୁଅ ।

ମାତ ଦୁର୍ଗେ !
ତୁମ୍ଭର କୃପାରେ
ସତ୍ୟ, ତ୍ରେତୟା, ଦ୍ୱାପରରେ
ଅହଂକାରୀ, ଅନ୍ୟାୟୀ, ଅତ୍ୟାଚାରୀ
ଅସୁରଗଣ ସଂହାର ହେଲା ଭଳି
କଳିରେ ବି ଅହଂକାରୀ, ଅତ୍ୟାଚାରୀ
ନାରୀମାଂସ ଲୋଭୀ,କଳଙ୍କିତ
ନରରୂପୀ ରାକ୍ଷସଙ୍କ ବିନାଶ କରି
ଧରାରେ ସୁଖ,ଶାନ୍ତି, ଆନନ୍ଦ
ପ୍ରତିଷ୍ଠା କର ମାତଃ
ଆବିର୍ଭୂତା ହୁଅ, ପ୍ରକାଶ ହୁଅ ।

ମାତ ଦୁର୍ଗେ !
ଆଜିର  ଦିନରେ
ତୁମ୍ଭଙ୍କୁ ଏତିକି ପ୍ରାର୍ଥନା କରୁଛୁ ମାତଃ
ସ୍ରଷ୍ଟାଙ୍କ ସୃଷ୍ଟିର ଶ୍ରେଷ୍ଠ ଜୀବ
ମାନବ ଆଉ ନ ଦେଖାଉ
ପଶୁତ୍ୱ ଓ ଆସୁରିକ ଭାବ
ବିବେକ ତାର ଜାଗ୍ରତ କର
ମନ,ପ୍ରାଣ,ଶରୀରରେ  ସଞ୍ଚାରିତ ହେଉ
ଦୟା,କ୍ଷମା, ଶାନ୍ତି, ମୈତ୍ରୀ,ପ୍ରୀତି ଓ
ସହିଷ୍ଣୁତା ଆଦି ଦିବ୍ୟ ଗୁଣ
ସମସ୍ତ ଅଦିବ୍ୟତାର ନାଶ ହେଉ
ଏତିକି କଲ୍ୟାଣ କର ମାତଃ
ଆବିର୍ଭୂତା ହୁଅ, ପ୍ରକାଶ  ହୁଅ ।

ସମ୍ପାଦକ, ଗୁଞ୍ଜନ
କବିସୂର୍ଯ୍ୟ ନଗର, ଗଞ୍ଜାମ
ମୋ - ୯୩୩୭୪୪୪୯୨୪

# ଭୁବନେଶ୍ୱର ଆସିଲେ ଆସିବ

ଜ୍ୟୋତିପ୍ରକାଶ ଗଡ଼ତ୍ୟା



ବରମୁଣ୍ଡାରୁ ଜଗନ୍ନାଥ ବିହାର
ଅବା ଆର୍ୟୁବୈଦିକ କଲେଜ ଛକ
ଏବେ ଯେମିତି
ଯିବା ଆସିବାର ଭିତରେ
ଆଉ ଖୋଜିବାର ନାହିଁ
ସ୍ୱାସ୍ଥ୍ୟ ଓ ସୁସ୍ଥତାକୁ ନେଇ
ଅକ୍ସିଜେନ ଅବା ଡାୟୋଲିସିସ୍‌ର
ଉପକରଣ, ସରଞ୍ଜାମ ଯେମିତି
ଅଚଳ ଡାକ୍ତରଖାନା ଭିତରେ
ଜଗୁ ଆଉ ଡୁଗୁଲିର
ନୀରବି ଯାଉଥିବା ଶବ୍ଦବି
ନିର୍ଜନତା ଭିତରେ ସତେ
ଯେମିତି ହଜି ଯାଇଛି
ଡୋନିଆର ଆଉଁସି ନେବା
ଆଉ, ଲିପୁନାର ମା' ମା' ଡାକ
ପ୍ରତ୍ୟୁତ୍ତର ନାହିଁ
କହିବାର ବେଳ ନାହିଁ
ପୁଣି, ଜ୍ୟୋତି ତୁମେ
ଭୁବନେଶ୍ୱର ଆସିଲେ ଆସିବ।



ସର୍ଗିଗୁଡ଼ା, ଟିଟିଲାଗଡ଼, ବଲାଙ୍ଗିର
ମୋ: ୯୬୫୮୮୨୭୫୫୨

# ଅପେକ୍ଷମାଣ

ପ୍ରଦ୍ୟୁମ୍ନ ପଟ୍ଟନାୟକ



ଛୁଇଁ ଦିଅ ଥରେ
ବିଦଗ୍ଧ ଶରୀରେ
ମେଣ୍ଟି ଯାଉ ତୃଷା
ପୂର୍ଣ୍ଣ ହେଉ କେଉଁ କାଳ
ଈପ୍‌ସିତ ଅଭିଳାଷା ।

ତୁମ ସ୍ନିଗ୍ଧ ସାନିଧ୍ୟରେ
ଚୂର୍ଣ୍ଣ ହେଉ ଯେତେ
ପୁଞ୍ଜିଭୂତ ଅଭିମାନ
ତୃପ୍ତ ହେଉ ଅନ୍ତରଙ୍ଗ ଆଶା ।

ଶୁଭିଲାଣି ବିଦାୟର ସାହାନାଇ
ସେପାରିର ସୁଲଳିତ ବଂଶୀସ୍ୱନ
ବୟସର ରବି ଅସ୍ତମାନ ।



ବ୍ୟାଧିଗ୍ରସ୍ତ ଅବୟବ
ଯନ୍ତ୍ରଣାର ଜତୁ ଘର
ଶତଶତ ବିଛୁକ ଦଂଶନ ।

ଅନେକ ଦିନୁ ନିଥର ନିଶ୍ଚଳ
ନିଃସଙ୍ଗ ଜୀବନର ପଥ
ଚାଲିଚାଲି ପାଦ ହେଲାଣି ଅବଶ
ତଥାପି ଅତୃପ୍ତ ଏ ମନ ଅପେକ୍ଷମାଣ
ଲଭିବାକୁ ମୋକ୍ଷ ପାଇ ତୁମ ସ୍ପର୍ଶ
ଏ ଜୀବନୁ ମୁକ୍ତି ଅନନ୍ତ ନିର୍ବାଣ ।

ଜୟଦୁର୍ଗା ନଗର, ଭୁବନେଶ୍ୱର
ମୋ - ୯୯୬୮୨୮୦୮୯୬

# ଶାରଦୀୟ ପ୍ରତ୍ୟୁଷର ପ୍ରତିଲିପି

ମାନଗୋବିନ୍ଦ ବାରିକ





ଊଷା ଅରୁଣର ଉଦିତ କିରଣେ
ଉଲ୍ଲସିତ ଉନ୍ମାଦନା,
ପ୍ରାଚୀ ଆକାଶର ଉନ୍ମେଷ ଆଭାରେ
ଦୀପ୍ତିମୟ ଦିଗାଙ୍ଗନା।

ଝରା ଶେଫାଳିର ଭରା ମହକରେ
ପ୍ରତ୍ୟୁଷ ପ୍ରଶାନ୍ତମୟ,
ପୂର୍ବାଶା ଉଷାର ପ୍ରକାଶ୍ୟ ରଶ୍ମିରେ
ଧରାରାଣୀ ଧୃତିମୟ।

ଆଦ୍ୟ ଆଦିତ୍ୟର ଅନିନ୍ଦ୍ୟ ଆଭାରେ
ଚିତ୍ରାଙ୍କିତ ରଙ୍ଗଶାଳା,
ପ୍ରଭାତୀ-ଭାତିର ଲାବଣ୍ୟ ଦ୍ୟୁତିରେ
ଭାବାନ୍ତର ବର୍ଣ୍ଣମାଳା।

ପାଦପ ବଲ୍ଲରୀ କୁସୁମ ମଞ୍ଜରୀ
ବିକୀର୍ଣ୍ଣ ବାସ୍ନା ଅଜାଡେ,
ନଦୀ ପଠାପରେ ଶ୍ୱେତ କାଶତଣ୍ଡି
ଧବଳ ଚାମର ଝାଡେ।

ମନ୍ଦ ମଳୟର ମଧୁ ବଳୟରେ
ଶାରଦୀୟ ସମ୍ମୋହାନ,
ପ୍ରଭାତୀ ବିହଙ୍ଗ କଳ କୁଜନରେ
ବଶୀକୃତ ବିମୋହନ।

ତରୁଣ ଅରୁଣ କୌମାର କିରଣେ
ମଧୁମୟୀ ମଧୁକ୍ଷରା,
ଧରା ଧରଣୀର ବିଭା ବିପଣୀରେ
ବର୍ଣ୍ଣମୟ ବସୁନ୍ଧରା।

ପ୍ରାତଃ ପ୍ରାଣମୟ ଦିବ୍ୟ ରମଣୀୟ
ଶାରଦୀୟ ଅବକାଶ,
ଦୁର୍ଗତି ନାଶିନୀ ଆଗମ ବାର୍ତ୍ତାରେ
ଐଶୀମୟ ଅଭିଳାଷ।

ଶରତ ପ୍ରଭାତ ଶୁଭ ପ୍ରତିଭାତ
ଭବ୍ୟ ଭବାର୍ଣ୍ଣବ ଧାରା,
ବିଭାସ-ବିଭାର ବର୍ଣ୍ଣ-ବୈଭବରେ
ପ୍ରତିଲିପ୍ତ ବସୁନ୍ଧରା।

ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବ.ଡ.ଏ କଲୋନୀ, ଫେଜ୍ -୧,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ :୯୪୩୭୨୬୬୬୩୫

# ନବରାତ୍ରୀର ନବଦୁର୍ଗା

ବାସନ୍ତୀ ବାରିକ୍





ନମୋ ନମଃ ମହାମାୟା,
ଗୌରୀ,ହୈମବତୀ,
ନବଦୁର୍ଗା ରୂପେ ପୂଜ୍ୟା
ନବ-ଦିବାରାତ୍ରି।
ନବଛନ୍ଦେ ଅବିର୍ଭୂତା
ଶକ୍ତିମୟୀ - ସ୍ଥିତି,
ଆଦିଶକ୍ତି-ଆଦ୍ୟରୂପା,
ନମଃ ଶୈଳପୁତ୍ରୀ।
ଉମା,ଅପର୍ଣ୍ଣା,ପାର୍ବତୀ,
ମା' ବ୍ରହ୍ମ ଚାରିଣୀ,
ତେଜୋଦୀପ୍ତା,ମନ୍ତ୍ରଲିପ୍ତା
ଯୌବନ-କାମିନୀ।
ଉଗ୍ରରୂପା, ଦଶଭୁଜା
ଆୟୁଧ-ମଣ୍ଡିନୀ,
ସିଂହାରୁଢା, ଚନ୍ଦ୍ରଘଣ୍ଟା,
ଶତ୍ରୁ-ସଂହାରିଣୀ।
ଶ୍ରୀ କୁଷ୍ମାଣ୍ଡା ,ଅଷ୍ଟଭୂଜା,
ସନ୍ତାନ ସମ୍ଭବା,
ଧନୁ,ଚକ୍ର,ଗଦା ହସ୍ତେ
ବ୍ରହ୍ମାଣ୍ଡ-ସ୍ୱରୂପା।

ଚତୁର୍ଭୁଜା,ସିଂହାରୁଢା,
ଅପତ୍ୟ- ବତ୍ସଳା,
ସ୍ନେହଶୀଳା- ସ୍କନ୍ଦ ମାତା-
ରୂପେ ଚାରୁଶୀଳା।
କାତ୍ୟାୟନ-କନ୍ୟା ନାମେ
ଦେବୀ କାତ୍ୟାୟିନୀ,
ସନ୍ତାନ-ସୁରକ୍ଷା ହିତେ
ସଂସାର- ପାଳିନୀ।
ଗର୍ଦ୍ଦଭ-ଆରୁଢ଼ା, ଶ୍ୟାମା,
ବିକଟାଳ-ନେତ୍ରୀ,
ଚତୁର୍ଭୁଜା, ଖଡ୍ଗହସ୍ତା ,
ଉଗ୍ରା - କାଳରାତ୍ରି।
ସୌମ୍ୟକାନ୍ତି, ଶ୍ୱେତବସ୍ତ୍ରା,
ବୃଷଭ ବାହିନୀ,
ମହାଗୌରୀ, -ମହାମାୟା,
ତ୍ରିଶୁଳ-ପାଣିନୀ।
ତ୍ରିପୁରେ ନବଧା ପୂଜ୍ୟା
ନବ ଦିବା ରାତ୍ରି,
ନବରାତ୍ରେ ଉପାସିତା
ଦେବୀ ସିଦ୍ଧି ଦାତ୍ରୀ।

ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି. ଡ.ଏ କଲୋନୀ, ଫେଜ୍ -୧,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ :୬୩୭୨୦୮୪୭୧୫

# କ୍ଷୁବ୍ଧ

ଅଞ୍ଜଳି ଆଚାର୍ଯ୍ୟ



ମନ ଥିଲା ଅଶାନ୍ତ !
ଚିନ୍ତାଗ୍ରସ୍ତ ମନ କୁ ନେଇ
ଭାବପ୍ରବଣତାର ଚାଦରଟି ଢାକି
ବସିଥିଲି ଦମ ମାରି ।
କ୍ଷୁବ୍ଧ ମନର ଉପଚାର କ'ଣ ଯେ ?
ତୁମେ କହୁଥିଲ ମତେ ବୁଝାଇ
ନିଜ ମନକୁ ନିଜେ ମନେଇ ନେବା ।
ହେଲେ ଅବୁଝା ମନର ତତ୍ପରତା ବେଶି
ଅଶାନ୍ତ ମନରେ ଖାଲି ଏପଟ ସେପଟ
ହେବା ହିଁ ସାର ହେଉଥିଲା ।
ନା ପରିବେଶ ବଦଳୁ ଥିଲା ନା ବାତାବରଣ ।
ତେବେ ..... ତେବେ ର ଅର୍ଥ କିଛି ନ ଥିଲା ।
ଦୁହେଁ ଖୁବ୍ ବୁଝା ବୁଝି ହେଲେ ...
ସମୟ କ'ଣ ସ୍ଥିର ରୁହେ ?
ଅସ୍ଥିରତା କ୍ଷୁବ୍ଧତା ସବୁ ଦିନେ ଚାଲିଯିବ ।
ତୁମେ ଓ ମୁଁ ପୁଣି ହସିବେ
ପିଣ୍ଡାରେ ବସି ଖୁବ୍ ଗପ ଜମେଇବେ
ପକ୍ଷୀର ଗୁଣୁ ଗୁଣୁ ଗୁଞ୍ଜନ ବି ଶୁଣିବା
ନଦୀଟି ର କଳ କଳ ନାଦରେ ବିମୋହିତ ହେବା
ଆଉ କ୍ଷୁବ୍ଧତା ଜମା ନ ଥିବ ।
ଥିବ ଗୋଟିଏ ଶାନ୍ତ ବାତାବରଣ ଓ ହସ ହସ ମନ ।
ତମେ କ'ଣ ମୋ କଥା ଏବେ ବୁଝିପାରୁଛ କି ?



ପ୍ରାଚୀ ଏନ୍‌କ୍ଲେଭ୍, ଚନ୍ଦ୍ରଶେଖରପୁର୍,
ଭୁବନେଶ୍ୱର
ମୋ : ୭୮୯୪୨ ୩୫୪୦୦

# କାତ୍ୟାୟିନୀ

ପ୍ରଫେସର ପ୍ରତିମା ଷଡ଼ଙ୍ଗୀ



ନବରାତ୍ରି ଷଷ୍ଠ ଦିନ ପୂଜା ହୁଏ
ମାତା କାତ୍ୟାୟନୀଙ୍କର
କାତ୍ୟାୟନ ଋଷି ତପସ୍ୟା ସନ୍ତୁଷ୍ଟ
ପୁତ୍ରୀରୂପେ ତାହାଙ୍କର ।

ଚତୁର୍ହସ୍ତା ପୀତ ବସନ ଧାରିଣୀ
ଚତୁର୍ବର୍ଗ ପ୍ରଦାୟିନୀ
ଦ୍ୱାପରରେ ଗୋପୀ ସ୍ୱାମୀ ରୂପେ କୃଷ୍ଣ
ସେବିଥିଲେ କାତ୍ୟାୟନୀ ।



ଅଭୟ ଦାୟିନୀ ସୌଭାଗ୍ୟ ସାଧିନି
ମାତା ପୀତପୁଷ୍ପ ପ୍ରିୟା
ସୌଭାଗ୍ୟ ସିନ୍ଦୁର ପାଇଁ ରମଣୀଏ
କରନ୍ତି ହଳଦୀ ଶ୍ରେୟା ।

ଶତ୍ରୁଙ୍କୁ ବିନାଶ କରିଥିଲେ ମାତା
ଅର୍ଥୀଙ୍କୁ ଅର୍ଥ ସମୃଦ୍ଧି
ଆର୍ତ୍ତର ଆରତ ଫେଡନ୍ତି ମାତା ମୋ
ସିଦ୍ଧି ବୃଦ୍ଧି ଋଦ୍ଧି ଶୁଦ୍ଧି ।


ବର ପାଇବାକୁ କୁମାରୀ କନ୍ୟାଏଁ
କାତ୍ୟାୟନୀ ବ୍ରତ କରି
ଉତ୍ତମ ପତି ବା ପତ୍ନୀ ପାଇଥାନ୍ତି
ମନୋବୃତ୍ତାନ୍ତ ଅନୁସରି ।

ବି/୧୦, ପ୍ରତିଭା ଏନ୍‌କ୍ଲେଭ,
ବିଜେବି ନଗର, ଭୁବନେଶ୍ୱର

# ତଅପୋଇ

ହରପ୍ରିୟା ପଣ୍ଡା





ସାଧବ ଘରର ଝିଅ ତଅପୋଇ
ସାତ ଭାଇରେ ସେ ଗୋଟେ ଭଉଣୀ
ଅତି ଅଲିଅଳି ଥିଲା ସଭିଙ୍କର
ଯାହା ମାଗିଲେ ସେ ଦିଅନ୍ତି ଆଣି ।

ସରଗର ଚାନ୍ଦ ପାଇଁ ଅଳି କଲେ
ରୁପାରେ ଗଢ଼ାଇ, ଦିଅନ୍ତି ହାତେ
ସୁନାର କୁଲେଇ ଧରି ଖେଳୁଥିଲା
ଅପୁରୁବ କିଛି ନଥିଲା ସତେ ।

ଦଇବ ସହିଲା ନାହିଁ ତାର ଶିରୀ
ବାପା ମା' ଛେଉଣ୍ଡ ହୋଇଲା ସିଏ
ଭାଇ ଭାଉଜଙ୍କ ସ୍ନେହ ଶରଧାରେ
ତା ହୃଦ ସନ୍ତାପ ଭୁଲାଉ ଥାଏ ।

ସାତ ଭାଇ ତାର ଗଲେ ଦୂର ଦେଶେ
କରିବାପାଇଁ ବଣିଜ ବେପାର
ଛଅ ଭାଉଜ ଯେ କଲେ ଅତ୍ୟାଚାର
ପଠାଇଲେ ତାକୁ ବନସ୍ତେ ଘୋର ।

ଅତି ସୁକୁମାରୀ ସାଧବ ଦୁଲଣୀ
ଜଙ୍ଗଲରେ ଚରାଇଲା ସେ ଛେଳି
ସାନ ଭାଉଜ ଟି ତା ଦୁଃଖରେ ଦୁଃଖୀ
ଖାଇବାକୁ ଦିଏ ହେଲେ ତା ପାଳି ।

ହଜାଇଦେଇ ସେ ଘରମଣି ଛେଳି
କାନ୍ଦୁଥିଲା ରାତି ଅନ୍ଧାର ରେ
ଛେଳି ପାଇବାକୁ ମାନସିକ କରେ
ଖୁଦୁରୁକୁଣୀଙ୍କ ନିକଟରେ ।

ଭାଇମାନେ ଫେରି ଦେଖି ତା ଦୁର୍ଦ୍ଦଶା
ପ୍ରବୋଧନା କେତେ ଦେଲେ ତାକୁ
ଶାସ୍ତି ଦେଇ ଦୁଷ୍ଟ ଛଅ ଭାଉଜଙ୍କୁ
ବାହୁଡ଼ିଲେ ସର୍ବେ ନିଜ ଘରକୁ ।

ସାଧବାଣୀଙ୍କର ବୋଇତ ବନ୍ଦାଣ
ପ୍ରଥା ରହିଅଛି ସେ କାଳରୁ
ଖୁଦୁରୁକୁଣୀ ଙ୍କ ଓଷା ବି ହେଉଛି
ତଅପୋଇ ଖ୍ୟାତ ସେହି ଦିନରୁ ।

କଟକ

# ସମୟ ସାଥିରେ

ଆଶାଲତା ପାଣ୍ଡବ



ଜୀବନର ଯାବତୀୟ ଅନୁଭବକୁ
ଗଣ୍ଠିଲି କରି ଚାଲିଛି ତ ଚାଲିଛି
ଏକମୁହାଁ ହୋଇ
ପଛକୁ ଫେରି ଚାହିଁବାର
ଜୁ' ନ ଯୋଟିଲେ ବି
ଚାଲିବାର ସ୍ପୃହା ରଖିଛି
ଲୁହକୁ ବୁହାଇ ଦେଇଛି
ସ୍ନାୟୁରେ ସ୍ନାୟୁରେ
ବାସ୍ତବତାର ପବନରୁ
ତୋଳିଛି ନିଃଶ୍ୱାସ
ଆକ୍ତାମାକ୍ତା ହୋଇଛି
ସ୍ନେହର ସନ୍ଦିଗ୍ଧ ଜାଲରେ
ସ୍ୱାର୍ଥପ୍ରାପ୍ତି ପରେ
ଉପହାସିତ ହୁଏ ନଦୀ
କେଉଁ ଏକ ଦୂର ଦେଶର
ନଉକାର ଠା'ଠା' ହସରେ
ଫିଂ' କରି ଫିଙ୍ଗିଦିଏ ତା'ର
ଅଲୋଡ଼ା ଅସ୍ମିତା
ସମୟ ସାଥିରେ ହସିବାକୁ ହୁଏ ଏଠି
ଆଖିରେ ଲୁଚାଇ ଉତ୍ତାଳ ସମୁଦ୍ର ।।



ନିଳାଦ୍ରୀ ବିହାର, ଭୁବନେଶ୍ୱର

# ଜୟ ଗୁରୁଦେବ

ଶୋଭାମୟୀ ପଣ୍ଡା



ସେଇ ଚରଣେ ପ୍ରଣାମ ପ୍ରଣିପାତ
ସେଇ ଚରଣେ ନମନ ମଥାନତ
ସେଇ ଚରଣେ ଜୁହାର ନମସ୍କାର
ସେଇ ଚରଣେ ସହସ୍ର ଦଣ୍ଡବତ।

ଯେଉଁ ଚରଣ ସାନ୍ନିଧ ମିଳିବାରୁ
ଖୋଲି ଗଲା ଏ ଜୀବନ ଜ୍ଞାନ ନେତ୍ର
ପାଦ ଚାଲିଲା ବୁଲିଲା ସେଇ ପଥେ
ବୁଦ୍ଧି ବିବେକେ ଉଜ୍ଜ୍ୱଳ ଯେଉଁ ପଥ ।



ସେଇ ଚରଣ ମୋ ଗୁରୁବରଙ୍କର
ଯିଏ ମୋ ପାଇଁ ତ୍ରିଦେବ ଜୀବନର
ଯିଏ ମାଟି ପିଣ୍ଡୁଳାକୁ ମୂର୍ତ୍ତି କରି ଦେଇ
ଦେଲେ ନବଜନ୍ମ କଲେ ପ୍ରାଣବନ୍ତ ।

ସେଇ ଗୁରୁବରଙ୍କର ଆଶୀର୍ବାଦ
ଭରି ଦେଇଛି ପରାଣେ ମହାନନ୍ଦ,
ତାଙ୍କ ଋଣ ତ ଅସୁଝା କରୁଣା ଅପାର
ତାଙ୍କ ଚରଣରେ ମମ କୋଟି ତୀର୍ଥ ।

ଜୟ ଗୁରୁବର ଜୟ ଗୁରୁଦେବ
ଥାଉ ତୁମରି ସେ କୃପା ଅବିରତ ।

ଭୁବନେଶ୍ୱର

# ଦଶହରା

ରାଧାରାଣୀ ପଟ୍ଟନାୟକ





ଶରତ ଆସଇ ଏ ଧରା ଧାମକୁ
ଖୁସିର ଲହର ନେଇ
ଜଗତ ଜନନୀ ଆମ ମାଆଙ୍କର
ଶୁଭୁ ଅଛି ଶାହାନାଇ ।।
ମାସଟି ଆଶ୍ୱିନ ଶୁକ୍ଳ ଦଶମୀରେ
ବିଜୟା ଦଶମୀ ଦିନ
ମାଆଙ୍କର ପୂଜା ସରେ ସେଇ ଦିନ
ମାଆ ଛାଡନ୍ତି ଆସନ ।
ପୂଜାମଣ୍ଡପର ସୁନ୍ଦରତା ଦେଖି
ମନ ହୁଏ ଉଲ୍ଲସିତ
ଆସିବାକୁ ଫେରି ମନଡାକେ ନାହିଁ
ଦେଖି ମାଆଙ୍କର ରୂପ ।
ଏଇ ଦିନଟିରେ ପ୍ରଭୁ ରାମଚନ୍ଦ୍ର
ଯାଇଥିଲେ ଲଙ୍କାପୁର
ମାଆଙ୍କ ଆଶିଷେ ରାବଣକୁ ମାରି
ସୀତାଙ୍କୁ କଲେ ଉଦ୍ଧାର ।
ରାକ୍ଷସ ମହିଷା ଶିବଙ୍କ ବରରେ
ହୋଇଥିଲା ବଳିୟାନ
ମାଆ ଦୂର୍ଗା ଆସି ବଦ୍ଧ କରି ତାକୁ
ରକ୍ଷା କଲେ ଏ ଭୂବନ ।
କଷ୍ଟ ଦୂର କଲେ ମା' ଦୁଃଖ ନାଶିନୀ
ଡାକେ ମୁଁ ଆଗୋ ଭବାନୀ
ତୁମେ ପରା ଅଟ ଶକ୍ତି ସ୍ୱରୂପିଣୀ
ମା'ଗୋ ମହିଷାମର୍ଦ୍ଦିନୀ ।
ପାଦତଳେ ତୁମ ଚରଣେ ଢାଳୁଛି ପ୍ରଣତି
କରି ସର୍ବ-ସମର୍ପଣ
ସଂସାରର ପାପ ନାଶି ଦିଅ ମାଁ ଗୋ
ଆମକୁ ଦିଅ ଶରଣ ।।

ଚନ୍ଦନ ନଗର, ବରଗଡ଼
ମୋ -୮୯୧୭୨୩୭୧୩୭

# ପଲ୍ଲୀକବି ମନୋହର ମେହେର

ପ୍ରତିମା ପାତ୍ର





ଉତ୍କଳ ମାଟିର ସୁଯୋଗ୍ୟ ସନ୍ତାନ
ପଲ୍ଲୀକବି ମନୋହର
ଅଗଣିତ କାବ୍ୟ ମାଁ ପାଦେ ଅର୍ପଣ
କରି ହେଲେ ସେ ଅମର ।

ଅଠର'ଶ ପଞ୍ଚାଅଶୀ ଶ୍ରୀରାମ
ନବମୀ ହେଲେ ଭୂମିଷ୍ଟ
ସେନାପାଲି ଗ୍ରାମେ ଚାଞ୍ଚଲ୍ୟ ଆସିଲା
ଶିଶୁ ଦେଖି ସର୍ବେ ତୃଷ୍ଟ ।

ପିତା ଘେନୁଚରଣ  ମାଳତୀ ଦେବୀ
ପାଇ ମହାନ୍ ସୁପୁତ୍ର
ଆନନ୍ଦେ ଗଦ୍ ଗଦ ଦୁହିଁଙ୍କ ମନ
ରଖିବ ଟେକ ମାଟିର ।

ସରଳ ସଚ୍ଚୋଟ ଜୀବନ ବିତାଇ
ବଢିଲେ ଦିନକୁ ଦିନ
ହିନ୍ଦୀ ଭାଷାଭାଷୀ ଅଞ୍ଚଳରେ ରହି
ଓଡିଆ କଲେ ରଚନା ।

ମାତୃଭାଷା ପ୍ରତି ଅନୁରାଗ ତାଙ୍କ
ଜଗତେ ହେଲା ପ୍ରକାଶିତ
ବିଶେଷ ପଠନ ସୁଯୋଗ ନପାଇ
ପଣ୍ଡିତ ମଧ୍ୟେ ଗଣିତ ।

ସାମାଜ ପ୍ରଥା ,ଲୋକ ସଂସ୍କୃତି, ଭକ୍ତି
ସ୍ରୋତ କରି ପ୍ରବାହିତ
ଲୋକଙ୍କ ହୃଦୟ ଛୁଇଁ ପାରିଥିଲା
ଓଡିଆ ଭାଷାର ଗ୍ରନ୍ଥ ।

କବି ପରଶୁରାମ ଉପାଧି ଦେଲେ
"ସୀମାନ୍ତର ଦୀପ-ଶିଖା"
ଆଜିବି ତାଙ୍କ କାବ୍ୟ ପ୍ରତି ଓଡିଆ
ହୃଦୟେ ଟାଣିଛି ରେଖା ।

ଓଡିଆ ସାହିତ୍ୟ ପ୍ରତି ଅବଦାନ
ତାଙ୍କ ସଦା ସ୍ମରଣୀୟ
ସେ ଯୁଗଦ୍ରଷ୍ଟାଙ୍କ ପଦରେ ଆସ
କରିବା ଆମେ ନମନ ।


ବରଗଡ଼

ଅନୁସ୍ୱର
ମାସିକ ଇ-ପତ୍ରିକା
ସଂଖ୍ୟା: ଅକ୍ଟୋବର ୨୦୨୫

# ଦୂର ସମ୍ପର୍କୀୟ

ଅସୀମା ରାୟ(ଖୁଣ୍ଟିଆ)





ମୁଁ କହିଲି ଏଇ,ଚାଲନା ଟିକେ ଯିବା
ବହୁ ବର୍ଷ ରୁ ଦେଖା ହୋଇନି
କହିଲ ତୁମେ,ଫୋନ କର
କାଳେ ବ୍ୟସ୍ତ ଥିବେ।
ଆସୁଛୁ, ଜଣେଇ ବାହାରିଲୁ
ଖୁସି ହୋଇଗଲୁ ଅନେକ ଦିନର ଚିହ୍ନା ଯେ!
ତାଙ୍କ, ଆମ ଭିତରେ ବୟସର ପାର୍ଥକ୍ୟ,
ଆମେ ଆଜି...ତାଙ୍କ ବୟସରେ
ଯେବେ ଆମର ପରିଚୟ ହୋଇଥିଲା ।
ନିଜର ନ ଥିଲେ,
କିନ୍ତୁ ନିଜର କରିନେଇଥିଲେ।

ନିରିଖେଇ ଦେଖିଲି
ଭଲ କି ବଧାର୍କ୍ୟ ଆଡକୁ ଗତି କରିଥିଲେ
କିନ୍ତୁ ମନୋବଳ ଆଉ ଖୁସି ମିଞ୍ଜାସର
ମଣିଷ, ଆଗ ଭଳି ଥିଲେ।
କିଛି ପୁରୁଣା ସ୍ମୃତିମନ୍ଥନ
କିଛି ପିଲାମାନଙ୍କର ଖବର
କିଛି ଦେହ ପା'ର ଖବର
କିଛି ଭଲପାଇବା
ଆଉକିଛି ଆଶିର୍ବାଦ ନେଇ
ଫେରିବାକୁ ବହାରିଛୁ
ହଠାତ୍ କହିଲେ ...
ଆସିବ ସମୟ କରି
ଆଚ୍ଛା ! ଟିକେ ଠିକ୍ କରିଦେଲ
ଆମ ସିସିଟିଭିକୁ
କେତେ ଦିନ ହେଲାଣି
ହଇରାଣ ହେଉଚୁ ବୁଢ଼ାବୁଢ଼ୀ ଦୁଇଟା
ଫୋନ କରି ମେକାନିକକୁ
ଧରେଇ ଦେଲେ ।
ସେ ପଟୁ ପିଲାଟି କହିଲା
କେତେ ଥର କହିବି ଯେ ମା' ତୁମକୁ
ମନେ ରଖି ପାରୁନ ?
ଇଏ ଆମର କହିଲେ ମୋତେ କୁହ
ସେ ପଟୁ ପିଲାଟି କହିଲା, କୁହ କିଏ ତୁମେ ??
ଫୋନଟି ସ୍ପିକର ଥିଲା
ଭଦ୍ରବ୍ୟକ୍ତି ଜଣକ କହିଲେ, ଜାଣିନୁ
ଆରେ ସିଏ ପରା ମୋର ସାନ ଭାଇ !!

ଗୁଆମାଳ, ଭଦ୍ରକ

# ଫେରାଇବା ଓ ଫେରିପାଇବାର ହିସାବ

ନୀନା ବଳିୟାରସିଂ



କଣ ଫେରାଇବ ବୋଲି ଖୋଜୁଥିଲ ମତେ?
ଅଣଦେଖା,ଅକୁହା ମନର କୋହ?
ହୃଦୟରୁ କେବେ  ଝରିଯାଇଥିବା ଦୁଇ ବୁନ୍ଦା ଲୁହ?
ଆଖିରେ ଆଖିରେ ହଜିଯାଇଥିବା
କିଛି ନୀରିହ ସ୍ୱପ୍ନର ନିଶା?
ନା ସମୟ ସୁଅରେ ନିରବି ଯାଇଥିବା ସମ୍ପର୍କକୁ
ଫେରିପାଇବାର ଆଶା?



ଫେରେଇଦେବାର ସଠିକ ସମୟ କେବେ?
କେବେ ହାତ ଧରି, କେବେ ହାତ ଛାଡ଼ି
ପଡ଼ିଉଠି ଧାଉଁଥିଲାବେଳେ
ଜୀବନର ରାସ୍ତାରେ?
ନା ଏବେ,ଆଖିରେ ଚଷମା ନଥିଲେ
କେବେ ଦୂର ତ କେବେ ପାଖର ମଣିଷ
ଧୂଆଁଳିଆ ଦେଖାଗଲାବେଳେ?
ନା ଆଉ କିଛି ଦିନ,ମାସ,ବର୍ଷ ପରେ
ଏଇ ପୃଥିବୀକୁ ଛାଡ଼ିଗଲାବେଳେ,
କାହା ଆଖିରେ ବିଦାୟର ଲୁହ
ଆଉ କିଏ ଚିତାରେ ଜଳୁଥିବାବେଳେ?

ସତରେ କଣ ମୁଁ ଫେରିପାଇବି?
ଅତୀତର ସତେଜ ସ୍ମୃତି?
କିଛି ତ ପାଇଚି,
କିଛି ହଜେଇ ଭାଙ୍ଗିଯାଇଥିବା ମନର
ଆତୁର ଅନୁଭୂତି?

ଏତେ ସବୁ ପ୍ରଶ୍ନ ନେଇ ମତେ ଖୋଜନା ଆଉ
ତମ ସ୍ମୃତି ତମପାଖେ,
ମୋ ସ୍ମୃତି ମୋ ପାଖରେ ଥାଉ ।

ମହାନଦୀବିହାର, କଟକ

# କରୁଣାମୟୀ

ଅନୀତା ମିଶ୍ର





ହେ ଦିବ୍ୟ ଜନନୀ ଆନନ୍ଦ ଦାୟିନୀ
ମମତାର ମହାସିନ୍ଧୁ।
ଅଜ୍ଞାନ ରୂପକ ଅନ୍ଧାର ନାଶିନୀ
ଜ୍ୟୋତିର୍ମୟୀ ଦୀପ୍ତ ବିନ୍ଦୁ।

ସୃଷ୍ଟି ଅଧିଷ୍ଠାତ୍ରୀ ସେ ଚିନ୍ମୟୀ ଶକ୍ତି
ସର୍ବଭୂତ ଅନ୍ତରାତ୍ମା।
ଭିନ୍ନ ଭିନ୍ନ ନାମେ ରୂପ ମାଧ୍ୟମରେ
ଜଗତ କଲ୍ୟାଣେ ବ୍ରତା।

ତୁହି ଦୁର୍ଗା କାଳୀ ଲକ୍ଷ୍ମୀ ସରସ୍ୱତୀ
ମାଆ ତୁ ମନ୍ଦାର ରାଣୀ।
ବିମଳା ହିଙ୍ଗୁଳା ବିରଜା କମଳା
ସର୍ବ ମଙ୍ଗଳା କଲ୍ୟାଣୀ।

ସେହି ବିଶ୍ୱାତୀତା ଆଦ୍ୟା ଶକ୍ତି ମାତା
ସ୍ୱୟଂସ୍ଥିତା ମାତୃଶକ୍ତି।
ଶାଶ୍ୱତ ଶକ୍ତିର ସକଳ ଭୂତରେ
ଅଭିନବ ଅଭିବ୍ୟକ୍ତି।

ପରମା ଜନନୀ ସଂକଟ ତାରିଣୀ
ଅହର୍ନିଶି ବିରାଜିତା।
ଆପଦେ ବିପଦେ ଆଶୀଷ କବଚ
ସର୍ବ ହୃଦେ ଅଧିଷ୍ଠିତା।

ଭୂମିରୁ ଭୂମାକୁ ପ୍ରସାରିତ ସଦା
ତବ ମଧୁ ଦିବ୍ୟ ହସ।
ଆନନ୍ଦର ଦୀପ୍ତ ସ୍ରୋତ ହୋଇ ବହୁ
ନିର୍ବାପିତ କରୁ ତ୍ରାସ।

ହେ କଲ୍ୟାଣମୟୀ ଅମୃତମୟୀ ମା
ଆସ ମୋ ହୃଦ ମନ୍ଦିରେ।
ଭକ୍ତି ଅର୍ଘ୍ୟ ବାଢ଼ି ପୂଜିବି ତୋତେ ମା
ସ୍ମରୁଥିବି ନିରନ୍ତରେ।

ଦୁର୍ଗତି ନାଶିନୀ ଶାନ୍ତି ପ୍ରଦାୟିନୀ
ଦୟାମୟୀ ମାଆ ମୋର।
ହରି ନିଅ ଯେତେ ଦୁଃଖ ଓ ଯନ୍ତ୍ରଣା
ବାଣ୍ଟି ସୁଖର ସମ୍ଭାର।

ଶାଶ୍ୱତ ଶାନ୍ତିରେ ସଂଯୋଜିତ କରି
କାମନା ବାସନା ହର।
ତିମିର ଭ୍ରାନ୍ତିର ସକଳ ବନ୍ଧନ
କୃପାବଳେ ଛିନ୍ନ କର।

ତୋ ଦିଆ ଜୀବନ ସମର୍ପିଛି ତୋତେ
କର ହେ ମାଆ ସ୍ୱୀକାର।
ଦିବ୍ୟ ଭାବନାରେ ଦିବ୍ୟ ଚେତନାରେ
ଭରୁ ସଦା ମୋ ଅନ୍ତର।

ଯାହା ମୋର ପ୍ରାପ୍ୟ ସବୁ ତ ଦେଇଛୁ
ସବୁ କରିଛୁ ଭରଣା ,
ହେ କରୁଣାମୟୀ ମୋ ପାଇଁକି ତୋର
କରୁଣା ନହେଉ ଊଣା।

ଭୁବନେଶ୍ୱର

# ନୀଳାଚଳ ମୋତେ ନେ ରେ କାଳିଆ

ଶ୍ରୀମତୀ ରୀତା ମିଶ୍ର





ନୀଳାଚଳ ମୋତେ ନେଏରେ କାଳିଆ
ଭରସା କରିଛି ତୋତେ
ତୋ କଳା ବଦନ ଦେଖୁଥିବି ପ୍ରଭୁ
ନିରାଶ ନଁକର ମୋତେ
ନୀଳାଚଳ ମୋତେ ନେଏରେ କାଳିଆ ।

ଦରଶନ ପରେ ଆନନ୍ଦ ବଜାରେ
ବୁଲୁଥିବି ମନଭରି
ତୋ ମହାପ୍ରସାଦ ଖାଉଥିବି ପ୍ରଭୁ
ମୁଣ୍ଡେ ଦେବି ହାତମାରି ।
ଏମିତି ପ୍ରସାଦ ନାହିଁତ କୋଉଠି
ବୁଲିଛି ରାଇଜ କେତେ
ନୀଳାଚଳ ମୋତେ ନେଏରେ କାଳିଆ ।

ଛପନ ପଉଟି ଭୋଗ ଖାଉ ତୁହି
ଭକତ ଥାଆନ୍ତି ଚାହିଁ
ବିମଳା ମାତାଙ୍କୁ ଲାଗି ହେଲାପରେ
ମହାପ୍ରସାଦ ବୋଲାଇ
ଘିଅଅନ୍ନ ଆଉ ମିଠାଅନ୍ନ ତୋର
ଶାକର ମହୁର ସାଥେ
ନୀଳାଚଳ ମୋତେ ନେଏରେ କାଳିଆ ।

ତୋର ଅନ୍ନଭୋଗ ଶୁଖିଗଲେ ପ୍ରଭୁ
ନିର୍ମାଲ୍ୟ କଣିକା ହୁଏ
ମରଣ ଶଯ୍ୟାରେ ପାଇବି ବୋଲି ମୁଁ
ମନେ ଆଶା ବାନ୍ଧିଥାଏ ।
ଆଶାମୋ ପୂରଣ କରିଦେବୁ ପ୍ରଭୁ
ଗୁହାରୀ କରୁଛି ତୋତେ ।
ନୀଳାଚଳ ମୋତେ ନେଏରେ କାଳିଆ ।

ତୋର ରୂପକାନ୍ତି ହୃଦରେ ସାଇତି
ଜପୁଥିବି ନାମ ତୋର
ଚତୁର୍ଦ୍ଧା ମୂରତି ଦେଖି ମହାପ୍ରଭୁ
ଜୀବଯାଉ ଦେହୁ ମୋର
ପରମାତ୍ମା ସଙ୍ଗେ ମିଶିଯାଉ ଆତ୍ମା
ଧୋଇଯାଉ ପାପ ଯେତେ ।
ନୀଳାଚଳ ମୋତେ ନେଏରେ କାଳିଆ
ଭରସା କରିଛି ତୋତେ ।

ଶାସ୍ତ୍ରୀନଗର, ଭୁବନେଶ୍ୱର
ମୋ - ୮୨୮୦୧୭୦୧୭୯

# ସ୍ମୃତି ଫରୁଆ

ଶୁଭଶ୍ରୀ ସିଂ



ସମୟ ଗାଡ଼ିରେ ବନ୍ଧା ଏ ଜୀବନ
ସ୍ମୃତି ଫରୁଆରେ ସାଇତା ମନ
ଭୁଲି ହୁଏନି ସେହି ଅମୂଲ୍ୟ ଦାନ
ବାଲ୍ୟରୁ ଯୌବନ ପୌଢ଼ରୁ ବାର୍ଦ୍ଧକ୍ୟ
ଆଖି ଆଇନାରେ ହୁଏ ଦୃଶ୍ୟପଟ
ଭୁଲି ହୁଏ ନାହିଁ ସେ କଥା ସଂଚିତ
ଅଭିମାନେ ଦିନେ ଚାଲୁଥିଲି ବାଟ
ମନେଥିଲା ମୋର କେତେ ଉଚ୍ଚାଟ
ପରିବାର, ସମାଜ ହେଲା କର୍ତ୍ତବ୍ୟ
ଜୀବନେ ନିଦାଘ ଓ ମୌସୁମୀ ଭେଟ
କ୍ଷମତା ଓ ଉପାର୍ଜନ ଛାଇ ଆଲୁଅ
ହସ୍ତେ ଭରିଥିଲି ସଞ୍ଚିତ ଗୌରବ
ଯୌବନେ ଚଢ଼ିଲି ଅହଂକାର ଶିଢ଼ି
ଅନିତୀ ଅନ୍ୟାୟକୁ କରି ଆଶାବାଡି
ସାୟଂକାଳେ ନିଛାଟିଆ ଲାଗେ ଭାରି
ପ୍ରଭୁପାଦେ କରେ ସଦା ଗୁହାରି
ରଖ ତୁମ ଶ୍ରୀଚରଣେ ରେଣୁ କରି
ମନ ଖୋଜେ ଆଶ୍ରୟ ସ୍ଥାନ ଗୋଟେ
ନଥିବ ଭୟ ଅହଂ ଅପବାଦ ଯେତେ
ଶତ ପ୍ରଣିପାତ କରେ ପ୍ରଭୁ ପାଦେ ।



ଭୁବନେଶ୍ୱର
ମୋ - ୯୧୨୪୫୬୫୨୫୦

# ଜୀବନ ଅମୃତ ବିନ୍ଦୁ

ଅନସୂୟା ବାରିକ



ବରଷା ନୁହଁସେ ଅମୃତ ଜୀବନବିନ୍ଦୁ
ବରଷା ଧାରାର ଆଞ୍ଜୁଳେ ଜଳକୁ
ସରିନୁହେଁ ସାତସିନ୍ଧୁ ।
ସ୍ୱର୍ଶ ଶୀତଳତା ରୂପତା ଗଜମୁକୁତା
ଆଗମନେ ତାର ଦୁନିଆଁ ବୁକୁରୁ
ଦୂରେ ଯାଏ ନୀରବତା ।
ନାମ ଅନୁପମ ଭ୍ରମ ଆକାଶକୁସୁମ
ଅଭିମାନ ତାର ବଜ୍ର ପ୍ରହାର
ହସ  ଯେ ଚପଳାନାମ ।
ଅବର୍ତ୍ତମାନତା ବେଦନାଭରା କାହାଣୀ
ଗହଳ ରେ ଦିଏ ପ୍ରଳୟ ସୂଚନା
ଭୂଗୋଳ ଯାଏକି ଭ୍ରମି ।
ଧନ୍ୟ ଧନ୍ୟ ସେ ସ୍ରଷ୍ଟାଏ ବାରିଦର
ରାତ୍ରି ଝୁମିଯାଏ ଭିଜାସ୍ୱପ୍ନରେ
ଦିବା ଓଦା ସରସର ।
କିଏବା ଜାଣେ ତା ଅନ୍ତରତଳ କଥା
ସ୍ରଷ୍ଟାଙ୍କଅଦେଶେ ଝରଇ ପୃଥ୍ୱୀରେ
ପାଶୋରି ଆପଣା ବ୍ୟଥା
ସେ ଯେ ସବୁରି ଜୀବନ ଦାତା ।



ବି.ଡି.ଏ. କଲୋନୀ, ଚନ୍ଦ୍ରଶେଖରପୁର,
ଭୁବନେଶ୍ୱର
ମୋ- ୮୦୯୩୧୫୬୧୧୮

# ମାଆ ତୁମେ ଆସିବ ବୋଲି

ହେମଲତା ଜେନା



ମା ତୁମେ ଆସିବ ବୋଲି
କେବେଠାରୁ କାଶତଣ୍ଡି
ଆନନ୍ଦେ ବିଭୋର ସେ ତ
ହସୁଛି ଝୁଲି ।

ମା ତୁମ ଆଗମେ ପରା
ଅପେକ୍ଷାରେ
ଶରତର ଆଶ୍ୱିନ ଶୁକ୍ଳ
ଚାତକସମ ଚାହିଁଛି
ସ୍ୱାଗତେ ତୁମ
ଖୋଲି ତା'ର ଭକ୍ତି ପଶରା ।



ମା' ତୁମ କରୁଣାବାରି
ଅଟେ ପରା ଆଶିଷ ପୁଣ୍ୟର
ଢାଳିଦିଅ କୃପାମୟୀ
ଘୁଞ୍ଚିଯାଉ ସର୍ବ ଦୁଃଖ କ୍ଲେଷ
ପାଦେ ତୋର ଏତିକି ଗୁହାରି ।

ମା' ଆଉଥରେ ନିଅ
ସେ ରୂପ ତୁମର
ଯେଉଁରୁପେ ନାଶିଲ ମହିଷା
ହଟାଇଦିଅ ଧରାରୁ
ନିଷ୍ଠୁରତା ବର୍ବରତା ସାଥେ
ଆତଙ୍କବାଦର କ୍ରୁର ପ୍ରହାରକୁ
ବିଶ୍ୱବିଜୟିନୀ ମାତା
କର ବର୍ଷା ତୁମ କରୁଣାର ।

କମାଗଡ଼, ଅଣ୍ଡିଆ,ଯାଜପୁର

# ସ୍ୱପ୍ନର ରଙ୍ଗ

ଅପରାଜିତା ତ୍ରିପାଠୀ





ମୁଁ ସାନଥିଲି !
ସ୍ୱପ୍ନଟେ ଦେଖିଲି ଯା'ର ରଙ୍ଗ ଥିଲା ନୀଳ
ମୁଁ ପକ୍ଷୀରାଜ ଘୋଡ଼ାରେ ଉଡୁଛି
ଆଉ ମୋର ଘରଟିଏ ଅଛି
ଯା'ର କାନ୍ଥସବୁ ଚକଲେଟ୍ ଆଉ ଟଫିରେ ତିଆରି
ମୋର ଅଛି ଅସୁମାରୀ ଫ୍ରକ୍ ଆଉ ଯୋତା
ଆଉ ଅଛି ଟେଡି ବିୟର, ବନି ଆଉ ଡଗି ।

ମୁଁ ଟିକେ ବଡ଼ ହେଲି !
ପୁଣି ଥରେ ସ୍ୱପ୍ନଟେ ଦେଖିଲି
ଏଥରକ ରଙ୍ଗ ତା'ର ସବୁଜ ଥିଲା
ଆଉ ମୋର ଘରଟିଏ ଅଛି
ଯା'ର କାନ୍ଥସବୁ ହାଇଡ୍ରୋଜେନ, କାର୍ବନ
ଆଉ ଅକ୍ସିଜେନ ରେ ଗଢ଼ା
ପରଦା ସବୁ ତିଆରି ବେଙ୍ଗର
ଶିରା,ଧମନୀ ଓ ହରିତ୍‌କଣାରେ ।
ଝର୍କା କବାଟରେ ଲେଖାଥିଲା ନିଉଟନ୍‌ଙ୍କ ନିୟମ
ଆଉ ଏ ପ୍ଲସ୍ ବି ର ହୋଲସ୍କୋୟାର ।

ମୁଁ ଆଉ ଟିକେ ବଡ଼ ହେଲି !
ତୁମେ ମୋ ଜୀବନକୁ ଆସିଥିଲ
ମୁଁ ପୁଣି ଥରେ ସ୍ୱପ୍ନଟେ ଦେଖିଲି...
ସେ ସ୍ୱପ୍ନର ରଙ୍ଗଥିଲା ଇନ୍ଦ୍ରଧନୁ ରଙ୍ଗ
ଜୁଇ,ଜାଇ,ହେନା,ମଲ୍ଲୀ ଆଉ
ସହସ୍ର ଜହ୍ନ ବିସ୍ଥାପିତ କରିଥିଲେ
ମୋ ଘରର କାନ୍ଥରୁ ଜଟିଳ ଗଣିତସୂତ୍ର
ଆଉ ସେ ଘରେ ମୁଁ ଏକା ନଥିଲି ।

ମୁଁ ପୁଣି ବୟସ୍କ ହେଲି
ତମେ ମତେ ଛାଡ଼ି ଚାଲିଯାଇଥିଲ
ମୁଁ ପୁଣି ଥରେ ସ୍ୱପ୍ନଟେ ଦେଖିଲି...
ସେ ସ୍ୱପ୍ନର ରଙ୍ଗଥିଲା ଧୂସର ଧୂସର
ମୋର ଘର ଫର କିଛି ନାହିଁ
ପାଦ ତଳେ ଧୂ ଧୂ ମରୁବାଲି
ମୁଣ୍ଡ ଉପରେ ଶୁଖିଲା ଆକାଶଟା
ଖସି ପଡୁଛି ଖଣ୍ଡଖଣ୍ଡ ହୋଇ ।

ସେଇ ମୋର ଶେଷ ସ୍ୱପ୍ନ ଥିଲା
ତା'ପରେ ସ୍ୱପ୍ନ ମୁଁ ଦେଖିନି
ମୋ ପାଖରେ ଅଛି ଖାଲି
ଯୋଡ଼ିଏ ରଙ୍ଗହୀନ ଆଖି
ଆଉ ଶେଷହୀନ ବିନିଦ୍ର ରଜନୀ...
ଆଉ କିଛି ଅନୁଭବ
ଯାହା କହେ, ସ୍ୱପ୍ନ କେବେ
ରଙ୍ଗ ହିଁ ମାଖେନି ।।

ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ମୋ- ୭୦୦୮୭୪୨୯୭୨

# ବତୁରା ସ୍ୱପ୍ନ

ହେମଲତା ଜେନା



ପେଜୁଆ ଆଖିରେ
ଅସଜଡ଼ା ମୁହଁକୁ ନିରେଖିଲି
ଓଦା ରୁମାଲରେ ପୋଛିଦେଲି,
ଏବେ ଯେତେ ସବୁ ପୁରୁଣା ଡାଏରୀ
ମୋ ହାତମୁଠାରେ,
ସ୍ମୃତି ପଟରେ ଭାସିଗଲା
କିଛି ଅତୀତର ଛବି।
ମଞ୍ଚରୁ ପରଦା ଉଠିଗଲା
ତମଠୁ ଫେରିଆସିଲା ପରେ,
ଯୌବନର ସମ୍ଭାବନା
ତନୁ ପାଟେଲୀର ଫୁଲପକା ଜାମା,
କନକନ ହରିଣୀର ଆଖି
ଧାଇଁ ଚାଲିଗଲେ
ଗାଁ ଦାଣ୍ଡରେ ଧୂଳି ଉଡେ଼।

ବଢ଼ିଲା ଝିଅକୁ
ଦାଣ୍ଡ ଦରଶନ ମନା,
ବାଉବୁଜି ରଖିଥିଲା
ବାପାଙ୍କ ଗମ୍ଭୀର ମୁଦ୍ରା,
ପଦୁଅଁ ପୋଖରୀ ପହଁରା,
ପୁଚିଖେଳ, ଡାଳିମାଙ୍କୁଡ଼ି
ଚଉଁରା ମୂଳର ଜହ୍ନିଓଷା,
କେତେ ଉଚ୍ଛୁଳା ତରଙ୍ଗ
ଝରିଗଲା ଫଗୁଣର ଶେଷରଙ୍ଗ।

ପୁନେଇଁ ଜହ୍ନ ପରି
ତୁମେ ଆସିଥିଲ ସିକ୍ତ ଯୌବନରେ,
ମୋ ମନର ସ୍ଥିର ଅଗଣାକୁ,
ସମୟର ଭିଡ଼ ଭିତରେ
ପାଇଥିଲି କାହା
ନରମ ପାପୁଲିର ଉଷ୍ମମସ୍ପର୍ଶ,
ସତେ ଅବା ତୁମେ ଥିଲ
ପ୍ରେମର ପୂର୍ଣ୍ଣକଳସ।

ଭରିଥିଲା ହୃଦୟେ ମୋ
ମିଠାମିଠା, ଭିଜାଭିଜା
ଯନ୍ତ୍ରଣାର ପ୍ରୀତିର ପ୍ରଲେପ,
ସମୟଟା କାହା ପାଇଁ,
କେତେବେଳେ ନିଷ୍ଠୁର ତ
ଆଉ କେତେବେଳେ ପ୍ରଶ୍ନବାଚୀ
ବିଧାତାର ଭ୍ରୂକୁଞ୍ଚନରେ
କିଏ ହୁଏ ସର୍ବଶାନ୍ତ
କେଉଁ ଫୁଲ ହୁଏ ବୃନ୍ତଚ୍ୟୁତ।

ସମୁଦ୍ର ଏବେ ସ୍ଥିର ଏଠି
ନାହିଁ ଏଠି ଜୁଆର କି ଭଟ୍ଟା,
ଶୁଭେନାହିଁ କୁହୁତାନ,
ଲାଗେ ଖାଲି ଖାଁ, ଖାଁ,
ନାହିଁ କିଛି ହରେଇବାର ଶଙ୍କା
ନା ହାରିବାର ବ୍ୟାକୁଳତା।

ତୁମସହ ଭେଟ ହେଲା
ବହୁଦିନ ପରେ,
ପଚାରିଲ ଭଲରେ ଅଛ !!!
ଉତ୍ତର ଥିଲା- ବଞ୍ଚିଛି ତ!!!!

ଜଟଣୀ, ଖୋର୍ଦ୍ଧା

# ମୁକୁତାବରଣୀ

ସ୍ୱର୍ଣ୍ଣଲତା ମହାପାତ୍ର



ମୁକୁତାବରଣୀ ବରଷା ଆସିଛି
ସ୍ୱଚ୍ଛଳ ଆଖିରେ କଜଳ ନାଇଛି।
ତୃଷିତ ଧରାର ବୁକୁଚିରି ସବୁଜିମା ଦିଏ ଭରି
ବେସୁରା ଜୀବନ ହୁଏ ମଧୁମୟ
ମହ୍ଲାର ସୁର ତୋଳି।
ପ୍ରୀତି ଛଳଛଳ ସୃଙ୍ଗାର ରସରେ
ଶୀତଳତା ଭରେ ଦଗ୍ଧ ପ୍ରାଣରେ
ଭିଜାମାଟିର ମହକରେ ଚେଇଁଉଠେ ସ୍ମୃତି
ବ୍ୟାକୁଳ ଅନ୍ତରେ ତୃପ୍ତି,
କ୍ଲାନ୍ତ ମନରେ ମାଦକତା ଭରେ
ବ୍ୟଥିତ ଚିତ୍ତରେ ଶାନ୍ତି।



ଟୋପାଟୋପା ତା'ର ପାଣିଫୋଟକା
ଭିଜେଇ ଦିଅଇ ମନ ଇଲାକା।
ତା'ର ରିମିଝିମି ସୁରେ,
ଚୁପିଚୁପି ଆସି ଛପିଛପି କିଏ
ମିଳନ ବାସନା ଭରେ,
ପ୍ରଣୟ ପସରା ବାଢେ,
ବୁଣଇ ପରାଗ ପ୍ରୀତି ଅନୁରାଗ
ପ୍ରିୟା ପଣତର ପରଶ ଲୋଡେ।
ବିରହିଣୀ ମନମୀନ ହୁଅଇ ଅଧୀର
ପହଁରେ ପ୍ରେମ ନଈରେ,
ଅଙ୍କାବଙ୍କା ତା'ର ଧମନୀ ଭିତରେ
ଶତ ଶିହରଣ ଖେଳେ ।

ନିଳାଦ୍ରୀ ବିହାର, ଭୁବନେଶ୍ୱର

# ଅନୁଭୂତିରେ ମା ତାରାଣୀ

ପ୍ରତିତୀ ମହାନ୍ତି



ଲାଲ୍ ଟୁକୁ ଟୁକୁ, ଲାଲ୍ ସିନ୍ଦୂରରେ ସଜ୍ଜିତ
ମମତା ଭରା ଆଖି ଦୁଇଟି ଦେଖିଲା ମାତ୍ରେ,
ଭାବବିହୋଳ ହେଲି
ଆଖିରୁ ଝରି ପଡୁଥିଲା ଆନନ୍ଦର ଅଶ୍ରୁ
ମଥାରେ ରୂପା ମୁକୁଟ, ଗଳାରେ ସ୍ୱର୍ଣ୍ଣାଳଙ୍କାର
ଶବ୍ଦହୀନ ସେ ରୂପସଜ୍ଜା, ଶବ୍ଦହୀନ ସେ ଭାବନା
ଆଖିରୁ ଝରି ଗାଲକୁ ଛୁଇଁଲା,
ଅଧରରେ ଏକ ସ୍ମିତହସ
ଅନୁଭବ ହେଉଥିଲା
ସତେ ଯେମିତି
ସବୁ ମିଳି ଯାଇଥିଲା ଜୀବନରେ
ବର୍ଷର ଶେଷ ଦିନ, ମା'ର ଦର୍ଶନ ଅଭିଳାଷି
ଦଉଡ଼ି ଯାଇଥିଲି ସୁଦୂରରୁ
ଲମ୍ବା ପଥ, ଭକ୍ତଙ୍କ ଭିଡ
ଲାଲ୍ ସିନ୍ଦୂର, ଲାଲ୍ ମନ୍ଦାର
ଲାଲ୍ ଚୁଡ଼ି, ଲାଲ୍ ଶାଢ଼ୀ
ଅଦ୍ଭୁତ, ମନମୋହକ ମା'ର ଦର୍ଶନ
ଏକ କ୍ଷଣରେ ହିଁ ଭୁଲିଗଲି,ସାରା ଦୁନିଆ
ମନରେ ମା'ର ପ୍ରତିଛବିକୁ ଧରି
ଫେରିଲା ପଥରେ ପ୍ରତିଟି ଲାଲ୍ ରଙ୍ଗରେ
ଦୃଶ୍ୟ ହେଉଥିଲା ମା'ର ପ୍ରତିଛବି
ମା' ତୁ ଅସୀମା, ମା' ତୁ ସର୍ବବ୍ୟାପୀ
ମା' ତୁ ମମତାର ସାଗର ।



ଭୁବନେଶ୍ୱର

# ଶୁଭ ଦୁର୍ଗାଷ୍ଟମୀ

ପୁଷ୍ପାଞ୍ଜଳି ପଣ୍ଡା



ଆଜିର  ଏହି ଦିବ୍ୟ ଦିନରେ,
ମା ଦୁର୍ଗାଙ୍କ ଅଷ୍ଟଭୁଜା ରୂପରେ
ଶକ୍ତି, ଭକ୍ତି ଓ ଶାନ୍ତିର ଅଭିଷେକ
ପ୍ରତ୍ୟେକ ଘରେ ପ୍ରବାହିତ ହେଉ।

ଜୀବନରେ ଥିବା ସମସ୍ତ ବିପଦ,
ଦୁଃଖ, ଯନ୍ତ୍ରଣା,ବେଦନା
ଅସୁରଶକ୍ତି ଓ ଅନ୍ଧକାର
ମାଙ୍କର କୃପାଶକ୍ତିର ପ୍ରଭାବରେ
ନାଶ ହେଉ।



ମାଙ୍କର କୃପାଦୃଷ୍ଟିରେ ପରିବାରରେ
ସୁଖ , ଶାନ୍ତି,ସମୃଦ୍ଧି, ସୁସ୍ଥତା, ସାନ୍ତ୍ୱନା
ଓ ସଫଳତାର ଆଗମନ ହେଉ।

ଏହି ପବିତ୍ର ଅବସରରେ
ଭକ୍ତି, ଶ୍ରଦ୍ଧା ଓ ଏକତାରେ
ମାଙ୍କୁ ପ୍ରାର୍ଥନା କରୁଛି ସଭିଙ୍କ
ଜୀବନରେ ନୂତନ ଆଲୋକର
ସ୍ୱାଗତ ହେଉ।

କେନ୍ଦ୍ରାପଡ଼ା
ମୋ- ୯୮୭୧୫୬୫୬୩

# ଆକୁଳିତ ମନ

ମନୋରମା ପଣ୍ଡା





ଶରତ ଅଜାଡି ଦେଇଛି ଅଫୁରନ୍ତ ଖୁସି
ବିମୁଗ୍ଧା ଧରଣୀ  ଧବଳ ଶୋଭା ପରକାଶି
ନୀଳାକାଶେ ଭାସମାନ ଧବଳ ବାରିଦ
ଲୁଚି ଲୁଚକାଳି ଖେଳେ ଜହ୍ନ ହସି ହସି
ପ୍ରଣୟ ପାଗଳିନୀ ଚାତକିନି କହିଁ
ଧନ୍ୟ ହେବ ତା ଜୀବନ
ଚନ୍ଦ୍ରମା  ପ୍ରେୟସୀ ।

ନୃତ୍ୟରତା କାଶତଣ୍ଡୀ ପବନର ତାଳେ
ଗାଉଥାଏ ସ୍ୱାଗତିକା ଗୀତି
ନାଶିବ ମାଗୋ ତୁମେ ସକଳ ଦୁର୍ଗତି
ଗଙ୍ଗଶିଉଳିର ବାସ ଜଗତ ମହକେ
ଅନାଇଛି ତୁମକୁ ମା' ସାର୍ଥକ କରିବ
ତାର ଜୀବନ ସୁଗନ୍ଧ ପରସି ।

ସବୁ ତ ଚାଲିଛି ମାଗୋ ତବ ଇଚ୍ଛାମତେ
ତଥାପି ମନେ ଆସେ ଅହେତୁକ ଭିତ୍ତି
ନବରୂପେ  ଆବିର୍ଭୂତା ମା' ଗୋ କଲ୍ୟାଣୀ
ମରତେ ଓହ୍ଲାଇ ଆସ ମାତୃ ସ୍ୱରୂପିଣୀ ।

ଭୟ ଭ୍ରାନ୍ତି ,ଶାନ୍ତି ମୈତ୍ରୀ ପ୍ରୀତି ଓ ଜାଗୃତି
ସ୍ଥାପନା କରିବ ମାଗୋ ତୁମେ ଜଗଦ୍ଧାତ୍ରୀ
ଅମା ଅନ୍ଧକାର ନାଶି,ପାପୀ କୁ ବିଧ୍ୱଂସୀ
ଉଦ୍ଧାରିବ ମାତୃଜାତି ମାଗୋ କାଳରାତ୍ରୀ ।

ମାତୃ କୂଳ ଆତଙ୍କିତ ଆକୁଳ, ବିକଳ
ଦିଶା ହୀନ ମଣିଷର ହୀନ ବ୍ୟଭି ଚାର
ବ୍ୟଥିତ ନାରୀ ଆଜି ନିଷ୍ପେସିତ ପ୍ରାଣ
ଧର୍ଷିତା, ଉପେକ୍ଷିତା ହୁଏ ବାର ବାର ।

ତୃତୀୟ ନୟନ ଖୋଲ ମାଗୋ ତ୍ରିଲୋଚନୀ
ଚେତନାରେ ଭରିଦିଅ ମାନବତା ମନ୍ତ୍ର
ଭାତୃତ୍ୱ ର ପବିତ୍ରତା ଭରୁ ଏ ଜଗତେ
ଆତଙ୍କିତ ମାତୃ  ଜାତି ହେଉ ସୁରକ୍ଷିତ ।

ଏତିକି ମାଗୁଣି  ମାତ କରୁଛୁ ତୋ ପଦେ
ସାହା  ହୋଇଥିବ ମା' ବିପଦେ ଆପଦେ ।

ଭୁବନେଶ୍ୱର
ମୋ: ୮୬୫୮୯୭୧୮୧୭

# ମନ୍ତ୍ରାସିକ୍ତ ଆଜି ମାଟି ଓ ଆକାଶ

ରଶ୍ମୀରେଖା ବେହେରା





ଶରତ ଶୋଭିତା ଆକାଶର
ଖିଲିଖିଲି ଜୁଆରିଆ ହସ,
ତା ଛାତିରେ ଶୁଭ୍ର ବସ୍ତ୍ରାନ୍ୱିତା ଧଳାଧଳା ମେଘର
ଅପୂର୍ବ ମାଦକତା ।
ଚହଲା ପାଣିରେ ଏଇ ମାତ୍ର,ଝଲସି ଉଠୁଛି,
ପ୍ରତୀକ୍ଷାର ପୂର୍ଣ୍ଣ ଚନ୍ଦ୍ର
ପ୍ରସ୍ଫୁଟିତ ଜିଜ୍ଞାସାର ପଦୁଅଁର
ମହମହ ଗନ୍ଧରେ,
ମାଟି ତୋଳୁଛି ନୂଆନୂଆ ପ୍ରତିଜ୍ଞା ।
କିଛି ପ୍ରତିଶ୍ରୁତି ତୋଳିଛି ଭୋର୍ ବେଳାରେ,
ବୃନ୍ତଚ୍ୟୁତ ଝରା ଶେଫାଳି,
ଏଇନା ଏଇନା ବାଢ଼ିଛି ଶେଷ ସମାପିକା ।
ବିଭୋର କାଶତଣ୍ଡୀରେ
ଗୋଟେ ଋତୁର ଶାଶ୍ୱତ ଆଗମନ
ମନ୍ତ୍ରାସିକ୍ତ ଆଜି ମାଟି ଓ ଆକାଶ ।
ଦିବ୍ୟ ସୁଗନ୍ଧରେ ବେଢ଼ି ଯାଉଛି ଦଶଦିଗ,
ଭୂ ରୁ ଭୂମା ଶୁଭୁଛି ଆବାହନୀ ମନ୍ତ୍ର
ପବନରେ ଲହରଉଛି ବେଦର ଗହଗହ ନାଦ ।
ଅଧା ଖରା,ଅଧା ଛାଇ ଛାତିରେ
ଲୁଚେଇ ରଖି ସବୁ,
ଦୁଃଖ, ଯନ୍ତ୍ରଣା, ନିର୍ଯ୍ୟାତନା ଆଉ ରକ୍ତପାତ,
ଅବଗୁଣ୍ଠନରେ ସେମାନେ ସଅଁପି ଦେଉଛନ୍ତି
ଭକ୍ତିପୂତ ନୈବେଦ୍ୟ ।

ମନ୍ତ୍ରାସିକ୍ତ ବତୁରା ମାଟିରୁ,
କଅଁଳୁଛି, ବିଶ୍ୱାସର ଆବରଣ
ଅଭିମନ୍ତ୍ରିତ ଆକାଶରୁ ଶୁଭୁଛି,
ନିଃସର୍ତ୍ତ ସମର୍ପଣ ର ମୁଗ୍ଧମନ୍ତ୍ର
ତନୁତୀର୍ଥେ ଭରୁଛି ଶିହରଣ ।
ଇପ୍ସିତ ପ୍ରେମର,ହେଉଛି ସ୍ୱଷ୍ଟ ଉଚ୍ଚାରଣ
ହେ ଦେବୀ!!
ତୁମେ ସବୁଋତୁର ସ୍ନିଗ୍ଧ ସମ୍ମୋହନ
ନାରୀର ଅମ୍ଳାନ ସ୍ୱାଭିମାନର ଅଭେଦ୍ୟ କବଚ
ହଜିଯାଉ ରକ୍ତଭିଜା ଓଠର ଶେଷ ଚିତ୍କାର|
ଲିଭିଯାଉ ସବୁ ପୈଶାଚିକ ହସ
ହୋମ ନିଆଁର ଲହଲହ ଜିହ୍ୱା ଶୋଷି ନେଉ
ଯେତେସବୁ ଅବଗୁଣ ।
ବାରମ୍ବାର......ଆଉ ପ୍ରତିଥର
ମନ୍ତ୍ରାସିକ୍ତ ହେଉ ଥାଉ
ଏ ମାଟି ଓ ଆକାଶ,
ଏ ମାଟି ଓ ଆକାଶ ।

ଟାଟା ଅଫିସରସ କଲୋନୀ, ମଧୁବନ,
ପାରାଦ୍ୱୀପ,
ମୋ- ୭୬୮୨୯୭୫୨୩୫

# ଜୀବନ ସାଥି ଅପେକ୍ଷାରେ



ଯଶୋବନ୍ତୀ ସା

ତା ଠାରେ ମିଳେ ନାହିଁ
ଲଜ୍ଜାର ଅଧିକାର,
ସେ ଦେହ ଦେଇ ଖୋଜେ
ଜୀବନର ଆଧାର।
ଲୋକେ ଦେଖନ୍ତି ଦେହ,
ଦେଖନ୍ତି ନାହିଁ ମନ,
ତା' ର ମଧ୍ୟ ହୃଦୟ ଅଛି ଏବଂ
ଅଛି ଅଶ୍ରୁର ବନ୍ଧନ।

ସେ ମଧ୍ୟ ଚାହେଁ ଗୋଟିଏ
ସାଧାରଣ ନାଆଁ,
ଯେଉଁଠି ତା'ର ନାମେ ନ ଲାଗୁ
ଅପବାଦର ଟ୍ୟାଗ୍।
ସେ ଚାହେଁ ଗୋଟିଏ ହସୁଥିବା ଘର,
ଯେଉଁଠି କେହି ଜଣେ କହିବ – "ତୁମେ ମୋର !"



ସେ ମଧ୍ୟ ଚାହେଁ
ଦୁଇଟି ହାତର ଅନ୍ତରଙ୍ଗ ସ୍ପର୍ଶ,
ଯେଉଁଠି ଦେହ ନୁହେଁ,
ଭାବ ହୁଏ ପ୍ରଥମ ଅନୁଭବ।
ସେ ଚାହେ ଦୁଇଟି ଆଖି,
ଯେଉଁଠି ନ ଥାଏ ଅପମାନ,
ଏକ ନଜର ଯେଉଁଠି ରହିଥାଏ
ମନୁଷ୍ୟତା ଏବଂ ସମ୍ମାନ।

ଜନ୍ମ ତାଙ୍କର ଦୋଷ ନୁହେଁ,
ବାଧ୍ୟତା ଦେଇଛି ଦେହ ଉପଜୀବିକା,
ହେଲେ ତା' ମନ ଚାହେଁ ଗୋଟିଏ ସାଥୀ,
ଯେଉଁଥିରେ ଥିବ ଭଲପାଇବାର ଆସ୍ଥା ।

ଲରମ୍ବା ମହାବିଦ୍ୟାଳୟ, ଲରମ୍ବା

# ତୁମେ

ଗଗନ ବିହାରୀ ନାୟକ



କଥା ଦେଇଥିଲା ଆଶାର ଆକାଶ
ଚୁପି ଚୁପି କାନେ କାନେ
ତାରା ଫୁଲ ଖୋସି ଆସିବ ମୋ ପ୍ରିୟା
ପଡୁଚି ତା କଥା ମନେ।

ତାର ପ୍ରତିଶ୍ରୁତି ରଖିଚି ସାଇତି
ଏ ଖୋଲା ହୃଦୟେ ମୋର
ଦିନ ପରେ ଦିନ ହୋଇଲା ବିଲୀନ
ଆଶା ହୋଇଲା ଅସାର
ଅସ୍ତରାଗ ଭରା ଲାଲିମା ଓଠଟି
ମନେ ପଡେ ପ୍ରତିକ୍ଷଣେ ।



ଆଖି ଝରକାରେ ଡାକି ଦେଇ ଥରେ
ଛପିଗଲା ପ୍ରିୟା ମୋର
ରାତିର ସପନେ ଏ ମନ ଗୋପନେ
ମନେ ପଡେ ବାର ମ୍ବାର
ସପନ ସାଇତା ତା ମନର କଥା
ଅପାସୋରା ଏ ଜୀବନେ ।

ନୀଳାଦ୍ରୀ ବିହାର, ଭୁବନେଶ୍ୱର
ମୋ- ୭୨୦୫୨୯୩୮୫୭

# ଯୁଦ୍ଧ

ପ୍ରିୟଦର୍ଶିନୀ ନାୟକ





ଜୀବନ ଟା ତ ଏକ ଯୁଦ୍ଧ
ଆଉ ଆମେ ସବୁ
ଜଣେ ଜଣେ ସୈନିକ
କେତେ କୌଶଳ କେତେ
କସରତ ଜିତିବା ପାଇଁ......।।

ଦେଶ ଦେଶ ମଧ୍ୟରେ ଯୁଦ୍ଧ
ଜାତି ଜାତି ଭିତରେ ଯୁଦ୍ଧ
ପରିବାର ପରିବାର ଭିତରେ ଯୁଦ୍ଧ
ଭାଇ ଭାଇ ମଧ୍ୟରେ ଯୁଦ୍ଧ
ସମ୍ପର୍କ ସମ୍ପର୍କ ଭିତରେ ଯୁଦ୍ଧ
ପୁଣି ନିଜ ସହ ନିଜର ଯୁଦ୍ଧ.......।।

ବଡ଼ ତାଯୁବ ଲାଗୁଥିବ ନା
ଆରେ ସବୁ ତ ଠିକ୍ ଅଛି
ଏ ନିଜ ସହ ନିଜର ଯୁଦ୍ଧ କଣ?
ବଡ଼ ଅଜବ କଥା ଟିଏ ଜଣାଯାଉଛି...
ହଁ ଆଜ୍ଞା,
ନିଜ ସହ ନିଜର ଯୁଦ୍ଧ ଅନେକ
ସମୟରେ ଚାଲିଥାଏ... ।।

କେବେ ନିଜ ହୃଦୟ ସହ ମନର ଯୁଦ୍ଧ
ନିଜ ହୃଦୟ ସହ ମିଛ ଅହଂକାରର
ଆତ୍ମ ବିଶ୍ୱାସ ସହ ସ୍ୱପ୍ନର ଯୁଦ୍ଧ
ହୃଦୟ ସହ ମିଛ ଗର୍ବର ଯୁଦ୍ଧ
କିନ୍ତୁ,
ଶେଷରେ ହୃଦୟର ହିଁ ଜୟ ହୁଏ
ଗର୍ବ ଅହଂକାର ହାରିଯାଏ... ।।

ଏ କଥା ପୁରାଣ ଇତିହାସରୁ
ବାରମ୍ବାର ପ୍ରମାଣ ଦିଏ
ତଥାପି ଏ ମୂର୍ଖ ମଣିଷ ବୁଝିପାରେନି
ସେ ଆଉ କାହାର ନୁହେଁ,
ଗର୍ବ ଅହଂକାର ରୂପକ ସର୍ପକୁ ପାଳି
ନିଜେ ହିଁ ନିଜର ବିନାଶ କରୁଛି ।।

ହେ ଜଗନ୍ନାଥ ଏହି ମଣିଷଙ୍କ ହୃଦୟକୁ
ତୁମେ ହିଁ ସ୍ୱଚ୍ଛ କର
ମହାବିନାଶ ରୂପକ ମହାମାରୀରୁ
ଏମାନଙ୍କୁ ତୁମେ ହିଁ ରକ୍ଷା କର.... ।।

ଅଧ୍ୟାପିକା,ଓଡ଼ିଆ ବିଭାଗ,
ସିମୁଳିଆ ମହାବିଦ୍ୟାଳୟ,
ତଳାଙ୍ଗ, ଭଦ୍ରକ

# ଅନ୍ୟମନସ୍କ-୪

ମୌସୁମୀ ମିଶ୍ର



ଚାଲିଯିବ ସେ ଦେବୀ ଚାଲିଯିବ
ବିସର୍ଜିତ ଛଳେ ହେବ ବିକଶିତ,
ସେ ଶାପିତା ପତିତା ପିତୃଳାଟା
ଖାଲି ହେଲାଣି ତା' ଦେବାଳୟ,
ଚିତ୍ରଶାଳ ଆଜି ରଙ୍ଗହୀନ ।
କାମୁକର ତୀର୍ଥ ଅଦ୍ୟ ଆଉ ଭିଜିବ ନାହିଁ,
କେଉଁ ରସିକଙ୍କର ପଦରୁକ୍ସୁରେ,
ବାରନାରୀ ଆଜି ରିକ୍ତ,ମୁକ୍ତ
ଅନ୍ତରେ ସ୍ୱର୍ଦ୍ଧିତ ହ୍ଲାଦିନୀତ୍ୱ,
ସେ ଅଲ୍ହାଦିନୀ ଧାରିଛି ଏକ ପୁରୁଷବ୍ରତ
ଅବିଳମ୍ବେ ସେବୁଛି ଚରଣ,
ସାଜି ସେଇ ରସରାଜଙ୍କର ଦସାନୁଦାସ ।
ହଜିଗଲା ସେ ଇନ୍ଦ୍ରଧନୁ ହଜିଗଲା
ଆଉ ନାହିଁ ନଭସଙ୍ଗ, ସତରଙ୍ଗ ।
ମେଣ୍ଣିଯାଇଛି ସବୁରି ତୃଷ୍ଣା, । ସର୍ବେ
କଟିଦେଶେ ଧରି ଭ୍ରାମ୍ୟମାନ
ଏକଛିଦ୍ରବିଶେଷ ପୂର୍ଣ୍ଣକୁମ୍ଭକ ।
ଜଳଦ ଏବେ ଅକର୍ମଣ୍ୟ
ଅମୃତବାରିରେ ଭିଜିବନି ସାରା ଧରା,
ମୟୂରୀ ବି ଏଠି ତ୍ରସ୍ତା,
ପୁଚ୍ଛ କଟା ଶୋଭାଚ୍ଛେଦା ।
ଆଉ ଲୋଡୁନାହିଁ ଚପଳା କି ଚମକ,
ବାଜିଲାଣି ଡିଣ୍ଡିମ,
ଦିଗବଳୟବ୍ୟାପି ଶୁଭୁଛି
ସେହି ଶାଶ୍ୱତବାଣୀ ।
ଧୂସରତାର ଭୟରେ ଭୟଭୀତ
ସାରା ପାତକୀ ରାଜ୍ୟ ।



ଅଧ୍ୟାପିକା ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଏସ୍.ଏନ୍.ଏସ୍ କଲେଜ, ରାଜନଗର, କେନ୍ଦ୍ରାପଡ଼ା

# ହେ ବୟସ !

ସୁଶ୍ରୀ ପଲ୍ଲବିତା ସାହୁ





ଯେବେଠୁ ତୁମକୁ ଜାଣିଲି
ହେତୁ ପାଇଲି, ମୋ ବଢୁଥିବା ଦିନଗୁଡ଼ିକରେ
ଯୋଗ ହେଉଥିଲା ଏକ ଏକ ସଂଖ୍ୟାର ପରଶ
ହେ ! ବୟସ

ତୁମେ କୁଆଡେ ଗୋଟେ ବିସ୍ମୟ
ଯେତିକି ଆଗଉ ଥାଅ ସେତେ କରିପାର ତନ୍ମୟ
ଚମକିତ କାହାଣୀ ଆଉ ମଧୁର ଚାହାଣିରେ
ଅଭିନବ ପତ୍ର ଲେଖି ବିହ୍ୱଳିତ କରିପାର
ସମ୍ୟକ୍ ଦୃଷ୍ଟ ହୋଇପାର
ଖରାଛାଇ ପରି ଖେଳିପାର
ଢାଳିପାର କୁହୁକ ବିଶେଷ
ହେ ! ବୟସ

ଅଳ୍ପ କଥାବାର୍ତ୍ତା, ହାଲକା ଚଗଲାମିରେ
ତୁମେ ବାଟଭାଙ୍ଗି ଯାଇପାର ନଦୀର ନୀଳିମା ହୋଇ
ଆସ୍ତେ କୁହ ବ୍ୟସ୍ତ ହୋଇ ତୁମ ପିଲାଳିଆ ବୁଦ୍ଧି ନେଇ
ବେଳେବେଳେ ବେଶି ବେଶି ସମୟ ନେଇ
ତୁମକୁ ଜାଣିବାର ଚେଷ୍ଟା କରେ ମୁଁ
ହେଲେ ତୁମେ ଅଧିକ ଅଜଣା ହୋଇ ରହିଯାଅ
ଛଟପଟପଣ ଦେଇ ରହିଯାଅ
ମୁଁ ବୁଝିପାରେନା ଏ କେମିତିକା
ଭାବନାର ମନଗଢା ରହସ୍ୟ
ହେ ! ବୟସ

ତୁମେ କେବେ ପ୍ରାର୍ଥନାର ମୋହିତ ଅଗଣା
ଅଧାବାଟେ ଖସୁଥିବା ପାଦର ଠିକଣା
ଭୁଲନ୍ତା ଭାବର ଅତି ଗଭୀର ଗହଣା
ମନ ପାଖ ଝାଉଁବଣେ ଶ୍ରୀମଦ୍ ଗୀତାର ବାଜଣା
କେବେ ମୋର ପିଲାଦିନ ଧରି
ବହିପତ୍ର, ରାଗରୁଷା ଚଗଲାମି ଧରି
ଆସି ପାଖେ ବସିପଡ଼ି ଦିଅ ସ୍ମିତ ହସ
ହେ ! ବୟସ

ତୁମେ ଖୁବ୍ ଜଣେ କିନ୍ତୁ,
ତମ କଥା ମନେପକାଇଲେ
ମନେପଡେ, ବିତିଥିବା କରୁଣ ସଂଘର୍ଷ
ଜୀବନର ମଶାଣିରେ ଅପହଞ୍ଚ ରହିଥିବା
ନିରାଶାର ପୁଳା ପୁଳା ଶୋଷ
ତଥାପି ଚଇତର ଗୀତି ନେଇ ଚାଲୁଥାଏ
ଯେ ଯାଏଁ ନ ସରିଛି ବଳକା ଆୟୁଷ
ଅଭୁଲା ଅଭାବ ହୋଇ, ଅଧିକ ଆତ୍ମିକ ହୋଇ
ତୁମେ ପୁଣି ବୁଝାଅ ଯେ
ମୁଁ କୁଆଡେ ନୁହେଁ ସେତେ ଖରାପ ମଣିଷ
ହେ ! ବୟସ

ଭୁବନେଶ୍ୱର

# ମୋ ଝିଅ ଚିଠି ଲେଖିଛି

ଜ୍ୟୋତିଶ୍ରୀ ଦାସ





ମୋ ଝିଅ ଚିଠି ଲେଖିଛି !
ବାପା ! ଦୁଇହଜାର ଟଙ୍କାରେ
ଚଳିବା ମୁସ୍କିଲ ହେଉଛି
ଏ ମାସ ତିନି ହଜାର ଦିଅ
ବୋଲି କହିଛି
ମୋ ଝିଅ ଚିଠି ଲେଖିଛି !
ସେ ଉତ୍କଳ ବିଶ୍ୱବିଦ୍ୟାଳୟରେ ପାଠ ପଢୁଛି
ବଡ଼ ସହର ଭୁବନେଶ୍ୱରରେ ରହୁଛି
ଝିଅ ମୋର ଚିଠି ଲେଖିଛି.......।

ସେ କାହୁଁ ବୁଝିବ
ଧାନ ବିଲ ମୋର ପାଣିରେ ଭାସୁଛି
ବର୍ଷକର ପରିଶ୍ରମ "ଦାନା"ଉଜାଡ଼ି ଦେଇଛି ।
"ଦାନା" ଥିଲା ବଡ ଭୟଙ୍କର ତୋଫାନ
ଚୁନାଚୁନା କରି ଭାଙ୍ଗି ଦେଲା ସପନ
ଉଜାଡ଼ି ଦେଲା ଘର ଉଡ଼େଇ ନେଲା ଛପର
ଭିଜିଗଲା ବର୍ଷାରେ ସବୁ ଆସବାବ ପତର ।
"ଦାନା" ଦାଉ ସାଧିଲା !
କେତେ ପରିଶ୍ରମ ସେ କାହିଁ ବୁଝିଲା
ଜୀବନ ନ ମାରି ଜୀବିକା ମାରିଲା
ଲୁହ ସାଗରରେ ଭାସେଇ ଗଲା
ଚାଷୀର ମେରୁଦଣ୍ଡ ଭାଙ୍ଗି ଦେଲା।

ବଢିଯାଇଛି ଦରଦାମ ଜିନିଷର
ଦୁଇ ଦିନ ହେବ ଚୁଲି ଜଳିନି ଆମର
ଦୁଇ ମାସ ହେବ ମେଡ଼ିସିନ୍ ଆସିନାହିଁ
ତା'ବୋଉର ।
ଗାଈ ଗୋରୁ କଥା ଭାବି ଭାରି ଚିନ୍ତା
ନଡ଼ା ବିଡାକୁ ଦଶ ଟଙ୍କା ।
କେମିତି ଜାଣିବ ସେ ଆମ ଅବସ୍ଥା,
ତା' ପାଇଁ ତ ସେଠି ସବୁ ସୁବିଧା ।
ମୁଁ ଚାହେଁ ନାହିଁ ତାକୁ କରିବାକୁ ଦୁଃଖୀ
କେଉଁଥିରେ ଟିକେ ଊଣା
ତା' ମନ ଲାଗି ଦେବି ସବୁ ପାଉଣା
ବାପା ମୁଁ ତାର ସବୁବେଳେ ଥିବି
ଛାଇ ହେଇକି !
ହେବି ତା ଖୁସିରେ ଖୁସି !
ଝିଅ ମୋର ଚିଠି ଲେଖିଛି !
ମୋ ଝିଅ ଚିଠି ଲେଖିଛି ।

ସ୍ନାତକୋତ୍ତର ୨ୟ ବର୍ଷ,
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ମୋକ୍ଷ ପଦ

ଭୁବନେଶ୍ୱର ବିଶି



ଫେରି ଯାଉଛ କି
ଜୀବନ ଦୀପ
ଏଇଠି ଲିଭାଇ ଦେଇ
ମୋ ସହିତ  ଆହୁରି ଘଡିଏ
ରହିବାର ଥିଲା  ସାଥିରେ ।
ଫେରିଯିବା ପାଇଁ
ଏତେ ଉଚ୍ଛନ୍ନ କିଆଁ
ତମ ବିରହରେ
ଦେହ ଓ ମନରେ ମୋର
ଲାଗୁଅଛି ନିଆଁ ।
କିଏ ଜାଣେ !
ଆଉ ଜନ୍ମରେ
ଦେଖା ହେବ କି ନାହିଁ
ହୁଏ ତ ଏଇ ଜନ୍ମ
ଆମର ଶେଷ ଜନ୍ମ ହୋଇପାରେ ।
ସାତ ଜନ୍ମରୁ ହୁଏତ ତମେ
ମୋକ୍ଷ ପାଇ ଯାଇଥିବ
ଜନ୍ମ ମୃତ୍ୟୁ ଚକ୍ରରୁ  ।
ଜିଇଁ ପାରିଲିନି
ତମସହ ଏକାଠି
ମନ ପୁରିଲା ଯାଏଁ
ଏମିତି ଅବେଳରେ
ବିଦାୟ ନେଉଛ ଯେ
କିଏ କଣ
ଜୀବନସାଥୀକୁ  ଏମିତି
ଏକା କରି ଚାଲିଯାଏ ?



ରେଳବାଇ କଲିନୀ, ଜୟପୁର,
କୋରାପୁଟ
ମୋ : ୭୫୮୭୪୪୫୮୦୩

# ବିଶ୍ୱାସ

ଶ୍ରୀମତୀ ଗୀତାଞ୍ଜଳି ପାତ୍ର





ବିଶ୍ୱାସ,ଭରସା,ଭଲପାଇବାରେ
ସଂପର୍କ ହୁଅଇ ଛିଡା
ଅଂହକାର ନୁହେଁ ଆତ୍ମ ସମ୍ମାନ ଓ
ସ୍ୱାଭିମାନ ଟିକେ ଲୋଡା ।

ପରିବର୍ତ୍ତନର ଆବଶ୍ୟକ ନାହିଁ
ଲୋଡା ଖାଲି ସମର୍ପଣ
ତୁମେ ମୋର ନୁହଁ ମୁଁ ତୁମର ଏକା
ଏକଥାକୁ ଦେବା ଧ୍ୟାନ ।

ନିଜଠାରୁ ବେଶୀ ଭରସା ଯାହାକୁ
କରେ ସଦା ଏଇ ମନ
ସିଏ ହିଁ ଭରଷା ଭାଂଗେ ଯେ ଅଧିକ
ଧ୍ରୁବ ସତ୍ୟ ଏହି ଜାଣ ।

ତଥାପି ମଣିଷ କରଇ ବିଶ୍ୱାସ
ବିଶ୍ୱାସରେ ଚାଲେ ବାଟ
ଛଳନା ଓ ଘୃଣା ଚଲାବାଟେ ପରା
ସତର୍କର ଗୁରୁ ଛାଟ ।

ଭୂଲ୍ କରିବା ଟା ବଡକଥା ନାହିଁ
ଭୂଲ୍ ବୁଝିବା ଟା ବଡ
ନିଜକୁ ସୁଧାରି ସବୁକୁ ପାଶୋରି
ଆଗକୁ ବଢାଅ ଗୋଡ।

କହିବା ସହଜ କରିବା ଟା ନୁହେଁ
ଭାବିବା ମନର ଭ୍ରମ
ହୃଦୟକୁ ବଡ କରିଦେଲେ କିନ୍ତୁ
ସବୁ ଲାଗେ ଛୋଟଗୁଳ୍ମ ।

ସଂପର୍କଟା ଥିଲେ ଶକ୍ତ ଆଉ ଦୃଢ
ଭାଂଗେ ନାହିଁ କେବେ ହେଲେ
ସଂପର୍କ ଦୁର୍ବଳ ହୋଇଥାଏ ସଦା
ମନୋବଳ ଭାଂଗିଗଲେ ।

ସଂପର୍କରେ ତିକ୍ତ କରେ ହସ୍ତକ୍ଷେପ
ବୁଣିଲେ ସଂଦେହ ମଂଜି
ଭରଷା କେବଳ ଏକଇ ଔଷଧ
ଜିତେ ସଂପର୍କର ବାଜି ।

କେନ୍ଦୁଝର
ମୋ -୯୪୩୮୩୮୯୦୨୩

# ମୋ ମାଆ

ଦମୟନ୍ତୀ ଷଡ଼ଙ୍ଗୀ



ତୋ କୋଳେ ଜନମି ଦୁନିଆ ଦେଖିଲି
ଦେଖିଲି ସରଗେ ଚାନ୍ଦ
ତୋ ହାତ ଧରି ବାଟ ମୁଁ ଚାଲିଲି
ତୋ ବିନା ଆସେନି ନିଦ।

ତୋ ପଣତ ଅଟେ ମୋ ପାଇଁ ଆକାଶ
ଡର ଭୟ କିଛି ନାହିଁ
ତୁ ଥିଲେ ପାଶେ ଅସମ୍ଭବ କାର୍ଯ୍ୟ
ଯାଏ ତ ସମ୍ଭବ ହୋଇ।

ସ୍ନେହରେ ଭରା ହୃଦୟ ତୋହର
ମମତା ଭରା ତୁ ନଇ
ଯାହା ଯେତେବେଳେ ମନ ମୋ ଚାହିଁଛି
ହାତେ ଦେଉ ମୋର ଥୋଇ।

ରୋଗେ ଯଦି ପଡ଼ି ଯାଏ କାନ୍ଦି ଗଡି
ଆଖିରେ ତୋ ଲୁହ ଥାଏ
କେଉଁ ଉପାଦାନେ ଗଢା ମାଆ ଲୋ ତୁହି
କେହି ତ ବୁଝି ନ ଥାଏ।

ଯେତେ କହିଲେ ବି ଯେତେ ଗାଇଲେ ବି
ସରିବନି ତୋର ଗାଥା
ପାଦ ତଳେ ତୋର ପ୍ରଣାମ କରୁଛି
ନୁଆଇଁ ମୋହର ମଥା।



ଅନଗୋଳ

# ତୁମେ ଓ ସେ

ସ୍ନିଗ୍ଧା ଜି. ମହାପାତ୍ର



ସତରେ !
ତା ଭଳି ଜଣେ ନିର୍ବାକ, ନିଥର ପ୍ରତିମୂର୍ତ୍ତିକୁ
ତୁମ ଶବ୍ଦ ଛଳଛଳ ନିହାଣରେ
ଏକ ନିପୁଣ କଳାକାର ପରି
ଗଢିବାକୁ ଚେଷ୍ଟା କରିଥିଲ ଅପରୂପା କରି
ଭାବରେ ଭାବରେ କେବେ ଭିଜଉ ଥିଲ
ତୋଫା ଜହ୍ନର ଜୋଛନାରେ
ଫୁଟାଉ ଥିଲ ପୁଣି କେବେ କଇଁ
କରି ତୁମରି ମନ ସରୋବରେ...।



ପାଷାଣୀ ସେ !
ତରଲୁ ନ ଥିଲା ଶବ୍ଦ ଜ୍ୱାଳାରେ
ତୁମ ସରଳତା, ସଚ୍ଚୋଟତା ଅକପଟତାର ବାମ୍ଫରେ
ଧୀରେ ଧୀରେ ପାଲଟିଲା ସେ ମମତାର ଜଳବିନ୍ଦୁରେ
ଚକିତ ହୋଇଯାଏ ସେ  ତୁମ ପର୍ବତ ପରି ଧୈର୍ଯ୍ୟରେ
କିଛି କ୍ଷଣ ଆପଣାର କରିଥିଲା ତା ଖିଆଲି ମନରେ
କିନ୍ତୁ ବିନା ସୂଚନାରେ ମାଡି ଆସିଥିଲା ହୁଡହୁଡ ଝଡ଼
କ୍ଷତ ବିକ୍ଷତ ହୋଇ ପକ୍ଷୀ ପରି ହେଲା ସେ ଫଡଫଡ
ଭାଙ୍ଗି ପକାଇଲା ସେ ତୁମ ସହ ଗଢ଼ିଥିବା ଶବ୍ଦର ନୀଡ଼ ।

ପାଷାଣୀ  ହୃଦୟରେ ରହିଲାନି ଆଉ ତୁମ ପାଇଁ ସ୍ପନ୍ଦନ
ତୁମ ଶବ୍ଦର କ୍ଷର ନିଶ୍ୱାସ ସୃଷ୍ଟି କଲାନି ଜ୍ୱଳନ
ନିରବରେ ହେଲା ତୁମ ପାଇଁ ଲହୁ ଲୁହାଣ
ତୁମ ଅଜାଣତରେ ପାଲଟିଲା ପୁଣି ସେ ପାଷାଣ
ତାକୁ ଶୁଭିଲାନି ଆଉ ତୁମ ଶବ୍ଦର କ୍ରନ୍ଦନ
ପାଶୋରି ଦେଲା ମଉଳା ଫୁଲରେ ଭରିଥିବା ବାସ ଚନ୍ଦନ
ମରୀଚିକା ଠାରୁ ଦୁରେଇ ଶାନ୍ତ କଲା ତା'ପରାଣ
ଭାବିଲା ଦୁଃଖ ସୁଖ ସବୁ ପରା ଈଶ୍ୱରଙ୍କର ଦାନ ।

ବାରିପଦା

# ମୃତ୍ୟୁ ସହ ଲଢ଼େଇ

ମୂଳ ଲେଖା: ଅଟଳବିହାରୀ ବାଜପେୟୀ
ଅନୁବାଦ: ବୀଣାପାଣି ସାହୁ



ଲଢାଇ କରିବା ମୋର ଇଚ୍ଛା ନଥିଲା,
ବୁଲାଣୀରେ ଦେଖାହେବ
ଏପରି ମଧ୍ୟ ପ୍ରତିଜ୍ଞା ନଥିଲା।
ରାସ୍ତା ଅଟକାଇ ସେ ଛିଡା ହୋଇଗଲା,
ଏପରି  ମନେହେଲା
ସେ ଜୀବନଠାରୁ ବଡ ହୋଇଗଲା।
ମୃତ୍ୟୁର ବୟସ କେତେ?
ଦୁଇ ମୁହୂର୍ତ୍ତ ମଧ୍ୟ ନୁହେଁ,
ଜୀବନର କାର୍ଯ୍ୟକ୍ରମ
ଆଜି କାଲିର ନୁହେଁ।
ମୁଁ ଜୀବନଭରି ବଞ୍ଚିଛି
ମୃତ୍ୟୁ ହେଉ ମୋ ମନରେ
ଫେରିକରି ଆସିବି
ଯୁଦ୍ଧକୁ ମୁଁ କାହିଁକି  ଡରିବି ।
ଅସନା ତୁ ପାଦ ଚାପିଚାପି
ଲୁଚିକରି ମୋ ଘରେ,
ସାମ୍ନାରୁ ଆକ୍ରମଣ କର
ମୋତେ  ଦେଖ ତାପରେ।
ମୃତ୍ୟୁଠାରୁ ନିଶ୍ଚିନ୍ତ
ଜୀବନର ଯାତ୍ରା ମୋର,
ସବୁ ସନ୍ଧ୍ୟାରେ ଗୀତିମୟ
ରାତ୍ରୀ ସବୁ ବଂଶୀର  ସ୍ୱର।



ଭୁବନେଶ୍ୱର

# ତଥାସ୍ତୁ

ହୃଦୟତା ମିଶ୍ର



କିଏ ସେ ଅତିଥି ସଜାଇ ପ୍ରଣୟ ଯଜ୍ଞ
ଅଯାଚିତେ ଯାଚେ ମିଳନର ଶୁଭ ଲଗ୍ନ।
ତମାମ ଆୟୁଷ ଭୁଲି ତପସ୍ୟାର ନିଷ୍ଠା
ପରଖୁଚି ପ୍ରୀତି ପ୍ରିୟତମା ପରାକାଷ୍ଠା ।
ନବ ଦିଗନ୍ତେ ଉଦୟ ପୁଣ୍ୟ ପ୍ରେମ
ପ୍ରଣୟ ବଇଁଶୀ ସୁରରେ ଗଙ୍ଗା ସମ ।
ନୟନ ଯୁଗଳ ପ୍ରତୀକ୍ଷିତ ଶତଦଳ
ନୀରବିତ ମନେ ମୁଖରିତ କୋଳାହଳ ।
ବିଚ୍ଛେଦ ଶେଷେ ଶତ ଜନ୍ମ ବିରହ
ତ୍ରସ୍ତ ବଧୂର ଅର୍ପଣ ପାଦେ ଲୁହ।
ଆଗମନୀ ଦେଉ ଭବ୍ୟ ନୂତନ ବାର୍ତ୍ତା
ପଦପାତେ ଲଭୁ ଭବ ଚିନ୍ମୟ ସତ୍ତା।
ସଞ୍ଚିତ ଏଇ ଜୀବନର ମଧୁପର୍କ
ଉଦ୍‌ବେଳିତ ମଧୁଚନ୍ଦ୍ରର ତର୍କ ।
ପ୍ରତିଶ୍ରୁତି ତାନେ ବୀଣାର ହୃଦୟ ତନ୍ତ୍ରୀ
ସୁର କି ତୋଳିଲା ଯୁଗ୍ମ ଜୀବନ ମୈତ୍ରୀ ।
ପବନେ କି ଭାସେ ଅଦେଖା କସ୍ତୁରୀ ବାସ୍ନା
ପିଆସୀ ହୃଦୟେ ଭରିଲା ଅମୃତ ତୃଷ୍ଣା ।
ତାରକା ବିତାନେ ଉଇଁଲେ ସତେ ଅରୁଣ
ଅଙ୍ଗ ଅଙ୍ଗନେ ଅନଙ୍ଗର ସ୍ପନ୍ଦନ ।
ବସୁଧାକାଶ ମଧୁର ମିଥୁନ ପର୍ବ
ନିର୍ବାଣ ନୁହେଁ ଆୟୁଷ ଯେ ଯାଚି ଦେବ ।
ତନ୍ଦ୍ରା ତୁଟାଇ କୋଇଲିର କୁହୁ ସ୍ତୋତ୍ର
ଦଶ ଦିଗେ ଶୁଭେ "ତଥାସ୍ତୁ" ମୋହନ ମନ୍ତ୍ର ।



ପୋଖରୀପୁଟ, ଭୁବନେଶ୍ୱର

# ସଖୀ

ମମତାବାଳା ହୋତା




ସଖୀ,
ଆ' ଚାଲିଯିବା ସେହି ଅନ୍ଧାର ଦୁନିଆକୁ
ଯେଉଁଠି ଚାଲିଥିବ
ଅନନ୍ତ ନୀରବତା ଆଉ
ଶୂନ୍ୟ ଶୂନ୍ୟ ମହାଶୂନ୍ୟର ରାଜୁତି ।
ତାରି ଭିତରେ ଆମେ ଖୋଜି ଚାଲିବା
ଆଗକୁ ଚାଲିବାର ପଥ ସବୁ
ଅଣ୍ଡାଳି ଅଣ୍ଡାଳି।
କେଉଁଠି କାଳେ ଭେଟ ହୋଇଯିବ
ଆଲୋକର ରୋଷଣୀ ସାଥେ
ସେହି ଅନନ୍ତ ନୀରବତା ଭିତରେ
ଉପଲବ୍ଧି କରିବା
ପରମ ଶାନ୍ତିର ସମସ୍ତ ଶୀତଳତାକୁ।
ନା ଥିବ ହରେଇବାର ଭୟ
ନା ଥିବ ପାଇବାର ମୋହ
ଏ ଯାତ୍ରା ଅନନ୍ତ
ଏ ପଥ ଅସୀମ
କାଳଚକ୍ରର ଅବାରିତ ଗତି।
ହୁଏତ ଯାତ୍ରାର ଶେଷ ପାହାଚରେ
ମିଳିଯିବ ଶାନ୍ତି ସ୍ୱସ୍ତି ତୃପ୍ତି ଆଉ ମୁକ୍ତି।



ସମଲ ବ୍ୟାରେଜ, ଅନୁଗୋଳ

# ଖୋଳପା ଭିତର ଭାବ

ପ୍ରମୋଦ କୁମାର ରାଉତ



ଆଜି ସେ ଇତିହାସ ହେବାକୁ ଯାଉଛି
ଗୋଲାପୀ ହଳଦିଆ ମାଟିଆ
ନାନା ବର୍ଣ୍ଣର ଖୋଳପା ସବୁ
ଯାହା ଦିନେ ଭାବାବେଷକୁ
ପହଞ୍ଚାଇ ଦେଉଥିଲା
ଏ ପାଖରୁ ସେ ପାଖକୁ
ଗୋଲାପୀ ଲଫାଫା ରେ
ରକ୍ତ ଲେଖା ଚିଠି
ପ୍ରେମୀ ଯୁଗଳଙ୍କ ପ୍ରେମ ନିବେଦନ
ଅନେକ ସ୍ୱପ୍ନ ସମ୍ଭାବନା
ଆଜି ସେ କେଉଁଠି ?
ହଳଦିଆ ଲଫାଫା କହୁଥିଲା
ତେଲ ଲୁଣର ସଂସାର
ସ୍ୱାମୀ ସ୍ତ୍ରୀ ଘର ପରିବାର
ବାପାଙ୍କ ଚେତାବନୀ
ଆଶୀର୍ବାଦ ମା'ର
କାହିଁ ଆଉ ଆସୁ ନାହିଁ
ଥିଲା ସମ୍ପର୍କ ସେତୁ
ପିତା ପୁତ୍ର ସ୍ୱାମୀ ସ୍ତ୍ରୀର
ବନ୍ଧୁ ବାନ୍ଧବ ଆଉ ସାଙ୍ଗ ସାଥିର
ସରକାରୀ ବାର୍ତ୍ତା ଆସେ
ମାଟିଆ ଖୋଳପାରେ
ଭଲ ହେଉକି ଖରାପ
ପହଞ୍ଚି ଗଲେ ହଡକମ୍ପ ସୃଷ୍ଟି କରେ
ପେନସନ ପେପର ହେଉ କି
ନିଯୁକ୍ତି ଖବର
ଦେଇଥାଏ ସେହି ମାଟିଆ କଭର୍ ।



ଜୟପୁର, କୋରାପୁଟ
ମୋ- ୯୭୬୮୨୫୧୧୦୪

# ମାଆ ଲୋ ତୁ ଆସୁଛୁ ବୋଲି

ସଚ୍ଚିଦାନନ୍ଦ ବସ୍ତିଆ



ମାଆ ଲୋ,
ତୁ ଆସୁଛୁ ବୋଲି,
ଯେମିତି ସଜେଇ ଦେଉଛୁ ପ୍ରକୃତି
କାଶତଣ୍ଡୀର ଚପଳ ଛନ୍ଦରେ
ଯେମିତି ମହକେଇ ଦେଉଛୁ ପବନ
ଗଙ୍ଗଶିଉଳୀର ସ୍ନିଗ୍ଧ ସୁରଭିରେ
ସେମିତି ସଜେଇ ଦିଅନ୍ତୁନି ଟିକେ
କରି ଦିଅନ୍ତୁନି ମନୋମୟ
ଏଇ ମଣିଷର କଦାକାର ହୃଦୟ
ସେମିତି ମହକେଇ ଦିଅନ୍ତୁନି
ତା'ର ଅପରଛନିଆ ମନ
ତୋର ମମତ୍ୱର ସୁଗନ୍ଧରେ।

ତୁ ଆସୁଛୁ ବୋଲି ତ,
ଜହ୍ନ ଆଜି ପିନ୍ଧିଛି ଦୁକୂଳ,
ହସ୍ତେ ଧରି ଚାରୁ ତାରା ହୀରକ ପ୍ରଲମ୍ବ,
ରହିଛି ସେ ନିର୍ନିମେଷ ନୟନରେ,
ତୋ ପଥକୁ ଚାହିଁ,
ଉଲ୍ଲସିତ ଆକାଂକ୍ଷାର ସ୍ୱାଗତ ମୁଦ୍ରାରେ।
ତୁ ଥରେ କହନ୍ତୁନି ତା'କୁ,
କରିବାକୁ ଦୂରିଭୂତ,
ମଣିଷ ଭିତରେ ଥିବା କୁଢ଼କୁଢ଼ ପାପର ତମସ,
ତା' ଶୁଭ୍ର ରଜତ କାନ୍ତି ସ୍ନିଗ୍ଧ କୌମୁଦୀରେ।

ତୁ ଆସୁଛୁ ବୋଲି ତ,
ଆକାଶ ଆଖିରେ ଭରା ବିମୁଗ୍ଧ ନୀଳିମା,
ଚପଳ ବର୍ଷା ଯାହାକୁ ପାରେନାହିଁ ଧୋଇ।
ତୁ ତା'କୁ କହନ୍ତୁନି ଟିକେ,
ତା' ନୀଳରୁ କଣିକାଏ,
ପୃଥିବୀ ବକ୍ଷରେ ଟିକେ ଦିଅନ୍ତା ବିଛେଇ।

ତୁ ଆସୁଛୁ ବୋଲି ତ,
ଗହୀର ବିଲରେ ଖେଳେ ସବୁଜ ସପନ,
ଲହରେ କେମିତି ,
ପବନର ତାଳେତାଳେ ସଂତୃପ୍ତ ଅନ୍ତରେ,
କରନ୍ତୁନି ସୁଦୟା ଟିକେ,
ସେ ପ୍ରଶାନ୍ତ ସବୁଜିମା,
ସଞ୍ଚରି ଯାଆନ୍ତା ଧିରେ,
ମଣିଷର ଧୂସରିଆ ମନ ଅଗଣାରେ।

ତୁ ଆସୁଛୁ ବୋଲି ତ,
କେତେ ରଙ୍ଗେ ହସୁଛି କୁସୁମ,
ସତେ ଅବା ତୋର ଶୁଭାଶିଷ,
ଦୁର୍ଲଭ୍ୟ ପୀୟୂଷ ସମ,
ସେ ହସ ଭିତରେ ରହି ତୋଷୁଛି ଅନ୍ତର।
ହେଲେ କାହିଁକି କେଜାଣି,
ଭୁଲିଯାଏ ଏ ମଣିଷ ମାତୃତ୍ୱ ମହତ୍ତ୍ୱ,
କରିବସେ ଯେତେ ପାପ ଯେତେ ବ୍ୟଭିଚାର।

ମାଆ ଲୋ, କେମିତି ସହୁଛୁ କହ,
ଆଉ କ୍ଷମାଯୋଗ୍ୟ ନୁହେଁ ଏଇ ବିଭ୍ରାନ୍ତ ମଣିଷ।
ଦେଏ ଶାସ୍ତି ଉଠାଇ ତ୍ରିଶୂଳ,
ହତ କର ଯେତେ ଛନ୍ତି ଶୁମ୍ଭ ଓ ନିଶୁମ୍ଭ,
ଆଉ ଯେତେ ପାପାଚାରୀ ମହିଷାମାନଙ୍କୁ,
କରିଦେ' ଏଥର ମାଆ ସମୂଳେ ବିନାଶ ।

ନର ଯେତେ ପାପାଚାରୀ,
ଆଉ ଛନ୍ତି ଯେତେ ଏଥି ଦୁଶ୍ଚରିତ୍ରା ନାରୀ,
ଯାହା ଲାଗି ତୋର ସୃଷ୍ଟି ,
ଲାଗେ ମାଆ ଏତେ ବିଷମୟ।
କର ନାଶ ସେ ଆସୁରୀ ଅନ୍ଧାରୀ ଶକ୍ତିକୁ,
ପୁନର୍ବାର ହେଉ ଏହି ବିଶ୍ବ ମଧୁମୟ।

ଭୁବନେଶ୍ୱର

ଅନୁସ୍ୱାର
ମାସିକ ଇ-ପତ୍ରିକା

# ତୁମେ ମୋ ସରଳତା

ତାରାପ୍ରସାଦ ଜେନା



ସାହିତ୍ୟ ଚର୍ଚ୍ଚାରେ ରୂପସୀ ନାୟିକା
ତୁମେ ମୋର ସରଳତା
ମୁଁ ତୁମ ଆଖିର ଗଭୀର କୋଣରେ
ଟିକେ ଠାର ଦୁର୍ବଳତା
ସାହିତ୍ୟ ଚର୍ଚ୍ଚାରେ ରୂପସୀ ନାୟିକା ।

ପାହାନ୍ତି ପ୍ରହରେ ସପନେ ଆସୁଛ
ସକାଳକୁ ନାହଁ ସଖୀ
ଗୋଲାପ ଫୁଲରେ ଭଅଁର ଉଡୁଛି
ତୁମ ଫେରା ବାଟ ଦେଖି,
ବସନ୍ତ ମଳୟେ ବାସନା ହେଉଛ
ତୁମେ ଭାରି ଚପଳତା
ସାହିତ୍ୟ ଚର୍ଚ୍ଚାରେ ରୂପସୀ ନାୟିକା ।

ଲୁହର ଆଖିକୁ ସତେକି ପୋଛୁଛ
ପ୍ରିୟା ବୋଲି ପରିଚୟ
ବାହାନା ଭିତରେ ସପରାଗେ ମାତିଛ
ଦରହସ ଅଭିନୟ ,
ମିଳନ ମଞ୍ଚରେ ଦୁନିଆ ଦେଖୁଛି
ତୁମ ଇଚ୍ଛା ସଫଳତା
ସାହିତ୍ୟ ଚର୍ଚ୍ଚାରେ ରୂପସୀ ନାୟିକା ।



ରାଜ ରଣପୁର, ନୟାଗଡ଼
ମୋ : ୯୩୪୮୦୫୪୩୦୦

# ଶୂନ୍ୟ ମନ୍ଦିର

ସୁଜିତ କୁମାର ମିଶ୍ର



ଝରକା ଖୋଲା
ଦ୍ୱାର ଖୋଲା
ପ୍ରକୃତି ଖୋଲା
ଆଖି ବି ଖୋଲା
ଦେଖୁଛି ବାହାରକୁ
ପାଦରେ ଶିକୁଳି
ଲମ୍ଫ ମାରି ପାରୁନି
ଅଛି ବୋଲି
ଲକ୍ଷ୍ମଣ ରେଖା,
ଏ କେମିତିକା
ପ୍ରତିରୋଧ,
ବସନ୍ତରୁ ବାସନ୍ଦ,
ପୂର୍ଣ୍ଣତା ଭିତରେ
ଏ କେଉଁ ଶୂନ୍ୟତା
ସମୁଦ୍ର ଭିତରେ
ଏ କେଉଁ ଲହରୀ,
ସବୁଠି ପେଡି
ଭିତରୁ ଚିତ୍କାର,
ସେରକ ପୁରିଲା,
ମାଣକ ପୁରିଲା ବୋଲି
ଆମ ପାଇଁ ଇଏ ଏକ
ନୁହେଁ ତ ଶୂନ୍ୟ ମନ୍ଦିର?



ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ : ୭୬୮୩୮୬୭୭୪୨

# ଆଜିର ଦୁନିଆ

ଅଞ୍ଜଳା ପରମଗୁରୁ



କ'ଣ ବା କହିବା !
ଆଜି ଦୁନିଆଁର କଥା  ଅଜବ ଲାଗେ ବଡ଼,
ଚାରା ନାହିଁ ଆଉ ସହିବାକୁ ପଡ଼େ  ।
ସମସ୍ତେ ଏଠି  ବିଜ୍ଞ ଭେଦ  ଲୁଚି ଗଲାଣି
ସାନ ବଡ଼ର  କାହିଁ କେଉଁ ରସାତଳକୁ ।
ଲାଜେଇ ଯାଏ ସଂସ୍କାର ଅପସରି ଯାଏ
ଅନେକ ଦୂରକୁ ବାକ୍ ରୁଦ୍ଧ ହୋଇ ଯାଏ ତା'ର ।
ଆଉଟୁ ପାଉଟୁ ହୁଏ ଅଣନିଃଶ୍ୱାସୀ ହୁଏ,
ହେଲେ କରିବ ବା  କଣ !
ଏ ଯେ ଶିକ୍ଷିତ ଦୁନିଆଁ ଏଠି ନାହିଁ କିଛି
ଅସମ୍ଭବ ବୋଲି ।
ନଚାଇପାରେ ଶାଳଗ୍ରାମଙ୍କୁ,ଶାଖାମୃଗ
ବିନା ଦ୍ୱିଧା ରେ ପରିଣାମ ଯାହା ହେଉପଛେ।
ଜୋର୍ ଯା'ର ମୂଲକ୍ ତାର୍ ର ଅବାନ୍ତର ଜୀବନ
ଜୀଇଁ ବାକୁ ହୁଏ ; ନାହିଁ ଶୋଚନା
ଅନୁଶୋଚନା ଆପେ ବଞ୍ଚିଲେ ବାପର ନାଁ !
ଏଇ ତ' ଦୁନିଆଁ !!



ଟିଟିଲାଗଡ଼

# ମାଆ ନାମେ ଆସ ଗଛଟେ ପୋତିବା

ଅଜୟ କୁମାର ସେଠୀ



ମାଆ ନାମେ ଆସ ଗଛଟି ପୋତିବା
ସିଏ ହେବ ଶ୍ରେଷ୍ଠ କାମ
ମାଆ ବଳିଦାନ, ଗଛ ଅବଦାନ
ସଂସାରରେ ପୁଣ୍ୟ ଧର୍ମ।

ସବୁ ଦୁଃଖ ସହି ନିଜେ ଜଳି ଜଳି
ଆଲୋକ ଦେଉଛି ମାଆ
ସେହିପରି ଗଛ ବିଷ ପିଇ ପିଇ
ବଞ୍ଚିବାକୁ ଦିଏ ରାହା।

ଗଛ ପରା ଆମ ମର୍ତ୍ତ୍ୟ କାମଧେନୁ
ସବୁ ଇଚ୍ଛା ପୂର୍ଣ୍ଣକରେ
ସେହିପରି ମାଆ ମମତା ସାଗର
ଦୁଃଖ, କଷ୍ଟ ସହି ପରେ।

ଗଛଦେଇଥାଏ ଫୁଲ,ଫଳ,ଛାଇ
ନଭାବି ଆପଣା ପର
ମାଆର ପଣତ ଶ୍ରୀମନ୍ଦିର ନେତ
ମନ ତା ଗଙ୍ଗାର ଧାର।



ଗଛ ଦେଇଥାଏ ଖାଦ୍ୟ,ଜଳ,ବାୟୁ
ଜୀବ ଜଗତର ପାଇଁ
ସେହିପରି ମାଆ ସନ୍ତାନକୁ ରଖେ
ପଣତେ ତାର ଘୋଡେଇ।

ସେଥିପାଇଁ ଆସ ଗଛ ଲଗାଇବା
ଆମରି ମାଆର ପାଇଁ
ଗଛ ହସୁଥିଲେ ଆମେ ହସୁଥିବା
ମାଆର ଆଶିଷ ପାଇ।
ଜଗତ ମଙ୍ଗଳ ନେଇ।
ବିଶ୍ୱ ଶାନ୍ତି ହେବା ପାଇଁ।।।

ଅଞ୍ଚିରା, ନିରାକାରପୁର
ମୋ-୯୯୩୭୧୯୮୮୭୮

# ଅନ୍ୟମନସ୍କ

ଅଭିପ୍ସା ପ୍ରିୟଦର୍ଶିନୀ



ମନ ଏକ ଅମାନିଆ ପକ୍ଷୀରାଜ ଘୋଡା
ଲଗାମ ବିହୁନେ ସେଯେ ହୁଏ ପଥ ହୁଡ଼ା ।
ଶରୀରରେ ଖଞ୍ଜାଥିବା ପାଞ୍ଚଟି ଇନ୍ଦ୍ରିୟ
ସେମାନଙ୍କୁ ନେଇ ଗଢ଼ା ମନର ଆଳୟ ।
ଅଣୁ ଠାରୁ ଅତି ସୁକ୍ଷ୍ମ ଏଇ ସେଇ ମନ
ସାବଧାନ ନରହିଲେ ହୁଏ ଶୋକାଚ୍ଛନ୍ନ।
ଅବିଳମ୍ବେ ଭଗ୍ନ ହୁଏ ସ୍ୱଚ୍ଛ ଏକାଗ୍ରତା
ଘାରି ଆସିଥାଏ ହେଲେ ଅନ୍ୟ ମନସ୍କତା ।
ଅନ୍ୟମନସ୍କରେ ଯିଏ କରେ ଯେଉଁ କର୍ମ
ସଫଳତା ମିଳିବାରେ ଘଟେ ବ୍ୟତିକ୍ରମ ।
ଅଶାନ୍ତିର ବୀଜ ହୋଇ ଉଠେ ଅଙ୍କୁରିତ
ଭାରସାମ୍ୟ ଦୋହଲାଏ କଳିର ଆଗତ ।
ରହୁ ପଛେ ମନ ଆମ ଅନ୍ୟ ମନସ୍କରେ
ଭଲରେ ହେଉ ବା ସିଏ ହେଉ ବି ମନ୍ଦରେ ।
ଆସୁ ଯେତେ ଦୁଃଖ ଅବା ଆସିଥାଉ ସୁଖ
ଆୟତ ନଥିବା ମନ ଏମିତି ହିଁ ଦେଖ ।
ଅନ୍ୟମନସ୍କ ନହ୍ୱନ୍ତି କେବେ ସେହି ଜନ
ବିଭୁ ପାଦେ ଆହୋରହ ଥାଏ ଯାର ଧ୍ୟାନ ।
ସବୁ କିଛି ସଂଗଠିତ ତାଙ୍କରି ଇଚ୍ଛାରେ
ମନୁଷ୍ୟ ଜନ୍ମେ ସାର୍ଥକ ଆମେ ଏ ସଂସାରେ ।
ଯେତିକି ମିଳିଛି ସେତି କିରେ ତୃପ୍ତି ହୋଇ
ପ୍ରଭୁଙ୍କ ନାମ ସ୍ମରଣେ ଦିନ ଦେଲେ ବହି ।
ପ୍ରତିଟି ଦୁଃଖ ଭିତରୁ ମିଳୁଥିବ ସୁଖ
ଅନ୍ୟମନସ୍କତା ଜମା ନମାଡ଼ିବ ପାଖ ।

ଜଟଣୀ, ପୁରୀ

# ଦଶହରା

ସଂଘମିତ୍ରା ମହାପାତ୍ର



ଶାରଦୀୟ ପୂଜା ସମ୍ଭାର ନେଇ
ଆସିଛି ଋତୁ ପାର୍ବଣ
ମା, ଆଗମନି ପାଦ ଶବ୍ଦ ଶୁଣି
ଧରା ହୋଇଛି ଧନ୍ୟ।
ବରଷକୁ ଥରେ ଓହ୍ଲାଇ ଆସେ ମା
ନିଜେ ଧରା ପରେ
ସନ୍ତାନର ଦୁଃଖାହରିବା ପାଇଁକି
ପାପ ଓ ପାପି କୁ ସଂହାର କରେ।
ଅନେଇ ଥାଆନ୍ତି ଧରା ପୁରବାସି
ମାର ସାନିଧ୍ୟ ପାଇଁ
ଘରେ ଘରେ ହସ ଆନନ୍ଦ ଖେଳାଇ
ମା' କୁ ପାଖରେ ପାଇ ।
ସବୁଜ ଶାଢ଼ୀକୁ କାଶତାଣ୍ଡି  ଫୁଲେ
ସଜେଇ ହୋଇଛି ମା'
ମନ୍ଦାର ମାଳକୁ ସିନ୍ଦୂର ଟୋପା
କି ସୁନ୍ଦର ଦିଶେ ଆହା ।
ଘରେ ଘରେ ହସ ଲାଗି ରହିଥାଏ
ବନ୍ଧୁବାନ୍ଧବଙ୍କୁ ନେଇ
ପିଠାପଣା ଆଉ ଫୁଲ ଫଳ ସାଥେ
ପୁଜନ୍ତି ନୈବେଦ୍ୟ ଦେଇ।
ମହାଳୟା ଠାରୁ ଦଶହରା ଯାଇ
ଲାଗି ରହିଥାଏ ପର୍ବ
ମା, ଅଗମନୀ ଖୁସିରେ ସତେ
ମନରେ ଥାଏ କି ଗର୍ବ ।।



ଝରସୁଗୁଡ଼ା

# ଚନ୍ଦ୍ରା ବେହେରାଣୀ

ଅଜୟ କୁମାର ମହାନ୍ତି



ତାରକା ଖଚିତ ମଧୁର ଏ ରାତି
ଚନ୍ଦ୍ରମା ହସଇ ଧୀରେ
ଚନ୍ଦ୍ରା ବେହେରାଣି କବାଟ ଫାଙ୍କରେ
ଜୀବନ ପାଖରେ ହାରେ।
ଆସନ୍ତି ରସିକ ଅତି ସନ୍ତର୍ପଣେ
ଚୁମନ୍ତି ଜିଅନ୍ତା ଶବ
ଲଣ୍ଠନ କାଚ ରେ କଳା ନେସି ଯାଏ
ଜୀବନର ନିଃସ୍ୱ ଭାବ।
କର୍ପୁର ମିଶାଇ ନଡ଼ିଆ ତେଲ ରେ
ଜତନେ ବାନ୍ଧିଛି ଯୁଡ଼ା
କାମୁକ ମାନଙ୍କୁ ନରକ ଦେଖାଏ
ଗଣିନିଏ ଟଙ୍କା ବିଡା।
ଚନ୍ଦ୍ରମା ର ଚୁଡ଼ି ସତେଜ ରହିଛି
ନାହିଁ କିଛି ଖାମି ତା'ର
ଅସତୀ ବୋଲି କି ଦୁନିଆ ଟା କହେ
ପେଟ ପୁରି ଯାଉ ଆଗ।
ଗରିବ ହେଲେ ବି ମରଦ ତାହାର
ସମର୍ପି ଦେଇଛି ମନ
ଆଜ୍ୟେ ବାଜ୍ୟେ ଲୋକ ଦିହ ରେ ଖେଳନ୍ତି
ଛାତି ହୁଏ ଖିନ୍ନ ଭିନ୍ନ।
ଚନ୍ଦ୍ରା ବେହେରାଣୀ ଖୋଜୁଛି ଈଶ୍ୱର
ଆଖପାଖ ଚାରିପାଖ
ମାନସ ପିତା ତା ଧ୍ରୁବ ତାରା ହୋଇ
ଦେଖନ୍ତି ତା ଦୁଃଖ ସୁଖ।



କଳିଙ୍ଗ ବିହାର, ରାଉରକେଲା
ମୋ- ୭୯୭୮୫୬୫୦୬୦

# ଶାଶ୍ୱତର ସ୍ୱର

ସାବିତ୍ରୀ ଦାସ





ସେ ଯେ ପତିତପାବନ ହରି
ସେ ଯେ ମନ୍ଦିର ମଣ୍ଡନ କରି
ବସିଅଛି ଦେଖ ଶିରୀକ୍ଷେତରରେ
ଜଗନ୍ନାଥ ରୂପ ଧରି
ଆହାଃ! କି ସୁନ୍ଦର ସେ ଲାବଣ୍ୟ ରୂପ
ଜଗତରେ ପଡେ ହୁରି।

ବାଜୁଛିରେ ଘଣ୍ଟ ବାଜୁଛି କାହାଳି
ପଡୁଅଛି ହୁଳ ହୁଳି
ସେ ଯେ ଭକତର  ଭକତ ତାହାର
ଭାବରେ ବନ୍ଧା ସେ ଡୋରି
ଅଧିରେ ଆତୁରେ ଡାକିଲେ ଭକତ
ସେ ମନେ ହେଉଥାଏ ଘାରି।

ଦୁଃଖଦୁର୍ଦ୍ଦଶା ରେ ଲହୁ ଲୁହାଣ ମୁଁ
ତୋତେ ହିଁ ଭରସା କରି
କରିଅଛି ଆଶା ରଖିଛି ବିଶ୍ୱାସ
ନାମକୁ ତୋହର ଧରି
ବାଞ୍ଛାନିଧି ମୋର କରନା ନିରାଶ
ବିଶ୍ୱାସରେ ମିଳେ ହରି।

ଜୀର୍ଣ୍ଣଶୀର୍ଣ୍ଣ ଦେହେ ଦୁଃଖକଷ୍ଟ ସହି
ଚାହିଁଛି ଚାତକ ପରି
କରୁଣା ସାଗର ଆହେ ଦୟାମୟ
କରୁଣାରେ ଦିଅ ଭରି
କ୍ଷଣେ ଅନୁକ୍ଷଣେ
ଅନ୍ତର ଭିତରେ ମୋ ହୃଦ କନ୍ଦରେ
ନିତି ନାମ ତୋର ସ୍ମରି।

କିଏ ଯେ କେମିତି ତୋତେରେ ସୁମରେ
ପାରେ ନା ସେ ରୂପ କଳି
ତୁହି ଏକା ଜାଣୁ ସଂଜ୍ଞାକୁ ତୋହରି
ଭିନ୍ନ ଭିନ୍ନ ରୂପ ଧରି
ଭେଦିବ କିଏ  ସେ ଅନନ୍ତ ରହସ୍ୟ
ଯୁଗ ଯୁଗାନ୍ତର ଧରି।

ଆନନ୍ଦପୁର, କେନ୍ଦୁଝର

# 'ଅନୁସ୍ୱାର'ମାସିକ ଡିଜିଟାଲ ପତ୍ରିକାର ୱେବସାଇଟ ଓ ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀଙ୍କ ରଚିତ 'ପ୍ରୀତିମଗ୍ନା' ପୁସ୍ତକ ଲୋକାର୍ପଣର ପ୍ରକାଶିତ ଖବର ।

ଜନ ଜାଗରଣ
THE JAN JAGARAN NEWS

## "ଅନୁସ୍ୱାର" ୱେବ ସାଇଟ ଓ ଡକ୍ଟର ପ୍ରତିମରଣୀ ମିଶ୍ର ଷଡଙ୍ଗୀଙ୍କ "ପ୍ରୀତିମାଗ୍ନା" ଲୋକାର୍ପିତ ।

By Janjagran Editor - August 19, 2025



ଭୁବନେଶ୍ୱର,୧୯/୮/୨୦୨୫ (ଜେ.ଏନ୍.ଏସ୍.), ଆଜି ଜି.ଏସ୍.ଆର. ମ୍ୟୁଜିକ୍ ଓ ଅନୁସ୍ୱାର ସାହିତ୍ୟ ପରିବାର ଦ୍ୱାରା ପ୍ରଯୋଜିତ ଡକ୍ଟର ପ୍ରତିମରଣୀ ମିଶ୍ର ଷଡଙ୍ଗୀଙ୍କ ୭୩ ତମ ଜନ୍ମଦିବସ ପାଳନ ଅବସରରେ ତାଙ୍କ ସ୍ୱ-ରଚିତ ୧୪୨ ତମ ପୁସ୍ତକ "ପ୍ରୀତିମାଗ୍ନା" ଓ "ଅନୁସ୍ୱାର" ମାସିକ ଡିଜିଟାଲ ପତ୍ରିକାର ୱେବ ସାଇଟ(www.anuswaar.com) ଲୋକର୍ପଣ ଉତ୍ସବ ୟୁନିଟ -୯ ସ୍ଥିତ ବୁଦ୍ଧମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି ।




ଉକ୍ତ ସଭାର ପ୍ରଥମ ଅଧିବେଶନରେ ଆଧ୍ୟାତ୍ମିକ କବିତା ପାଠ, ସଙ୍ଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା ।ଏହି ଅଧିବେଶନକୁ ସଭାପତିତ୍ୱ କରିଥିଲେ ଓଡ଼ିଶା ଲେଖିକା ସଂସଦର ସମ୍ପାଦିକା ଡକ୍ଟର ସୁଚେତା ରାଉତ ଏବଂ ସଂଯୋଜନା କରିଥିଲେ "ସ୍ମୃତି ଶତଦଳ" ର ସମ୍ପାଦିକା ଶ୍ରୀମତୀ ସବିତାରଣୀ ବେହେରା, "ନାଳନ୍ଦା ବାଣୀ" ପତ୍ରିକାର ସମ୍ପାଦିକା ପୌର୍ଣ୍ଣମାସୀ ଦେବୀ, "ବିଭିତାଭା" ପତ୍ରିକାର ସମ୍ପାଦକ ଶ୍ରୀଯୁକ୍ତ ବିପିନ ଦଳେଇ, "ଅନୁଭୂତିରେ ଈଶ୍ୱର" ପତ୍ରିକାର ସମ୍ପାଦିକା ଶ୍ରୀମତୀ ପ୍ରଭାସିନୀ ମିଶ୍ର ।




ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ଉଦଘାଟକ ଭାବରେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗ ଦେଇ "ପ୍ରୀତିମାଗ୍ନା" ଓ "ଅନୁସ୍ୱାର" ମାସିକ ଡିଜିଟାଲ ପତ୍ରିକାର ୱେବ ସାଇଟକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ତଥା ଓଡ଼ିଶାର ପ୍ରଖ୍ୟାତ ସାହିତ୍ୟିକ ଶ୍ରୀଯୁକ୍ତ ଦାଶ ବେନହୁର ପ୍ରତିମାରାଣୀଙ୍କ ବାଲ୍ୟ ଶିକ୍ଷା ଠାରୁ ଏ ଅବଧିର ଯାତ୍ରା , ସଂସାର ସମ୍ଭାଳିବା ସହିତ ସାହିତ୍ୟ ସାଧନା ଉପରେ ସବିଶେଷ ତଥ୍ୟ ରଖିଥିଲେ । ସମ୍ମାନିତ ଅତିଥି ତଥା ଓଡ଼ିଶାର ପ୍ରଖ୍ୟାତ ଗୀତିକବି ଶ୍ରୀଯୁକ୍ତ ବସନ୍ତ କୁମାର ଦାଶ କବୀ ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀଙ୍କ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହିତ ତାଙ୍କ ପୁସ୍ତକ "ପ୍ରୀତିମାଗ୍ନା"ରେ ଗୀତିକବିତାର ଗୁଣବତ୍ତା ସ୍ପଷ୍ଟ ପ୍ରତୀତ ବୋଲି ଗୀତିକବିତାର ବ୍ୟାକରଣକୁ ଉଦାହରଣ ଦେଇ ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ତଥା ଭାଷାବିତ୍ ଡକ୍ଟର ଦେବାଶିଷ ମହାପାତ୍ର ପ୍ରତିମାରାଣୀଙ୍କ ଗୀତିକବିତାର ମାର୍ମିକ ଭାବ ଚେତନା ବିଷୟରେ ଆଲୋଚନା କରିବା ସହ "ଅନୁସ୍ୱାର" ଡିଜିଟାଲ ପତ୍ରିକାର ଓଡିଆ ସାହିତ୍ୟ ପ୍ରତି ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ ।





ଲେଖକୀୟ ଅଭିବ୍ୟକ୍ତିରେ କବୀ ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ ଗୀତାକବିତା ଭିତରେ ଗୀତିକବିତା କିପରି ନିଜସ୍ୱ ଅନୁଭବର କଥା କହିଥିଲେ । ପ୍ରକାଶକୀୟ ଅଭିଭାଷଣରେ ପୁସ୍ତକ ଓ ପତ୍ରିକାର ପ୍ରକାଶକ ତଥା ନ୍ୟୁଜ୍ ଫ୍ରିଏସନ୍‌ର ମ୍ୟାନେଜିଙ୍ଗ ଡାଇରେକ୍ଟର ଶ୍ରୀଯୁକ୍ତ ସରୋଜ ଶତପଥୀ ନିଜ ପ୍ରକାଶନୀ ସଂସ୍ଥା କରିଆରେ ଓଡିଆ ଲେଖକ/ଲେଖିକାମାନଙ୍କୁ ବିଶ୍ୱସ୍ତରରେ ଗୋଟିଏସମ୍ପ୍ରଦାୟ (community)ରେ ଯୋଡିବା "ଅନୁସ୍ୱାର" ୱେବ ସାଇଟର ମୂଳଲକ୍ଷ୍ୟ ବୋଲି କହିଥିଲେ । ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ ନିଜର ସଭାପତିତ୍ୱ ଅଭିଭାଷଣରେ ପ୍ରତିମା ରାଣୀଙ୍କ 142 ତମ ପୁସ୍ତକରେ ଶୁଭ୍ ଶାସ୍ତ୍ର ଆଉ ଚାରୋଟି ପୁସ୍ତକ ରଚନା କରି ତାଙ୍କର ବୟସର ଦୁଇଗୁଣ ବହି ରଚନା କରିଥିବାର ସଫଳତା ବା ଶ୍ରେୟ ନିଅନ୍ତୁ କହିବା ସହ ତାଙ୍କ ଜୀବନର ଅନେକ ଦିଗ ବିଷୟରେ ବିଶଦ ବକ୍ତବ୍ୟ ରଖିଥିଲେ ।




କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ଶ୍ରୀମତୀ ଚମକ ଚାନ୍ଦିନୀ ଦାଶ ଓ ସହଯୋଗ କରିଥିଲେ ଶ୍ରୀମତୀ ଶୁଭଶ୍ରୀ ସିଂ, ମଧୁସ୍ମିତା ଶା ଓ ଅନ୍ୟମାନେ । ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଲେଖକ/ଲେଖିକାମାନେ ଯୋଗଦେଇ ପ୍ରତିମା ରାଣୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣେଇବା ସହ ନିଜ ନିଜ ସ୍ୱରଚିତ ଆଧ୍ୟାତ୍ମିକ କବିତା ପାଠ କରିଥିଲେ । କୁନି କୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଶ୍ରୀମତୀ ଶୁଭ୍ରା ନନ୍ଦ ।

ନିତିଦିନ
NITIDIN
BHUBANESWAR - 21 Aug 2025 - Page 11

## ପୁସ୍ତକ 'ପ୍ରୀତିମଗ୍ନା' ଲୋକାର୍ପିତ



ଭୁବନେଶ୍ୱର,୨୦।୮/ଏନ୍‌ଏନ୍‌ଏସ୍: ଜିଏସ୍‌ଆର୍ ମ୍ୟୁଜିକ ଓ ଅନୁସ୍ୱାର ସାହିତ୍ୟ ପରିବାର ପକ୍ଷରୁ ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀଙ୍କ ୭୩ ଜନ୍ମଦିବସ ପାଳନରେ 'ୱେବ୍‌ସାଇଟ୍' ଓ 'ପ୍ରୀତିମଗ୍ନା' ପୁସ୍ତକ ଲୋକାର୍ପଣ ବୁଦ୍ଧମନ୍ଦିର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଡକ୍ଟର କୈଳାସଚନ୍ଦ୍ର ଟିକାୟତ ରାୟ । ସରୋଜ ଶତପଥୀ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିବାବେଳେ ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ ଅତିଥି ପ୍ରଦାନ କରିଥିଲେ । ଗୀତିକବି ବସନ୍ତ ଦାସ, ମୁଖ୍ୟବକ୍ତା ଭାବେ ଡକ୍ଟର ଦେବାଶିଷ ମହାପାତ୍ର, ମୁଖ୍ୟଅତିଥି ଦାଶ ବେନହୁର ନିଜ ନିଜର ବକ୍ତବ୍ୟ କରିଥିଲେ । ଅତିଥିମାନେ କହିଥିଲେ ଯେ ବାଧାବନ୍ଧନ ଭିତରେ ସାରସ୍ୱତ ସର୍ଜନା ଆମକୁ ବାଟ କଢ଼ାଇନିଏ । ସାହିତ୍ୟ ସମସ୍ତଙ୍କୁ ଏକାଠି କରେ । ବିବିଧତା ସହ ନିଜକୁ ମୁକ୍ତ କରିବାର ପ୍ରୟାସ କରିଥାଏ । ମୁଖ୍ୟବକ୍ତା ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ସହକାରୀ ପ୍ରଫେସର ଦେବାଶିଷ ମହାପାତ୍ର କହିଥିଲେ ଯେ ବୃନ୍ଦାବତୀ ଦାସଙ୍କଠାରୁ ପ୍ରତିମା ରାଣୀ ପର୍ଯ୍ୟନ୍ତ ଓଡ଼ିଆ ନାରୀକବୀ ଯେଉଁ ଭକ୍ତିଗୀତିର ଧାରାକୁ ଗତିଶୀଳତା ଦେଇଛନ୍ତି ତାହା ଅନନ୍ୟ । ସର୍ବଦା ବିଭୁପ୍ରୀତିରେ ତଲ୍ଲୀନ ରହି ନିଜ କଲମ ମୁନରୁ ନିସୃତ ୧୮୩ଟି ଭଜନ ଓ ଭକ୍ତି ଗୀତକୁ ନେଇ ସମସ୍ତ ସାହିତ୍ୟ ପ୍ରେମୀଙ୍କୁ ଭକ୍ତିରସରେ ଆପ୍ୟାୟିତ କରିବା ପାଇଁ ବାଣୀଭଣ୍ଡାରକୁ ସମର୍ପି ଦେଇଛନ୍ତି ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ । ତାଙ୍କର ୧୪୨ତମ ସୃଷ୍ଟି ପ୍ରୀତିମଗ୍ନା ନିଶ୍ଚୟ ପାଠକମାନଙ୍କୁ ପ୍ରୀତି ବିଭୋର କରିବ ବୋଲି ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ ତାଙ୍କ ବକ୍ତବ୍ୟ ପ୍ରଦାନ କହିଛନ୍ତି । ଡକ୍ଟର ସୁଚେତା ରାଉତଙ୍କ ସଭାପତିତ୍ୱରେ କବିତା ପାଠ ଉତ୍ସବ ହୋଇଥିଲା । ସବିତା ରାଣୀ ବେହେରା, ପୌର୍ଣ୍ଣମାସୀ ଦେବୀ, ପ୍ରଭାସିନୀ ମିଶ୍ର, ବିପିନ ବିହାରୀ ଦଳେଇ ପ୍ରମୁଖ ସଂଯୋଜନା କରିଥିଲେ । ୩୦ରୁ ଊର୍ଦ୍ଧ୍ୱ କବି, କବୟିତ୍ରୀ କବିତା ପାଠ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ଶୁଭ୍ରା ନନ୍ଦ । ଚମକଚାନ୍ଦିନୀ ଦାଶ ମଞ୍ଚ ପରିଚାଳନା କରିଥିଲେ ।

## 'ପ୍ରୀତିମଗ୍ନା' ଲୋକାର୍ପିତ

ଭୁବନେଶ୍ୱର, ୨୦।୮(ସମିସ): ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ 'ଅନୁସ୍ୱାର' ୱେବସାଇଟ୍ ଓ 'ପ୍ରୀତିମଗ୍ନା' ପୁସ୍ତକ ବୁଦ୍ଧ ମନ୍ଦିର ପ୍ରେକ୍ଷାଳୟରେ ଲୋକାର୍ପିତ ହୋଇଛି । ଡ. କୈଳାଶ ଚନ୍ଦ୍ର ଟିକାୟତରାୟ ସଭାପତିତ୍ୱ କରିଥିବାବେଳେ ପ୍ରକାଶକୀୟ ଅଭିବ୍ୟକ୍ତି ସରୋଜ ଶତପଥୀ ରଖିଥିଲେ । ପରେ ପରେ ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ ନିଜ ଲେଖକୀୟଅଭିବ୍ୟକ୍ତିପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦାଶ ବେନହୁର, ମୁଖ୍ୟବକ୍ତା ଭାବେ ଡ. ଦେବାଶିଷ ମହାପାତ୍ର ଏବଂ ବିଶିଷ୍ଟ ଅତିଥି ଭାବେ ଗୀତିକବି ବସନ୍ତ ଦାସ ଯୋଗ ଦେଇଥିଲେ । ସ୍ରଷ୍ଟା ସମାଜକୁ ସାହିତ୍ୟ ଶୃଙ୍ଖଳିତ କରେ ବୋଲି ମତ ପ୍ରକାଶ ପାଇଥିଲା । 'ପ୍ରୀତିମଗ୍ନା' ପୁସ୍ତକ ନିଶ୍ଚୟ ପାଠକମାନଙ୍କୁ ବିଭୋର କରିବ ବୋଲି ଡ. ପ୍ରତିମାରାଣୀ ମିଶ୍ରକହିଛନ୍ତି । ଶେଷରେ ଶୁଭ୍ରା ନନ୍ଦ ଧନ୍ୟବାଦ ଦେଇଥିଲେ ।

ପ୍ରମେୟ
THE PRAMEYA

BHUBANESWAR 20 Aug, 2025

## ଭକ୍ତିଗୀତି ପୁସ୍ତିକା 'ପ୍ରୀତିମଗ୍ନା' ଲୋକାର୍ପିତ

ଭୁବନେଶ୍ୱର,୧୯।୮(ବ୍ୟୁରୋ): ଜିଏସ୍‌ଆର୍ ମ୍ୟୁଜିକ୍ ଓ ଅନୁସ୍ୱାର ପକ୍ଷରୁ ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀଙ୍କ ୭୩ତମ ଜନ୍ମଦିନ ପାଳିତ ହୋଇଛି । ଏହି ଅବସରରେ ପୁସ୍ତକ ଓ ୱେବ୍‌ସାଇଟ୍ ଲୋକାର୍ପିତ ହୋଇଯାଇଛି । ବୁଦ୍ଧ ମନ୍ଦିର ପରିସରରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରତିଷ୍ଠାତା କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ଦାଶ ବେନହୁର, ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ସହକାରୀ ପ୍ରଫେସର ଦେବାଶିଷ ମହାପାତ୍ର, ଗୀତିକବି ବସନ୍ତ କୁମାର ଦାସ, ବିଶିଷ୍ଟ ଭାଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକ, ପ୍ରକାଶକ ସରୋଜ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ । ଶ୍ରୀମତୀ ଷଡ଼ଙ୍ଗୀଙ୍କ ଭକ୍ତିଗୀତି ପୁସ୍ତିକା 'ପ୍ରୀତିମଗ୍ନା' ଓ 'ଅନୁସ୍ୱାର' ୱେବ୍‌ସାଇଟ ଉନ୍ମୋଚିତ ହୋଇଥିଲା । ଏଥିସହିତ ସୁଚେତା ରାଉତଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ହୋଇଥିଲା । ଉତ୍ସବକୁ ସବିତାରାଣୀ ବେହେରା, ପୌର୍ଣ୍ଣମାସୀ ଦେବୀ, ବିପିନ ଦଳେଇ, ପ୍ରଭାସିନୀ ମିଶ୍ର ପ୍ରମୁଖ ସଂଯୋଜନା କରିଥିଲେ । ଚମକଚାନ୍ଦିନୀ ଦାଶ ମଞ୍ଚ ପରିଚାଳନା କରିଥିଲେ ଏବଂ ଶୁଭ୍ରା ନନ୍ଦ ଧନ୍ୟବାଦ ଦେଇଥିଲେ ।



## 'ଅନୁସ୍ୱାର'ମାସିକ ଡିଜିଟାଲ ପତ୍ରିକାର ୱେବସାଇଟ ଓ ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀଙ୍କ ରଚିତ 'ପ୍ରୀତିମଗ୍ନା' ପୁସ୍ତକ ଲୋକାର୍ପଣର ପ୍ରକାଶିତ ଖବର ।

ସମ୍ବାଦ

### ଭକ୍ତିଗୀତି ପୁସ୍ତିକା 'ପ୍ରୀତିମଗ୍ନା' ଓ 'ଅନୁସ୍ୱାର' ୱେବ୍‌ସାଇଟ୍ ଉନ୍ମୋଚିତ



ଭୁବନେଶ୍ୱର, ୨୧/୮(ଇମିସ):ଜିଏସ୍‌ଆର୍ ମ୍ୟୁଜିକ୍ ଓ ଅନୁସ୍ୱାର ପକ୍ଷରୁ ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀଙ୍କ ଜନ୍ମଦିନ ଅବସରରେ ପୁସ୍ତକ ଓ ୱେବ୍‌ସାଇଟ ଲୋକାର୍ପିତ ହୋଇଯାଇଛି। ବୁଦ୍ଧମନ୍ଦିର ପରିସରରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରତିଷ୍ଠାତା କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଗ୍ରନ୍ଥକାର ଦାଶ ବେନହୁର, ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ସହକାରୀ ପ୍ରଫେସର ଦେବାଶିଷ ମହାପାତ୍ର, ଗୀତିକବି ବସନ୍ତ କୁମାର ଦାସ, ବିଶିଷ୍ଟ ଭାଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକ, ପ୍ରକାଶକ ସରୋଜ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀମତୀ ଷଡ଼ଙ୍ଗୀଙ୍କ ଭକ୍ତିଗୀତି ପୁସ୍ତିକା 'ପ୍ରୀତିମଗ୍ନା' ଓ 'ଅନୁସ୍ୱାର' ୱେବ୍‌ସାଇଟ ଉନ୍ମୋଚିତ ହୋଇଥିଲା। ଏଥିସହିତ ସୁଚେତା ରାଉତଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବକୁ ସବିତାରାଣୀ ବେହେରା, ପୌର୍ଣ୍ଣମାସୀ ଦେବୀ, ବିପିନ ଦଳେଇ, ପ୍ରଭାସିନୀ ମିଶ୍ର ପ୍ରମୁଖ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଚମକଚାନ୍ଦିନୀ ଦାଶ ମଞ୍ଚ ପରିଚାଳନା କରିଥିଲେ ଏବଂ ଶୁଭ୍ରା ନନ୍ଦ ଧନ୍ୟବାଦ ଦେଇଥିଲେ।

### କବିତା ପାଠୋତ୍ସବ, ପୁସ୍ତକ ଓ ୱେବସାଇଟ୍ ଲୋକାର୍ପଣ



ଭଉରଭୁବନେଶ୍ୱର, ୧୯।୮ (ନି.ପ୍ର): ଜିଏସ୍‌ଆର୍ ମ୍ୟୁଜିକ ଓ ଅନୁସ୍ୱାର ସାହିତ୍ୟ ପରିବାର ପକ୍ଷରୁ ମଙ୍ଗଳବାର ବୁଦ୍ଧ ମନ୍ଦିର ସଭାଗୃହରେ ଆଧ୍ୟାତ୍ମିକ କବିତା ପାଠ ଓ ଭକ୍ତି ସଂଗୀତ ପରିବେଷଣ ହୋଇଛି। ଏହାସହ ଡ. ପ୍ରତୀମା ରାଣୀ ମିଶ୍ର ଷଡ଼ଙ୍ଗୀଙ୍କ ସ୍ୱରଚିତ ଭକ୍ତି ଗୀତି ସଙ୍କଳନ 'ପ୍ରୀତିମଗ୍ନା' ଓ ଅନୁସ୍ୱାର ମାସିକ ଡିଜିଟାଲ ସାହିତ୍ୟ ପତ୍ରିକାର ୱେବସାଇଟ୍ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। କବିତା ପାଠ ଓ ସଂଗୀତ ପରିବେଷଣ କାର୍ଯ୍ୟକ୍ରମରେ ସାହିତ୍ୟିକ ଡ. ସୁଚରିତା ରାଉତ ସଭାପତିତ୍ୱ କରିଥିଲେ। ସଂଯୋଜିକାଭାବେ ସ୍ତୁତି ସାନ୍ତ୍ୱନାର ସମ୍ପାଦିକା ସବିତାରାଣୀ ବେହେରା, ନୀଳଚକ୍ର ବାନାର ସମ୍ପାଦିକା ପୌର୍ଣ୍ଣମାସୀ ଦେବୀ, ଟିକିତାରାର ସମ୍ପାଦକ ବିପିନ ଦଳାଇ ଏବଂ ଅନୁଭୂତିରେ ଇଶ୍ୱରର ସମ୍ପାଦିକା ପ୍ରବାସିନୀ ମିଶ୍ର କାର୍ଯ୍ୟ ସମ୍ପାଦନ କରିଥିଲେ। ସନ୍ଧ୍ୟାରେ ଦ୍ୱିତୀୟ ଅଧିବେଶନ ଆରମ୍ଭ ହୋଇଥିବା ବେଳେ ଏଥିରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ଡ. କୈଳାଶ ଚନ୍ଦ୍ର ଟିକାୟତରାୟ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ସାହିତ୍ୟିକ ଦାଶ ବେନହୁର କହିଥିଲେ, ବାଧା ବନ୍ଧନ ଭିତରେ ସାରସ୍ୱତ ସର୍ଜନା ଆମକୁ ବାଟ କଢାଇ ନିଏ।

ମୁଖ୍ୟ ବକ୍ତା ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଗବେଷକ ଡ. ଦେବାଶିଷ ମହାପାତ୍ର କହିଲେ, ଓଡିଆ ନାରୀ କବିଙ୍କ ଭକ୍ତି ଗୀତ ଅନନ୍ୟ। ଅତିଥି ଭାବେ ଆକାଶବାଣୀର ଗୀତିକାର ବସନ୍ତ କୁମାର ଦାସ ଯୋଗ ଦେଇଥିଲେ। ପ୍ରୀତିମଗ୍ନାର କବି ତଥା କଣ୍ଠଶିଳ୍ପୀ ଡ. ପ୍ରତୀମା ରାଣୀ ମିଶ୍ର ଷଡ଼ଙ୍ଗୀ, ସରୋଜ କୁମାର ଶତପଥୀ ଯୋଗ ଦେଇଥିଲେ। କବି ଚମକ ଚାନ୍ଦିନୀ ଦାଶ ମଞ୍ଚ ପରିଚାଳନା କରିଥିଲେ।

## 'ଅନୁସ୍ୱାର'ମାସିକ ଡିଜିଟାଲ ପତ୍ରିକାର ୱେବସାଇଟ ଓ ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀଙ୍କ ରଚିତ 'ପ୍ରୀତିମଗ୍ନା' ପୁସ୍ତକ ଲୋକାର୍ପଣର କିଛି ସ୍ମୃତି ।















## 'ଅନୁସ୍ୱାର'ମାସିକ ଡିଜିଟାଲ ପତ୍ରିକାର ପ୍ରଥମ ବର୍ଷ, ପ୍ରଥମ (ଏପ୍ରିଲ୍ ୨୦୨୫) ସଂଖ୍ୟା ଓ କବୀ ଅପରାଜିତାଙ୍କ ରଚିତ 'ନୀଳଜହ୍ନର ଜ୍ୟୋତ୍ସ୍ନା' ପୁସ୍ତକ ଲୋକାର୍ପଣର କିଛି ସ୍ମୃତି ।

















## 'ଅନୁସ୍ୱାର'ମାସିକ ଡିଜିଟାଲ ପତ୍ରିକାର ପ୍ରଥମ ବର୍ଷ, ପ୍ରଥମ (ଏପ୍ରିଲ୍ ୨୦୨୫) ସଂଖ୍ୟା ଓ କବୀ ଅପରାଜିତାଙ୍କ ରଚିତ 'ନୀଳଜହ୍ନର ଜ୍ୟୋସ୍ନା' ପୁସ୍ତକ ଲୋକାର୍ପଣର କିଛି ସ୍ମୃତି ।



















## 'ଅନୁସ୍ୱାର'ମାସିକ ଡିଜିଟାଲ ପତ୍ରିକାର ପ୍ରଥମ  ବର୍ଷ, ପ୍ରଥମ (ଏପ୍ରିଲ୍ ୨୦୨୫) ସଂଖ୍ୟା ଓ କବୀ ଅପରାଜିତାଙ୍କ ରଚିତ 'ନୀଳଜହ୍ନର ଜ୍ୟୋତ୍ସ୍ନା' ପୁସ୍ତକ ଲୋକାର୍ପଣର କିଛି ସ୍ମୃତି ।

















The Anuswaar
Monthly e-Magazine
Vol - 1/Issue-III/October-2025

# ଅନୁସ୍ୱାର

ମାସିକ ଇ-ପତ୍ରିକା

ଅକ୍ଟୋବର -୨୦୨୫

ପୂଜା ବିଶେଷାଙ୍କ



ସମ୍ପାଦନା : ସରୋଜ କୁମାର ଶତପଥୀ

Publisher :
Newtra Creations, Bhubaneswar

Contact Us : +91 9937128547 / Email : anuswaar.emagazine@gmail.com / Website : www.anuswaar.com